

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଯା ଦେବୀ ସର୍ବଭୂତେଷୁ............

# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

ବାଲେଶ୍ୱର ■ ସୋମବାର ୧୧ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-୦୮ ■ Baleshwar ♦ MONDAY 11 MARCH 2024

Vol.No. 35 ■ No.70 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା



website : www.dhwanipratidhwani.net

email: pratidhwani.dhwani@gmail.com








# ଆଓ୍ୱାରନେସ୍ ସମବାୟ ସମିତି ନାଁରେ ସାଂଘାତିକ ଅଭିଯୋଗ: ରଣ ପରିଶୋଧ ପରେ ବି ଆଦାୟ ନୋଟିସ୍




ସୁନ୍ଦରଗଡ଼ , ୧୦/୩ (ନି.ପ୍ର): ସୁନ୍ଦରଗଡ଼ ଟାଉନ ଥାନା ଶଙ୍କରାସ୍ଥ ଆଓ୍ୱାରନେସ୍ ସମବାୟ ସମିତି ନାମରେ ଆସିଛି ସାଂଘାତିକ ଅଭିଯୋଗ। କିଛି ଲୋକଙ୍କୁ ରଣ ନଦେଇ ଓ କିଛି ଲୋକ ରଣ ପରିଶୋଧ କରିବା ପରେ ମଧ୍ୟ ଆଦାୟ ପାଇଁ ଲୋକ ଅଦାଲତ ଜରିଆରେ ଜାରି କରିଛି ନୋଟିସ। ଏହାକୁ ନେଇ ଶନିବାର ସୁନ୍ଦରଗଡ଼ ଜିଲ୍ଲା କୋର୍ଟ ପରିସରରେ ପୀଡ଼ିତ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିବା ଦେଖାଯାଇଥିଲା।

ଅଭିଯୋଗ ହୋଇଛି, ଆଓ୍ୱାରନେସ ସମବାୟ ସମିତି ତରଫରୁ ଜିଲ୍ଲାର ଗ୍ରାମାଞ୍ଚଳର ବହୁ ମହିଳା ଓ ପୁରୁଷଙ୍କୁ ରଣ ପରିଶୋଧ କରି ନଥିବା ନେଇ ଅଭିଯୋଗ ଆଣି ଲୋକ ଅଦାଲତ ଜରିଆରେ ନୋଟିସ ଜାରି କରିଥିଲା। ନୋଟିସ ପାଇ ବିଭିନ୍ନ ସ୍ଥାନରୁ ୩୦ରୁ ଅଧିକ ଲୋକ ଅଦାଲତକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ଅନେକ ରଣ ନେଇ ପରିଶୋଧ କରିସାରିଥିଲେ ମଧ୍ୟ କାହାକୁ ୫୬ ହଜାର ତ ଆଉ କାହାକୁ ୨୮ ହଜାର ଟଙ୍କା ପରିଶୋଧ ପାଇଁ ନୋଟିସ କରାଯାଇଥିବା ଅଭିଯୋଗ କରିଥିଲେ। କିଛି ଲୋକ ରଣ ନେଇ ନଥିଲେ ମଧ୍ୟ ନୋଟିସ ଆସିଥିବା ପ୍ରକାଶ କରିଥିଲେ। ଏପରିକି ସଂସ୍ଥାରେ ସଞ୍ଚୟ ଖାତା ଖୋଲିଥିବା ଲୋକଙ୍କ ନାମରେ ମଧ୍ୟ ରଣ ଆଦାୟ ନୋଟିସ ଆସିଥିବା ଅଭିଯୋଗ ହୋଇଛି।

ବଣାଇ ବ୍ଲକ୍ କେନାଭଟାର ସୀମା ବାଗଙ୍କ କହିବା ଅନୁସାରେ, ସେ ମାତ୍ର ୨ ହଜାର ଟଙ୍କାର ରଣ ନେଇଥିଲେ। ଯାହାକୁ ସେ ପରିଶୋଧ କରି ଦେଇଛନ୍ତି। କିନ୍ତୁ ସଂସ୍ଥା ଥରେ ବି ଏ ସଂକ୍ରାନ୍ତରେ କୌଣସି ନୋଟିସ କି ସୂଚନା ନଦେଇ ହଠାତ ଲୋକ ଅଦାଲତ ଜରିଆରେ ୨୮୩୨୩ ଟଙ୍କା ପରିଶୋଧ କରିବାକୁ ନୋଟିସ ଜାରି କରିଛନ୍ତି। ସେହିପରି ସେହି ଗାଁର ସଂଯୁକ୍ତା କିସାନ ୫ ହଜାର ଟଙ୍କା ରଣ ନେଇ ପରିଶୋଧ କରି ଦେଇଥିଲେ ମଧ୍ୟ ତାଙ୍କୁ ୫୬୦୯୨ ଟଙ୍କା ପରିଶୋଧ ନୋଟିସ ଆସିଥିବା ପ୍ରକାଶ କରିଛନ୍ତି। ସବୁଠାରୁ ରୋଚକ କଥା ହେଲା, ୨୦୦୬ ମସିହାରେ ଜନ୍ମ ଗ୍ରହଣ କରିଥିବା କାପୁଟିକ୍ରାର ଜଣେ ୧୮ ବର୍ଷୀୟ ଯୁବକ ଅରୁଣ ମୁଣ୍ଡାଙ୍କୁ ରଣ ନେଇ ପରିଶୋଧ କରିନଥିବା ଦର୍ଶାଇ ୩୫ ହଜାର ଟଙ୍କାର ନୋଟିସ ଜାରି ହୋଇଛି। ବଣାଇ କେନାଭଟାର କେତକୀ କିସାନ ସଂସ୍ଥାରେ ଗତ ୨୦୦୬ରେ ଏକ ସଂଚୟ ଖାତା ଖୋଲି ଟଙ୍କା ଜମା କରିଥିଲେ। ସେ ଆଦୌ ରଣ ନେଇ ନଥିବା ବେଳେ ତାଙ୍କ ନାମରେ ୧୭୦୭୧ ଟଙ୍କାର ପରିଶୋଧ ନୋଟିସ ଆସିଥିବା ଅଭିଯୋଗ କରିଛନ୍ତି।

ସେହିପରି କାପୁଟିକ୍ରାର ଜନ୍ମ କିସାନଙ୍କୁ ୨୬୧୩୩ ଟଙ୍କା, ଶିରା କିସାନଙ୍କୁ ୬୩୯୦ ଟଙ୍କା, ମୋହନ କିସାନଙ୍କୁ ୨୫୦୭୬ ଟଙ୍କା, ନରେଶ କିସାନଙ୍କୁ ୬୯୪୫ ଟଙ୍କା, ଡାଲିମ୍ବ କିସାନଙ୍କୁ ୪୪୩୨ ଟଙ୍କା, ଯମୁନା ସଂକ୍ରିଆଙ୍କୁ ୬୫୫୩ ଟଙ୍କା, କେପସେର ଗଜେନ୍ଦ୍ର ମାଝୀଙ୍କୁ ୧୭୦୨୮ ଟଙ୍କା, ବଣାଇ କେନାଭଟାର ସୁଲ କିସାନଙ୍କୁ ୯୭୪୭ ଟଙ୍କା, ମଧୁସୂଦନ କିସାନଙ୍କୁ ୩୨୧୫୩ ଟଙ୍କା, କିରିପସିରାର ଅର୍ଜୁନ ମୁଣ୍ଡାଙ୍କୁ ୧୭୫୨୧ ଟଙ୍କା, ତିଲେଇମାଲର ଗୋପାଳ କିସାନଙ୍କୁ ୨୧୦୫୪ ଟଙ୍କା, ଲୀଲା ପାତ୍ରଙ୍କୁ ୧୦୯୩୬ ଟଙ୍କା, ବଳଭଦ୍ର କିସାନଙ୍କୁ ୧୨୫୬୮ ଟଙ୍କା, କେନ୍ଦୁଧୁଡ଼ାର ହରିଚନ୍ଦ୍ର କିସାନଙ୍କୁ ୧୯୩୫୨ ଟଙ୍କା, ଯଶୋବନ୍ତି ସାଏଙ୍କୁ ୯୬୭୬ ଟଙ୍କା, ଯଶୋଦା ମିଞ୍ଜଙ୍କୁ ୧୨୩୮୬ ଟଙ୍କା, ପ୍ରଶାନ୍ତ ପ୍ରଧାନଙ୍କୁ ୧୪୪୭୫ ଟଙ୍କା, ସତ୍ରି ସାଇନଙ୍କୁ ୧୦୨୮୮ ଟଙ୍କା, ଖୁଣ୍ଟମୁଣ୍ଡାର ରବିରନ୍ ମହାନନ୍ଦିଆଙ୍କୁ ୧୦୨୨୩ ଟଙ୍କାର ନୋଟିସ ଆସିଥିଲା। କିଏ ୨ ହଜାର, କିଏ ୫ ହଜାର ରଣ ନେଇ ପରିଶୋଧ କରି ଦେଇଥିଲେ ମଧ୍ୟ ଏ ନୋଟିସ ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି ବୋଲି କହିଛନ୍ତି। ଏ ନେଇ ଲୋକ ଅଦାଲତରେ ଉପସ୍ଥିତ ସଂସ୍ଥାର ଅଧିକାରୀଙ୍କ ପ୍ରତିକ୍ରିୟା ନେବା ପାଇଁ ଚେଷ୍ଟା କରାଯାଇଥିଲା। କିନ୍ତୁ ସେ ପ୍ରତିକ୍ରିୟା ଦେବାକୁ ସିଧାସିଧା ମନା କରିଦେଇଥିଲେ।

# ୩୦ ବର୍ଷ ପରେ ବି ସରୁନି ବିସ୍ଥାପିତଙ୍କ ଦୁଃଖ: ଭିଟାମାଟି ମୋହରେ ବଞ୍ଚୁଛନ୍ତି ଜଳବନ୍ଦି ଜୀବନ



ଭବାନୀପାଟଣା: ଇନ୍ଦ୍ରାବତୀ ପ୍ରକଳ୍ପ ପାଇଁ ବିସ୍ଥାପିତ ହୋଇଥିବା ୧୬ଟି ଗାଁର ଲୋକେ ୩୦ ବର୍ଷ ପରେ ବି ଅଭିଶପ୍ତ ଜୀବନ। ସବୁଠୁ ଉଦ୍ ?ବେଗର ବିଷୟ ହେଲା କି, ସେମାନଙ୍କ ଗାଁକୁ ଯିବାକୁ ରାସ୍ତା ମଧ୍ୟ ନାହିଁ। ଜଳଭଣ୍ଡାରରେ ବିପଦସଂକୁଳ ଡଙ୍ଗାଯାତ୍ରା ହିଁ ସେମାନଙ୍କ ଭରସା। ବିଭିନ୍ନ ସମୟରେ ଡଂଗାବୁଡ଼ି ଯୋଗୁଁ ଅନେକଙ୍କ ଜୀବନହାନି ହୋଇଥିବା ବେଳେ ଏବେ ବି ଏମାନେ ଜଳବନ୍ଦି ଜୀବନ ବିତାଇବାକୁ ବାଧ୍ୟ ହେଉଛନ୍ତି। କଳାହାଣ୍ଡି ଜିଲ୍ଲାକୁ ସବୁଜ ସଫଳ ଓ ଆଲୋକିତ କରିବାକୁ ନିଜ ଭିଟାମାଟିକୁ ଉତ୍ସର୍ଗ କରିଥିବା ବିସ୍ଥାପିତଙ୍କ ଦୁଃଖ ଘୁଞ୍ଚିନାହିଁ। ସୂଚନା ଅନୁସାରେ, କଳାହାଣ୍ଡି ଜିଲ୍ଲାର ଇନ୍ଦ୍ରାବତୀ ପ୍ରକଳ୍ପ ହେବା ଯୋଗୁଁ ୧୯୯୪ ମସିହାରେ ସଂପୃକ୍ତ ୧୬ଟି ଗାଁର ଲୋକେ ନିଜ ଭିଟାମାଟିକୁ ହରାଇ ବିସ୍ଥାପିତ ହୋଇଥିଲେ। ସେତେବେଳେ ଏକର ପିଛା ପ୍ରାୟ ୧୨୦୦ ଟଙ୍କା କ୍ଷତିପୂରଣ ପାଇଥିବା ଯୋଗୁଁ ସ୍ୱଳ୍ପ ଅର୍ଥରେ ଅନ୍ୟତ୍ର ଯିବା ପାଇଁ ସାହସ ଜୁଟାଇ ପାରି ନଥିଲେ। ଜଳଭଣ୍ଡାରରରେ ବୁଡ଼ିଥିବା ୧୬ଟି ଗାଁ ନାମରେ ବିସ୍ଥାପିତ ଗାଁ ବସତି ସ୍ଥାପନ କରିଥିଲେ। ନିଜ ଗାଁର ଦେବଦେବୀଙ୍କୁ ସାଙ୍ଗରେ ଆଣି ପୂର୍ବପୁରୁଷଙ୍କ ଭିଟାମାଟିକୁ ଝୁରି ହୋଇ ଜଳଭଣ୍ଡାରର ଡିପ ଅଞ୍ଚଳ ଟାପୁରେ ରହିଥିଲେ। ୧୯୯୪ ମସିହାରେ ବିସ୍ଥାପିତ ହୋଇଥିବା ବେଳେ ୧୯୯୯ ମସିହାରେ ଜଳଭଣ୍ଡାରରେ ବିଲୀନ ହୋଇଥିଲା ନିଜ ପୂର୍ବପୁରୁଷଙ୍କ ଭିଟାମାଟି। ଥୁଆମୂଳ ରାମପୁର ବ୍ଲକ୍‌ର ତଳ ଟେମରା, ଡିପ ଟେମରା, ଭୁରଭୁରି ଟେମରା, ପୋଡ଼ାପଦର, କଲାଟି, ତେନ୍ତୁଳିପଦର, ସରାଫାସ, ଝିରି, ମୁରକା, କେ.ଚଟା ଘାଟ, ଘୁଟରୁଖାଲ, ଭିତରଡୁଙ୍ଗା, ଲିଟିମସ୍କା, ତଳ ଗୁଂଜିମାଲ, ଉପର ଗୁଂଜିମାଲ, କାରବାଡ଼ି ସମେତ ୧୬ଟି ଗାଁ ନାମରେ ନୂଆ ଗାଁ ଜଳବନ୍ଦି ଅଞ୍ଚଳରେ ସ୍ଥାପନ କରିଛନ୍ତି। ଡଙ୍ଗାରେ ବିପଦସଂକୁଳ ଯାତ୍ରା କରି ତଳନାଗିକୁ ପିଡିଏସ୍ ଚାଉଳ ଆଣିବାକୁ ଆସିଥାନ୍ତି।

ପ୍ରକାଶଥାଉ କି, ବିପଦସଂକୁଳ ଡଙ୍ଗାଯାତ୍ରା ଯୋଗୁଁ ୨୦୦୩ ମସିହାରେ କେନ୍ଦୁଗୁଡ଼ାର ପୀର, ବୃନ୍ଦା, ଜାନକୀ ଚାଉଳ ନେଇ ତଳଗୁଡ଼ାଠାରୁ କେନ୍ଦୁଗୁଡ଼ା ଘାଟ ଯାଉଥିବା ବେଳେ ଡଙ୍ଗା ଓଲଟି ଲୋକେ ପ୍ରାଣ ହରାଇଥିଲେ। ୨୦୧୪ ମସିହାରେ ଏକ ଘରୋଇ ପୂଜା ପାଇଁ ଅଡ୍ରିରୁ ତଲଗୁଞ୍ଜିମାଲକୁ ଯାଉଥିବା ବେଳେ ଡଙ୍ଗା ଓଲଟି ୧୭ଜଣଙ୍କ ମୃତ୍ୟୁ ହୋଇଥିଲା। ଏଭଳି ଡଙ୍ଗା ବୁଡ଼ି ଯୋଗୁଁ ବିଭିନ୍ନ ସମୟରେ ଲୋକେ ପ୍ରାଣ ହରାଉଛନ୍ତି। ୨୦୦୭ ମସିହାରେ ଏହି ବୁଡ଼ି ଅଞ୍ଚଳରେ ଡାଇରିଆରେ ଆକ୍ରାନ୍ତ ହୋଇ ୮୭ଜଣଙ୍କ ମୃତ୍ୟୁ ହୋଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେଲେ ଡଙ୍ଗାରେ ବିପଦସଂକୁଳ ଯାତ୍ରା କରି ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥାନ୍ତି। ସାମାନ୍ୟ ସ୍ୱାସ୍ଥ୍ୟ ଖରାପ ହେଲେ ବୋଟ୍ ଆମ୍ବୁଲାନ୍ସକୁ ଆସି ଚିକିତ୍ସିତ ହୋଇଥାନ୍ତି। ବର୍ଷା ଦିନ ଆସିଲେ ସେମାନଙ୍କ ମନରେ ଛନକା ପଶେ। ୩୦ ବର୍ଷର ଜଳବନ୍ଦି ଯାତନା ପରେ ମଧ୍ୟ ସେମାନଙ୍କ ପାଇଁ ବିକାଶ ଅପହଞ୍ଚ ପାଲଟିଛି। ସାପ୍ତାହିକ ହାଟ ପାଇଁ ପ୍ରାୟ ୧୪ କିମି ପାହାଡ଼ିଆ ରାସ୍ତାରେ ରାୟଗଡ଼ା ଜିଲ୍ଲାର ଡଙ୍ଗାସିଲକୁ ଯାଇଥାଆନ୍ତି। ବର୍ତ୍ତମାନ ଡିଏମ୍‌ଏଫ୍ ପାଣ୍ଠିରୁ ୬ଟି ମଟର ଡଙ୍ଗା ଜଳଭଣ୍ଡାରରେ ଦିଆଯାଇଛି। ଭିତର ଡୁଙ୍ଗା, ପୋଡ଼ାପଦର ଓ ଭୁରଭୁରି ଟେମରାରେ ନୂଆ ସ୍କୁଲଘର ନିର୍ମାଣ ଚାଲିଛି। ସେହିଭଳି ଗାଁଗୁଡ଼ିକୁ ଯିବା ପାଇଁ ଘାଟ କଟିଂ କରାଯାଉଛି ବୋଲି ସରକାରୀ ସୂତ୍ରରୁ ପ୍ରକାଶ। ଡି. ଚେପଟାଘାଟ ନିକଟରେ ପୋଲ ନିର୍ମାଣ ବର୍ଷ ବର୍ଷ ଧରି ମରୀଚିକା ପାଲଟିଛି। ଥୁଆମୂଳ ରାମପୁର ବ୍ଲକ୍ ?ର ପୋଡାପଦର ପଞ୍ଚାୟତ ଅଧୀନରେ ଆସୁଥିବା ଏହି ଗାଁଗୁଡ଼ିକ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛି। ନିଜ ଭିଟାମାଟିର ଉତ୍ସର୍ଗ ଯୋଗୁଁ ଆଜି କଳାହାଣ୍ଡି ସବୁଜ ସଫଳ ହୋଇଥିବା ବେଳେ ବିସ୍ଥାପିତଙ୍କ ପାଇଁ ଅପହଞ୍ଚ ହୋଇଛି ବିକାଶ। ୧୬ ଖଣ୍ଡ ଗାଁର ପ୍ରାୟ ୧୮୦୦ ବିସ୍ଥାପିତଙ୍କ ମୌଳିକ ସୁବିଧା ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ରାଷ୍ଟ୍ରୀୟ ନୌଚାଳକ ପ୍ରମାଣନ ଶିବିର ଅନୁଷ୍ଠିତ

ପୁରୀ, ୧୦/୩ (ନି.ପ୍ର): ଦୁଃସାହାସିକ ନୌଚାଳନା ପାଇଁ ଓଡିଶାରେ ସୁଯୋଗ ସୃଷ୍ଟି ହୋଇଛି। ରାଜ୍ୟ ସରକାର ଓ କ୍ରୀଡା ବିଭାଗ ସମସ୍ତ ସହଯୋଗ ମଧ୍ୟ ଦେଉଛନ୍ତି। ତେଣୁ ନୌଚାଳନାରେ ରୁଚି ରଖୁଥିବା କ୍ରୀଡାବିତ ମାନେ ଏହାର ସୁବିଧା ନେବା ଉଚିତ ବୋଲି ମତ ଦେଇଛନ୍ତି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ। ପୁରୀ ଷ୍ଟ୍ରଲିନ ଓ ବ୍ଲୁ ଫ୍ଲାଗ ବିଚ ଠାରେ ରାଜ୍ୟ କ୍ରୀଡା ବିଭାଗ ଓ ଓଡିଶା ନୌ ଚାଳକ ସଂଘର ମିଳିତ ସହଯୋଗରେ ଆୟୋଜିତ ୪ ଦିନିଆ ରାଷ୍ଟ୍ରୀୟ ନୌଚାଳକ ପ୍ରମାଣନ ଶିବିର କାର୍ଯ୍ୟକ୍ରମରେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ସମସ୍ତ ପ୍ରଶିକ୍ଷାର୍ଥୀ ଓ ପ୍ରଶିକ୍ଷକ ମାନଙ୍କୁ ଏହି ଦୁଃସାହସିକ କ୍ରୀଡାରେ ଯୋଗଦାନ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଆମେ କେବଳ ଏହାକୁ ଟିଭି ପରଦାରେ ଦେଖୁଥିଲୁ। ଏବେ ଆମ ପିଲା ମାନେ ଏଥିରେ ସାମିଲ ହେବା ଓ ନୌଚାଳନ କ୍ରୀଡାକୁ ଆଗକୁ ନେବା ଏକ ଗୌରବର ବିଷୟ ବୋଲି ଶ୍ରୀ ନାୟକ କହିବା ସହ ପୁରୀରେ ଏହାର ଆୟୋଜନ କରାଯାଇ ଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସଂଘର ସମ୍ପାଦକ ଡଃ. ସବୀର ବକ୍ସ ଏହି କ୍ରୀଡା ଲୋକପ୍ରିୟ ହେଉଥିବା ଏକ ଖୁସିର କଥା। ପୁରୀରେ ନୌକ୍ରୀଡା ଏକାଡେମୀ ପ୍ରତିଷ୍ଠା ପାଇଁ ସଂଘର ଉଦ୍ୟମ ରହିଛି ବୋଲି କହିଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ନୌକ୍ରୀଡା ପ୍ରଶିକ୍ଷକ ପୂର୍ବତନ ନାଭାଲ କମାଣ୍ଡର ଏମ ଏଲ ଶର୍ମା, ପୂର୍ବତନ ଆର୍ମି ଅଧିକାରୀ ଆୟେଜ ସେକ୍ ପ୍ରମୁଖ ଯୋଗ ଦେଇଥିଲେ। ଦୁଇ ପର୍ଯ୍ୟାୟ ଏହି ପ୍ରଶିକ୍ଷଣରେ ୫ ଓ ୬ ତାରିଖରେ କଟକ ସିଲଭର ସିଟି ବୋଟ କ୍ଲବ ଏବଂ ୭ ତାରିଖ ରୁ ୧୦ ତାରିଖ ପର୍ଯ୍ୟନ୍ତ ପୁରୀ ବ୍ଲୁ ଫ୍ଲାଗ ବିଚ୍ ଓ ଷ୍ଟ୍ରଲିଙ୍ଗ ଠାରେ ପ୍ରଶିକ୍ଷଣ ଦିଆଯାଇ ପ୍ରମାଣପତ୍ର ପ୍ରଦାନର ବ୍ୟବସ୍ଥା କରାଯାଇଥିଲା। କଟକର ଡି ଶେଖର ରାଓ, ରାଜା ଅହମ୍ମଦ ଖାଁ, ନସୀମ ଖାଁ, ଭାଗ୍ୟଶ୍ରୀ କର, ଦେବସ୍ମିତା କର, ରାହୁଲ କାହାଲୀ, ସୌମ୍ୟ ଜିତ ରାଏ, ଶୀତଳ ରାୟ, ରାଉରକେଲାର ନାରାୟଣ ମୁଣ୍ଡ, ଭବାନୀପାଟଣାର ନରେଶ ଓ ରାନୀ ଏବଂ ମାଲକାନଗିରିର ସୁଇଟି ନାଗ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଛାତ୍ରଛାତ୍ରୀ ଶିକ୍ଷକଙ୍କ ଦ୍ୱାରା ପ୍ରାଥମିକ ଚିକିତ୍ସା ଓ ଜଳଛତ୍ର

ମାଲକାନଗିରି, ୧୦/୩ (ନି.ପ୍ର): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସୋମନାଥପୁର ପଞ୍ଚାୟତ ଅନ୍ତର୍ଗତ କଣ୍ଡେଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗତକାଲି ଶିବରାତ୍ରୀ ଅବସରରେ ମନ୍ଦିର ପରିସର ମଧ୍ୟରେ ଜଳଛତ୍ର ଦେବା ସହ ଆସିଥିବା ଭକ୍ତଙ୍କ ପାଇଁ ଆଶୁ ଚିକିତ୍ସାର ବ୍ୟବସ୍ଥା କରାଯାଇଥିଲା।କଣ୍ଡେଲ ଗ୍ରାମର ଅତି ପ୍ରାଚୀନ ଶୈବପୀଠ ପ୍ରାଙ୍ଗଣରେ ପ୍ରତି ବର୍ଷ ଶିବରାତ୍ରିରେ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥାଏ।କଣ୍ଡେଲ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ବସନ୍ତ କୁମାର ରଣାଙ୍କ ତତ୍ତ୍ୱାବଧାନରେ ଭକ୍ତମାନଙ୍କ ସୁବିଧା ନିମନ୍ତେ ପ୍ରାଥମିକ ଚିକିତ୍ସା ସହ ପାନୀୟଜଳ, ଦହିପଣା ବଣ୍ଟନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ମାନେ ଏଭଳି ମହାନ କାର୍ଯ୍ୟରେ ସହଯୋଗ କରିଥିଲେ।

# ଜାତୀୟ ଗ୍ରାମାଚଂଳ ମେଧାବୃତ୍ତି ପରୀକ୍ଷାରେ ସ୍ମରଣିକା ବ୍ଲକରେ ପ୍ରଥମ

ଘଟଗାଁ, ୧୦/୩ (ନି.ପ୍ର): କେନ୍ଦୁଝର ଜିଲା ଘସିପୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗଁପୁର ପଂଚାୟତର ଓଁ ମା ସରସ୍ୱତୀ ବିଦ୍ୟାପୀଠର ଛାତ୍ରୀ ସୁଶ୍ରୀ ସ୍ମରଣିକା ନାୟକ ଚଳିତ ଶିକ୍ଷାବର୍ଷରେ ହୋଇଥିବା ବୋର୍ଡ଼ ଅଫ୍ ସେକେଣ୍ଡାରୀ ଏଜୁକେଶନ୍ ଦ୍ୱାରା ପରିଚାଳିତ ଜାତୀୟ ଗ୍ରାମାଚଂଳ ମେଧା ବୃତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିବା ସହ ଘସିପୁରା ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏଥି ସହିତ କେନ୍ଦୁଝରର ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ମେଧା ବୃତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଠାରେ ପ୍ରକାଶ ଥାଉକି, ସୁଶ୍ରୀ ସ୍ମରଣିକା ନାୟକ ଗଁପୁର ନିବାସୀ ଲକ୍ଷ୍ମଣ ନାୟକଙ୍କ ଏକମାତ୍ର କନ୍ୟା । ପୂର୍ବରୁ ସେ ପଂଚମ ଶ୍ରେଣୀରେ ମଧ୍ୟ ବୃତି ପାଇଥିଲେ। ତାଙ୍କର ଏହି ଅନନ୍ୟ ସଫଳତା ପାଇଁ ବିଦ୍ୟାଳୟ ତରଫରୁ ପ୍ରଧାନ ଶିକ୍ଷକ ହର୍ଯ୍ୟକ୍ଷ କୁମାର ଜେନା ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଗଜେନ୍ଦ୍ର କୁମାର ଶତପଥୀ, ମଳୟ କୁମାର ଦାଶ, ବିଜୟ କୁମାର ହୋତା, ଶଙ୍କର୍ଷଣ ଜେନା, ପ୍ରତାପ ରଞ୍ଜନ କର, ଅରୁଣ କୁମାର ପଣ୍ଡା ଉପସ୍ଥିତ ରହି ସ୍ମରଣିକା ନାୟକଙ୍କର ଉତରୋତର ଉନ୍ନତି କାମନା କରିଥିଲେ ।

# ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲେ ବିଜେପି ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର, ୧୦/୩ (ନି.ପ୍ର): ନିର୍ବାଚନ ପରିଚାଳନାକୁ ଅବାଧ ଓ ନିରପେକ୍ଷ କରାଇବା ଦାୟୀତ୍ୱ ହେଉଛି ନିର୍ବାଚନ କମିଶନଙ୍କର, ଆଉ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକୁ ପାଳନ କରିବା ଦାୟିତ୍ୱ ହେଉଛି ରାଜ୍ୟ ସରକାରଙ୍କର । ସେଥିପାଇଁ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅବସ୍ଥାପିତ ଥିବା ବିଭିନ୍ନ ବିଭାଗର ଅଧିକାରୀଙ୍କୁ ତୁରନ୍ତ ବଦଳି କରାଯାଉ ବୋଲି ରାଜ୍ୟ ଉପସଭାନେତ୍ରୀ ଡ.ଲେଖାଶ୍ରୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ଶନିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ବିଜେପିର ଏକ ପ୍ରତିନିଧି ଦଳ ଦାବୀ ଜଣାଇଛି। ଭୁବନେଶ୍ୱରରେ ଦୀର୍ଘ ବର୍ଷ ଧରି ଅଥବା ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଅବସ୍ଥାପିତ ଥିବା ବହୁ ଅଧିକାରୀ ଦୃଷ୍ଟିଗୋଚର ହେଉଛନ୍ତି। ସେମାନେ ହେଲେ ପୋଲିସ ଅଧିକାରୀଗଣ ଯଥା, ଡିଏସ୍‌ପି ରଜତ ରାୟ, ଏସିପି ମାନସ ଗଡନାୟକ, ବାନାମ୍ବର ସେଠୀ ଓ ସଞ୍ଜୀବ ଶତପଥୀ, ଏଏସ୍‌ପି ଅଶୋକ ପାଣିଗ୍ରାହୀ, ହିମାଂଶୁ ସ୍ୱାଇଁ ଓ ଗିରିଜା ଶଙ୍କର ଚକ୍ରବର୍ତ୍ତୀ, ଆଇଆଇସି ତୃପ୍ତି ରଞ୍ଜନ ନାୟକ,ଏସ୍‌ଆଇ ବିଜୟ ଦାସ ଓ ଷ୍ଟାଲିନ୍‌ଙ୍କ ସମେତ ଅନ୍ୟ ସରକାରୀ ଅଧିକାରୀମାନଙ୍କୁ ତୁରନ୍ତ ବଦଳି କରାଯାଉ । ଏପରିକି ନିର୍ବାଚନ ପରିଚାଳନା ଦାୟୀତ୍ୱରେ ଥିବା ସରକାରୀ ଅଧିକାରୀମାନେ ନିଜ ଗୃହ ଜିଲ୍ଲାରେ ମଧ୍ୟ ଅବସ୍ଥାପିତ ହୋଇପାରିବେ ନାହିଁ। ଏପରି ଆହୁରି ଅନେକ ଅଧିକାରୀ ଗୋଟିଏ ସ୍ଥାନରେ ଏବଂ ଗୋଟିଏ ପଦରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି । ଦଳୀୟ କାର୍ଯ୍ୟରେ ଏମାନଙ୍କୁ ରାଜ୍ୟ ସରକାର ଜାଣିଶୁଣି ବ୍ୟବହାର କରୁଥିବାର ଅନେକ ନଜିର ରହିଛି। ଏହା ଦ୍ୱାରା ଅବାଧ ଓ ନିରପେକ୍ଷ ନିର୍ବାଚନରେ ବାଧା ସୃଷ୍ଟି ହେବାରେ ଆଶଙ୍କା ରହିଛି। ସରକାରୀ ଅଧିକାରୀମାନେ ନିଜ କର୍ତ୍ତବ୍ୟ ଓ ଦାୟିତ୍ୱ ଭୁଲି ଶାସକ ଦଳର ଏଜେଂଟ ଭାବେ କାର୍ଯ୍ୟ କରିବା ସଂପୂର୍ଣ୍ଣ ଅଗଣତାନ୍ତ୍ରିକ ଏବଂ ଅଣସାମ୍ବିଧାନିକ। ତେଣୁ ଯଥାଶୀଘ୍ର ସେମାନଙ୍କୁ ବଦଳି କରାଯାଉ ବୋଲି ଡ.ଲେଖାଶ୍ରୀ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି । ଏହି ପ୍ରତିନିଧିମଣ୍ଡଳୀରେ ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ୍, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାରେ ଅନୁଷ୍ଠିତ ହେଲା ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ବଲାଙ୍ଗିର, ୧୦/୩ (ନି.ପ୍ର): ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶରେ ବଲାଙ୍ଗୀର ଜିଲ୍ଲା ସମେତ ଜିଲ୍ଲାରେ ଥିବା ସମସ୍ତ ତାଲୁକ ସ୍ତରରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି । ଏହି ଲୋକ ଅଦାଲତରେ ସମୁଦାୟ ୩୧ ଟି ଦେଓ୍ୱାନୀ ମାମଲାର ଫଇସଲା ହୋଇଥିଲା । ୧୪ ଟି ବ୍ୟାଙ୍କ ମାମଲାର ଫଇସଲା ହୋଇ ୫୩୯୪୬୫୧.୬୩ ଟଙ୍କା ଆଦାୟ ହୋଇଥିଲା । ୬ ଟି ମଟର ଦୁର୍ଘଟଣା ଜନିତ ମାମଲା ଫଇସଲାକରା ଯାଇ ୪୨୧୫୦୦୦ ଟଙ୍କା କ୍ଷତିପୁରଣ , ୩୧୧ ଟି ଫୌଜଦାରୀ ମାମଲା ରେ ୧୭୭୮୪୨୫ ଟଙ୍କା ଜୋରିମାନା, ୪୩୬ ପ୍ରାକ ମକୋଦ୍ଦମା ରେ ୧୩୯୪୭୮୦୬.୭୫ ଟଙ୍କା ଆଦାୟ ହୋଇଥିଲା । ୧୩ ଟି ପାରିବାରିକ ଏବଂ ୩୩୦୨ ଟି ରାଜସ୍ୱ ମାମଲାର ବିଚାର କରାଯାଇଥିଲା । ଏହି ଲୋକ ଅଦାଲତରେ ଜିଲ୍ଲା ନ୍ୟାୟାଧୀଶ ଡଃ. ପବିତ୍ର ମୋହନ ସାମଲ, ଫ୍ୟାମିଲି କୋର୍ଟ ଜଜ ବିକ୍ରମ କେଶରୀ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଜଜ ହିମାଂଶୁ ଶେଖର ସିଂ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ପ୍ରିୟ ରଞ୍ଜନ ମିଶ୍ର, ସିଭିଲ ଜଜ (ବରିଷ୍ଠ) ଜ୍ୟୋତିରଞ୍ଜନ ଦାଶ, ସିଭିଲ ଜଜ (ବରିଷ୍ଠ) ଜନ୍ମେଜୟ ପଟେଲ, ଅତିରିକ୍ତ ସିଭିଲ ଜଜ (ବରିଷ୍ଠ) ଶ୍ରୀମତୀ ଅର୍ଣ୍ଣପୁର୍ଣ୍ଣା ଷଡଙ୍ଗୀ, ସିଭିଲ ଜଜ (କନିଷ୍ଠ) ସୁମିତ କୁମାର ପାଣିଗ୍ରାହୀ, ଏସଡିଜେଏମ ମନୋଜ ମହାନ୍ତି, ଜେଏମଏଫସି ପ୍ରକାଶ କୁମାର କର, ଜେଏମଏଫସି ଶ୍ରୀମତୀ ଲକ୍ଷ୍ମୀ ବେହେରା, ପବ୍ଲିକ ପ୍ରୋସିକ୍ୟୁଟର ଓ ସମସ୍ତ ଓକିଲ ମାନେ ଉପସ୍ଥିତ ଥିଲେ । ଏହା ସହ ଜିଲ୍ଲାର ବିଭିନ୍ନ ଅଧିକାରୀ ମାନେ ଲୋକ ଅଦାଲତରେ ଭାଗ ନେଇଥିଲେ ।

# ଟିଆଁସିପଶି ଶିବ ଜାଗରରେ କଣ୍ଢେଇ ନୃତ୍ୟ ପ୍ରଦର୍ଶନ

ଚମ୍ପୁଆ, ୧୦/୩ (ନି.ପ୍ର): ଚମ୍ପୁଆ ବ୍ଲକ ରଙ୍ଗାମାଟିଆ ପଞ୍ଚାୟତ ଅନ୍ତର୍ଗତ ଟିଆଁସିପଶି ଗ୍ରାମ ଶଶାଙ୍କଶେଖର ମହାଦେବ ମନ୍ଦିର ପରିସରରେ ମହା ଶିବରାତ୍ରି ଜାଗର ସପ୍ତାହରେ ଦୁଇଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକକଳା କଣ୍ଢେଇ ନୃତ୍ୟ ପ୍ରଦର୍ଶନ ହୋଇଯାଇଛି। କାର୍ଯ୍ୟକ୍ରମରେ ରଙ୍ଗାମାଟିଆ ର ପୂର୍ବତନ ସରପଞ୍ଚ ରତିକାନ୍ତ ସିଂହ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ଶ୍ରୀ ଡମ୍ବରୁ ମହାନ୍ତ। ବକ୍ତା ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ସିଂହ ଯୋଗଦେଇ ଲୁପ୍ତ ହୋଇ ଯାଉଥିବା ଲୋକକଳା କଣ୍ଢେଇ ନୃତ୍ୟକୁ ଶିଳ୍ପୀ, କଳାକାର ମାନଙ୍କୁ ସରକାରୀ ପ୍ରଶାସନ ସଂସ୍କୃତି ବିଭାଗ ଓ ବେସରକାରୀ ସଂସ୍ଥା ମାନେ ପ୍ରୋତ୍ସାହନ ଦେବାକୁ ଆଗେଇ ଆସିବାକୁ ମତପ୍ରକାଶ କରିଥିଲେ । ଏହି ଅବସରରେ ବିଶିଷ୍ଟ କଣ୍ଢେଇ ନୃତ୍ୟ ଶିଳ୍ପୀ ଜୟ ଜଗନ୍ନାଥ କଣ୍ଢେଇ ନୃତ୍ୟ କଳା ପ୍ରତିଷ୍ଠାନ ର ସଂସ୍ଥାପକ ସ୍ୱର୍ଗତ ମୁନିବର ସିଂହ ଙ୍କ ମଧ୍ୟମ ପୁତ୍ର ଅର୍ଜୁନ ସିଂହ ପୌରାଣିକ କଥାବସ୍ତୁ ଉପରେ ଆଧାରିତ କଣ୍ଢେଇ ନାଟକ ଗୋପରେ ବଢ଼ୁଛି କଳା କହ୍ନେଇ ( କଂସ ବଧ ) ମଞ୍ଚସ୍ଥ କରାଇ ଥିଲେ। ନିର୍ଜୀବ କାଠ କଣ୍ଢେଇ ମୁହଁରେ ସାମ୍ପ୍ରତିକ ଜନଜୀବନ ର ପ୍ରତିଫଳିତ କଥା ହାସ୍ୟରସ ମାଧ୍ୟମରେ ଚରିତ୍ର ଚିତ୍ରଣ କରି ଦର୍ଶକ ମାନଙ୍କ ମନୋରଞ୍ଜନ କରିଥିଲେ କ୍ଷ ଶିଳ୍ପୀ ଅର୍ଜୁନ କୁ ସାଥୀ କଳାକାର ରୋହିତ ସିଂହ, କିସମତ ସିଂହ, ରଞ୍ଜନ ସିଂହ, ମଧୁସୂଦନ ନାୟକ, ପିଣ୍ଟୁ ସିଂହ, ହେମନ୍ତ ସିଂହ, ପ୍ରମୋଦ ସିଂହ ପ୍ରମୁଖ ସହାୟତା କରିଥିଲେ।

# ମାଡ଼ିଆସୁଛି ଭୟଙ୍କର ଜଳ ସଂକଟ: କୋରାପୁଟରେ ଖାଲି ହେଉଛି ଭୂତଳ ଜଳଭଣ୍ଡାର

କୋରାପୁଟ, ୧୦/୩ (ନି.ପ୍ର): ବଢ଼ି ଚାଲିଥିବା କଂକ୍ରିଟ୍ ପରିମାଣ ଓ ଜଳବାୟୁରେ ପରିବର୍ତ୍ତନ ଯୋଗୁ ଭୟଙ୍କର ଜଳ ସଂକଟର ସମ୍ମୁଖୀନ ହେବାକୁ ଯାଉଛି କୋରାପୁଟ ଜିଲ୍ଲା। ପ୍ରାକୃତିକ ଜଳ ଉତ୍ସଗୁଡ଼ିକ ଶୁଷ୍କ ହେଉଥିଲା ବେଳେ ଭୂତଳ ଜଳଭଣ୍ଡାର ମଧ୍ୟ ହ୍ରାସ ପାଇବାରେ ଲାଗିଛି। ଯାହାର ପ୍ରଭାବ ମଧ୍ୟ କିଛି ଅଞ୍ଚଳରେ ଦେଖିବାକୁ ମିଳିଲାଣି। ଆଗକୁ ସ୍ଥିତି ଆହୁରି ବିକଟ ଏବଂ ଗମ୍ଭୀର ହେବ ବୋଲି ଆଶଙ୍କା କରାଯାଉଛି। ସରକାରୀ ତଥ୍ୟ ଅନୁସାରେ, କୋରାପୁଟ ଜିଲ୍ଲାର ୮୦ପ୍ରତିଶତ ଅଞ୍ଚଳରେ ଭୂତଳ ଜଳସ୍ତର ଚିନ୍ତାଜନକ ସ୍ଥିତିରେ ରହିଛି। ୨୦ପ୍ରତିଶତ ଅଞ୍ଚଳରେ ଆଦୌ ପାଣି ନାହିଁ। ସେହିପରି ବଳକା ଅଞ୍ଚଳରେ କାଁଭାଁ ପାଣି ରହିଛି, ଯାହା ଅତି ତଳକୁ ଚାଲିଯାଇଛି। ସବୁଠାରୁ ଉଦ୍‌ବେଗଜନକ ସ୍ଥିତି ବୈପାରିଗୁଡ଼ା, ନାରାୟଣପାଟଣା, ଲକ୍ଷ୍ମୀପୁର, ବନ୍ଧୁଗାଁ ଓ ଦଶମନ୍ତପୁର ବ୍ଲକରେ ରହିଛି। ଏହି ବ୍ଲକଗୁଡ଼ିକର ୯୦ପ୍ରତିଶତ ଅଞ୍ଚଳକୁ ରେଡ୍ ଜୋନ୍ ଭାବେ ଚିହ୍ନଟ କରାଯାଇଛି। ସେହିପରି ନନ୍ଦପୁର, ପଟାଙ୍ଗୀ, ଲମତାପୁଟ ଓ ସେମିଳିଗୁଡ଼ା ବ୍ଲକରେ ମଧ୍ୟ ସ୍ଥିତି ଆଦୌ ଭଲ ନୁହେଁ। ଜୟପୁର ଓ ବୋରିଗୁମ୍ମା ବ୍ଲକର ସ୍ଥିତି ଭଲ ରହିଛି। ନିୟମିତ ଭାବେ ଭୂତଳ ଜଳ ରିଚାର୍ଜ ହେଉଥିବାରୁ ବିଶେଷ ସମସ୍ୟା ନାହିଁ। ସେହିପରି କୋରାପୁଟ, କୋଟପାଡ଼ ଓ କୁନ୍ଦୁରା ବ୍ଲକ୍‌ର କିଛି ଅଞ୍ଚଳରେ ଭୂତଳ ଜଳ ପରିମାଣ ଭଲ ରହିଛି। ରାଜ୍ୟସ୍ତରରେ ଯଦି କୋରାପୁଟ ଜିଲ୍ଲାର ସ୍ଥିତିକୁ ଆକଳନ କରାଯିବ ତେବେ ଭଲ ନଥିବା ତଥ୍ୟ ମିଳିଛି। ବର୍ତ୍ତମାନ ଜିଲ୍ଲାର ୩ଶହ ନଳକୂପ ପାଣି ବାହାରିବା ଅବସ୍ଥାରେ ନାହିଁ। ନୂଆ ନଳକୂପ ଖନନ କରି ଜଳ ଯୋଗାଣ ନିମନ୍ତେ ସରକାର ପ୍ରୟାସ କରୁଥିଲେ ସୁଦ୍ଧା ମାଟି ତଳେ ପାଣି ନଥିବାରୁ ସଫଳତା ମିଳୁନି। ଜିଲ୍ଲାର ଅଧିକାଂଶ ଅଞ୍ଚଳରେ ୨ଶହ ଫୁଟ ଖୋଳିଲେ ମଧ୍ୟ ପାଣି ବାହାରୁନି। ସରକାରୀ ତଥ୍ୟ ଅନୁସାରେ କେବଳ ମୌସୁମୀ ବର୍ଷାରେ ଜିଲ୍ଲାରେ ୪୧ହଜାର ୮୭୫.୬୬ ମିମି ଏଚ୍‌ଏଏମ୍ ଭୂତଳ ଜଳ ରିଚାର୍ଜ ହେଉଛି। ବର୍ଷା ଦିନେ ଅନ୍ୟ ପ୍ରକ୍ରିୟାରେ ୪୨୨୭.୧ ଏଚ୍‌ଏଏମ୍ ଭୂତଳ ଜଳସ୍ତର ରିଚାର୍ଜ ହୋଇଥାଏ। ଅନ୍ୟ ଋତୁରେ ବିଭିନ୍ନ ପ୍ରାକୃତିକ ପ୍ରକ୍ରିୟାରେ ୪୪୧୫.୭୪ ଓ ଅନ୍ୟ ଉତ୍ସରୁ ୬୨୧୨.୨୫ ଏଚ୍‌ଏଏମ୍ ଭୂତଳ ଜଳ ରିଚାର୍ଜ ହୋଇଥାଏ। ମୋଟ ୫୬ହଜାର ୪୭୦.୭୫ ଏଚ୍‌ଏଏମ୍ ଭୂତଳ ଜଳ ରିଚାର୍ଜ ହେଉଥିଲା ବେଳେ ସେଥିରୁ ସିଂହଭାଗ ଅର୍ଥାତ ବାର୍ଷିକ ୫୨ହଜର ୭୯.୫୪ ଏଚ୍‌ଏଏମ୍ ଭୂତଳ ଜଳ ବ୍ୟବହାର ହେଉଛି। ୨୦୨୫ ମସିହା ସୁଦ୍ଧା ଘରୋଇ ବ୍ୟବହାର ୪୮୨୭.୨ ଏଚ୍‌ଏଏମ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଉଛି।

# ରାଇମତି ଘିଉରିଆଙ୍କୁ ବିଭିନ୍ନ ମହଲରୁ ପୁରସ୍କାରର ସୁଅ

ଜୟପୁର, ୧୦/୩ (ନି.ପ୍ର): କୋରାପୁଟ ଜିଲ୍ଲାର କୁନ୍ଦ୍ରା ବ୍ଲକ୍ ଅନ୍ତର୍ଗତ ନୂଆଗୁଡ଼ା ଗ୍ରାମର ଏକ ଆଦିବାସୀ ପରିବାର ସମ୍ପ୍ରଦାୟର ରାଇମତି ଘିଉରିଆ ମହିଳା ଚାଷୀ ହିସାବରେ ବେଶ୍ ପରିଚିତ । ଏମ୍.ଏସ୍. ସ୍ୱାମୀନାଥନ୍ ଗୋବେଷଣା ପ୍ରତିଷ୍ଠାନ ରାଇମତିଙ୍କୁ ଏକ ଅଗ୍ରଣୀ ମହିଳା ଚାଷୀ ହିସାବରେ ବିଭିନ୍ନ ତାଲିମ୍ ଦେଇଆସିଛି । ସେ ୩୦ କିସମର ମାଣ୍ଡିଆ ଓ ୭୨ ପ୍ରକାରର ପାରମ୍ପାରିକ ଧାନ ସଂରକ୍ଷଣ କରି ରଖିଛନ୍ତି । ତତ୍ ସହିତ ସେ ମଧ୍ୟ ଜୈବିକ ପଦ୍ଧତିରେ ଚାଷ କରିବା ସହିତ ଶହ ଶହ ସ୍ଥାନୀୟ ମହିଳା ଚାଷୀଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ତାଲିମ୍ ଦେଇଛନ୍ତି । ଏହି ସଫଳତା ତାଙ୍କୁ ବିଭିନ୍ନ ସମ୍ମାନ ଆଣିଦେଇଛି । ନିକଟରେ ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ବ୍ରାଜିଲ୍, ଋଷିଆ, ଭାରତ, ଚାଇନା ଏବଂ ଦକ୍ଷିଣ ଆଫ୍ରିକା ଦେଶର ମିଳିତ ଉଦ୍ୟମରେ ପ୍ରତିଷ୍ଠିତ କରାଯାଇଥିବା ବ୍ରିକ୍ସ ସି.ସି.ଆଇ. ଅନୁଷ୍ଠାନ ଦ୍ୱାରା ନୂଆ ଦିଲ୍ଲୀରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ରାଇମତି ଘିଉରିଆଙ୍କୁ ଜୈବିକ ପଦ୍ଧତିରେ ପାରମ୍ପାରିକ ଚାଷ, ପାରମ୍ପାରିକ ଧାନ ଓ ମାଣ୍ଡିଆ ବିହନ ସଂରକ୍ଷଣ କରିବା ସହିତ ଗ୍ରାମୀଣ ମହିଳାଙ୍କୁ ତାଲିମ୍ ଓ ସ୍ୱାବଲମ୍ବୀ କରିବା କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ନିମନ୍ତେ ସମ୍ମାନିତ କରାଯାଇଅଛି । ଏହାସହିତ ଶ୍ରୀମତୀ ରାଇମତି ଘିଉରିଆଙ୍କୁ ଭୁବନେଶ୍ୱର ସ୍ଥିତ ପରିଚୟ ଫାଉଣ୍ଡେସନ୍ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ "ଆର୍ଯ୍ୟା" ସମ୍ମାନ ଓ ଜାତୀୟ ଆଦିବାସୀ ଗବେଷଣା ପ୍ରତିଷ୍ଠାନ, ନୂଆ ଦିଲ୍ଲୀରେ ଆୟୋଜିତ "ସ୍ୱଦେଶୀ ଉତ୍କର୍ଷକୁ ସଶକ୍ତ କରିବା ଦିଗରେ ସଫଳ ଆଦିବାସୀ ମହିଳା" କାର୍ଯ୍ୟକ୍ରମରେ ତାଙ୍କୁ ସମ୍ମାନିତ କରାଯାଇଥିଲା ।



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୧ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 11 MARCH 2024

Vol.No. 35 ■ No.70 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆସିଲା ଡକରା: ପୁଣି ଦିଲ୍ଲୀ ଗଲେ ବିଜେପି ନେତା



ନୂଆଦିଲ୍ଲୀ, ୧୦/୩ : ବିଜେପି-ବିଜେଡି ମେଣ୍ଟ ହେବ କି? ଏହା କେବଳ ଏକ ଚର୍ଚ୍ଚା ନା ଏଥିରେ କିଛି ସତ୍ୟତା ରହିଛି, ତା'କୁ ନେଇ ରାଜନୀତିକ ସମୀକକ୍ଷମାନେ ମତ ଦେବାରେ ଲାଗିଛନ୍ତି। ଏସବୁ ଭିତରେ ଆଜି ପୁଣିଥରେ ଦିଲ୍ଲୀ ଯାଇଛନ୍ତି ରାଜ୍ୟ ବିଜେପି ମୁଖ୍ୟ ମନମୋହନ ସାମିଲଙ୍କ ସମେତ ରାଜ୍ୟ ସଂଗଠନ ସମ୍ପାଦକ ମାନସ ମହାନ୍ତି। ଏମାନଙ୍କ ସହ ରାଜ୍ୟ ବିଜେପିର ସହ ପ୍ରଭାରୀ ଲତା ଉସେଣ୍ଡି ଓ ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂହ ତୋମାର ମଧ୍ୟ ଦିଲ୍ଲୀ ଗସ୍ତ କରିଛନ୍ତି। ସେଠାରେ ମେଣ୍ଟ ନେଇ ଆଲୋଚନା ହେବ ନା କେବଳ ପ୍ରାର୍ଥୀଙ୍କ ନାଁ ଉପରେ ମୋହର ବାଜିବ, ସେକଥା ସ୍ପଷ୍ଟ ହୋଇନି। କିନ୍ତୁ କେନ୍ଦ୍ରୀୟ ନେତୃବୃନ୍ଦଙ୍କ ଡକରା ପାଇ ରାଜ୍ୟ ବିଜେପି ନେତା ଦିଲ୍ଲୀ ଯାଇଥିବା ବିଜୟପାଲ ସିଂହ ତୋମାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାର ସମସ୍ତ ବିଧାନସଭା ଓ ଲୋକସଭା ଆସନ ପାଇଁ ଆମେ ପ୍ରସ୍ତୁତି କରୁଛୁ। ମେଣ୍ଟ ପାଇଁ କୌଣସି ଆଲୋଚନା ହୋଇନି ବୋଲି ଶ୍ରୀ ସିଂହ ଦୋହରାଇଛନ୍ତି। ଦିଲ୍ଲୀ ଯିବା ପୂର୍ବରୁ ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ କହିଥିଲେ ଯେ ଦିଲ୍ଲୀରୁ ଯେତେବେଳେ ଡକରା ଆସିବ ସେତେବେଳେ ଆମେ ଯିବୁ। ଏହି ବୟାନର କିଛି ସମୟ ପରେ ରାଜ୍ୟ ବିଜେପି ନେତାଙ୍କୁ ଦିଲ୍ଲୀରୁ ଡକରା ଆସିଛି ଓ ସେମାନେ ଦିଲ୍ଲୀ ଗସ୍ତ କରିଛନ୍ତି। ବିଜେପି ଗତ ସପ୍ତାହରେ ଆସନ୍ତା ଲୋକସଭା ନିର୍ବାଚନ ପାଇଁ ଦେଶର ୧୯୫ ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲା। ଏଥିରେ ଓଡ଼ିଶାର କୌଣସି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇ ନଥିଲା। ରିପୋର୍ଟ ମୁତାବକ ଖୁବଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ବିଜେପି ଘୋଷଣା କରିବ। ଏହାପୂର୍ବରୁ ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି(ସିଇସି) ବୈଠକ ବସିବ। ଏହି ବୈଠକରେ ପ୍ରାର୍ଥୀଙ୍କ ନାଁ ଉପରେ ବିଚାରବିମର୍ଶ ହେବ। ସେହି ବୈଠକରେ ଯୋଗଦେବା ପାଇଁ ରାଜ୍ୟ ବିଜେପି ସଭାପତି ଓ ତାଙ୍କ ଟିମ ଦିଲ୍ଲୀ ଯାଇଥିବା ଜଣାପଡ଼ିଛି। ଦିଲ୍ଲୀ ଯିବା ପୂର୍ବରୁ ମନମୋହନ ସାମଲ କହିଥିଲେ ଯେ "ଦିଲ୍ଲୀରୁ ଯେତେବେଳେ ଡକରା ଆସିବ ସେତେବେଳେ ଆମେ ଯିବୁ। ସିଇସିର କୌଣସି ବୈଠକ ଏଯାଏ ସ୍ଥିର ହୋଇନାହିଁ। ଡକରା ଆସିଲେ ପୂରା ଟିମ୍ ଦିଲ୍ଲୀ ଯିବ। କ'ଣ ଆଲୋଚନା ହେବ, ତା' ଉପରେ ଶୀର୍ଷ ନେତୃତ୍ୱ ନିଷ୍ପତ୍ତି ନେବେ।" ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ 'ମିଛ ଓ ଗୁଜବ' ମନ୍ତବ୍ୟ ଉପରେ ମନମୋହନ ସାମଲ ପ୍ରତିକ୍ରିୟା ରଖିବାକୁ ସିଧାସିଧା ମନା କା ଦେଇଛନ୍ତି। ଏହା ଉପରେ ସେ ଟିକା ଟିପ୍ପଣୀ କରିବା ହେବ ନାହିଁ ବୋଲି ବିଜେପି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି। ଓଡ଼ିଶା ରାଜନୀତିରେ ମିଥ୍ୟା ଗୁଜବ କରାଯାଉଛି କି ବୋଲି ପ୍ରଶ୍ନରେ ମନମୋହନ କହିଛନ୍ତି, ଜନସାଧାରଣ ବେଷ୍ଟ ଜଜ୍। ସେମାନେ ହିଁ ନିଷ୍ପତ୍ତି ନେବେ।

## ଶିମିଳିପାଳରେ ଅଫିମ ଚାଷ: ପୁଲିସ-ବନ ବିଭାଗ ଜଳକା



ମୟୂରଭଂଜ, ୧୦/୩ (ନି.ପ୍ର): ଶିମିଳିପାଳ ଅଭୟାରଣ୍ୟରେ ବିପୁଳ ପରିମାଣ ଅଫିମ ଚାଷ। ଶିମିଳିପାଳ ଅଭୟାରଣ୍ୟର କୋର ଏରିଆରେ ଅଫିମ ଚାଷ ଚାଲିଥିଲା। ପ୍ରଥମ ଥର ପାଇଁ ଶିମିଳିପାଳ ଅଭୟାରଣ୍ୟ ଭିତରେ ବିପୁଳ ପରିମାଣର ଅଫିସ ଚାଷ ଦେଖି ପୁଲିସ ଓ ବନ ବିଭାଗ ତାଜୁବ ହୋଇଛି। ଶିମିଳିପାଳ ଅଭୟାରଣ୍ୟର କୋର ଏରିଆ ବକୁଆ ଓ କୁକୁରଭୁକା ଗାଁରେ ବ୍ୟାପକ ପରିମାଣର ଅଫିମ ଚାଷ ହୋଇଥିଲା। ଏହାର ଖବର ପାଇ ବନ ବିଭାଗ, ଅବକାରୀ ବିଭାଗ ଓ ପୁଲିସ ଟିମ ମିଳିତ ଭାବେ ଚଢ଼ଉ କରିଥିଲେ। ବ୍ୟାପକ ଅଞ୍ଚଳରେ ଅଫିସ ଚାଷ ଦେଖି ସମସ୍ତେ ଜଳକା ହୋଇଛନ୍ତି। ଶେଷରେ ମୟୁରଭଞ୍ଜ ଜିଲ୍ଲା ଜଶିପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପାଞ୍ଚ ଲକ୍ଷ ପଚିଶି ହଜାରରୁ ଅଧିକ ଅଫମ ଗଛକୁ ନଷ୍ଟ କରିଛି। ଗଛ ଗୁଡ଼ିକୁ ପୋଡ଼ି ଦିଆଯାଇଛି। ଏହି ଅଫିମ ଗଛଗୁଡ଼ିକର ଆନୁମାନିକ ମୂଲ୍ୟ ପାଖାପାଖି ଦଶ କୋଟି ଟଙ୍କା ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଶିମିଳିପାଳ ଅଭୟାରଣ୍ୟରେ ଏତେ ପରିମାଣର ଅଫିମ ଚାଷ କରା ଯାଇଥିବା ଘଟଣାକୁ କେହି ବି ସହଜରେ ବିଶ୍ୱାସ କରିପାରୁ ନାହାନ୍ତି। କାରଣ କୋର ଅଞ୍ଚଳରେ ବନ ବିଭାଗର ସବୁ ବେଳେ ନଜର ରହିଥାଏ। ଏହା ସତ୍ତ୍ୱେ ଦୀର୍ଘଦିନ ହେଲା, ଏଠାରେ କେମିତି ଅଫିମ ଚାଷ କରାଯାଉଥିଲା, ତାହା ସବୁଠାରୁ ବଡ଼ ପ୍ରଶ୍ନ ହୋଇ ଛିଡ଼ା ହୋଇଛି। ଶିମିଳିପାଳ ଅଭୟାରଣ୍ୟ ଭିତରେ ଏହି ଅଫିମ ଚାଷ କିଏ କରୁଥିଲା ?

## ଘରୁ ମିଳିଲା ଦମ୍ପତିଙ୍କ ମୃତଦେହ

କଟକ, ୧୦/୩ (ନି.ପ୍ର): କଟକ ଜିଲ୍ଲା ବଡ଼ମ୍ବା ମାଣିଆବନ୍ଧରେ ଏକ ଘରୁ ଏକ ଦମ୍ପତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକମାନେ ହେଉଛନ୍ତି ନିତ୍ୟାନନ୍ଦ ମହାପାତ୍ର (୬୧) ଓ ତାଙ୍କ ପତ୍ନୀ ଶାନ୍ତିଲତା ମହାପାତ୍ର (୫୪)। ପାରିବାରିକ କଳହରୁ ସେମାନେ ଆତ୍ମହତ୍ୟା କରିଥିବା କୁହାଯାଉଥିବା ବେଳେ ପୁଲିସ ଘଟଣାର ତଦନ୍ତ କରୁଛି। ନିତ୍ୟାନନ୍ଦଙ୍କ ଜଣେ ସଂପର୍କୀୟ ପ୍ରାଣକୃଷ୍ଣ ଦଳେଇ କହିଛନ୍ତି, ସେମାନଙ୍କ ବଡ଼ ପୁଅ ଓ ବୋହୂ ବାହାରେ ରହନ୍ତି। ସାନ ପୁଅ ଗତକାଲି ନଥିଲେ। ସେ କୌଣସି ଇଣ୍ଟରଭ୍ୟୁ ଦେବାକୁ ଯାଇଥିଲେ। ଘରେ ଆଉ କେହି ନଥିଲେ। ସେମାନଙ୍କ ପରିବାରରେ କୌଣସି କଥାକୁ ନେଇ କଳହ ରହିଥିଲା। ତେବେ ସେ ନେଇ ସେମାନଙ୍କୁ ବୁଝାସୁଝା କରାଯାଇଥିଲା। ଆଜି ସକାଳ ପ୍ରାୟ ୭ଟା ପର୍ଯ୍ୟନ୍ତ ସେମାନଙ୍କ ଘରର କବାଟ ବନ୍ଦ ରହିଥିଲା। ▶▶ପୃଷ୍ଠା ୭

## ଜୀବନ ଯୁଦ୍ଧରେ ହାରିଗଲେ ବୋରୱେଲରେ ଖସି ପଡ଼ିଥିବା ବ୍ୟକ୍ତି



ନୂଆଦିଲ୍ଲୀ, ୧୦/୩ : ଶେଷରେ ଜୀବନ ଯୁଦ୍ଧରେ ହାରିଗଲେ ବୋରୱେଲରେ ଖସି ପଡିଥିବା ବ୍ୟକ୍ତି। ଦିଲ୍ଲୀର କେଶବପୁର ମଣ୍ଡି ଅଞ୍ଚଳରେ ଥିବା ଜଳ ବୋର୍ଡ ୪୦ ଫୁଟ ଗଭୀର ବୋରୱେଲରେ ଖସି ପଡିଥିବା ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଏନେଇ ଖୋଦ୍ ସୂଚନା ଦେଇଛନ୍ତି ଦିଲ୍ଲୀ ଶିକ୍ଷା ମନ୍ତ୍ରୀ ଆତିଶି ସିଂହ। ଦୀର୍ଘ ୧୪ ଘଣ୍ଟା ଧରି ରେସ୍କ୍ୟୁ ଅଭିଯାନ ଚଳାଇବା ପରେ ବୋରୱେଲରେ ଖସି ପଡିଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଥିଲା। ଏହାପରେ ତାଙ୍କୁ ଦିଲ୍ଲୀରୁ ଡିଡୁୟୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ବୋରୱେଲରେ ପଡ଼ିଯାଇଥିବା ବ୍ୟକ୍ତିଙ୍କ ମୃତ୍ୟୁ ସମ୍ପର୍କରେ ସୂଚନା ଦେଇ ଦିଲ୍ଲୀ ମନ୍ତ୍ରୀ ଆତିଶି ସିଂହ କହିଛନ୍ତି ଯେ ମୋତେ ଅତି ଦୁଃଖର ସହ କହିବାକୁ ପଡୁଛି ଯେ, ଯେଉଁ ବ୍ୟକ୍ତି ବୋରୱେଲରେ ଖସି ପଡ଼ିଥିଲେ, ତାଙ୍କର ମୃତ୍ୟୁ ହୋଇଛି। ଏଥିସହ ସେ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ପ୍ରାଥମିକ ସୂଚନା ଅନୁଯାୟୀ ମୃତ ବ୍ୟକ୍ତିଙ୍କ ବୟସ ପାଖାପଖି ୩୦ ବର୍ଷ ହେବ। ତେବେ ସେ କିପରୁ ଏହି ବୋରୱେଲ ରୁମ୍‌କୁ ପଶିଲେ ଏଠାରେ କିଭଳି ଖସିପଡିଲେ ସେ ନେଇ ପୁଲିସ ତଦନ୍ତ ଜାରି ରଖିଛି। ତେବେ ଇଣ୍ଡିଆ ଟୁଡେର ରିପୋର୍ଟ ଅନୁଯାୟୀ, ଉକ୍ତ ବ୍ୟକ୍ତି ଜଣକ ରାତି ଅଧରେ ▶▶ପୃଷ୍ଠା ୭

## ନନ୍ଦନକାନନରେ 'ରାତି ବୁଲା' କାର୍ଯ୍ୟକ୍ରମ




ଭୁବନେଶ୍ୱର, ୧୦/୩ (ନି.ପ୍ର): ଆଜି ଠାରୁ ନନ୍ଦନକାନନରେ ଆରମ୍ଭ ହୋଇଛି 'ନାଇଟ୍ ଆଉଟ ଆଟ୍ ଜୁ' କାର୍ଯ୍ୟକ୍ରମ। ନନ୍ଦନକାନନ ପକ୍ଷରୁ ଆରମ୍ଭ ହୋଇଛି ନୂଆ ବନ୍ୟପ୍ରାଣୀ ଶିକ୍ଷା କାର୍ଯ୍ୟକ୍ରମ। ଆଜିଠୁ ନୂଆ ବନ୍ୟପ୍ରାଣୀ ଶିକ୍ଷା କାର୍ଯ୍ୟକ୍ରମ 'ନାଇଟ୍ ଆଉଟ ଆଟ୍ ଜୁ' ଆରମ୍ଭ ହୋଇଛି। ସଂଧ୍ୟା ୬ଟା ୩୦ରୁ ରାତି ୮ଟା ଯାଏ ନନ୍ଦନକାନରେ ବୁଲିବାକୁ ମିଳିବ ଅନୁମତି। ପ୍ରତି ରବିବାର ସନ୍ଧ୍ୟା ପରେ ୨୦ ଜଣ ଲୋକ ଏହି କାର୍ଯ୍ୟକ୍ରମରେ ଭାଗ ନେଇପାରିବେ। ୨୫୦ ଟଙ୍କା ଦେଇ ପ୍ରଥମେ ଅନଲାଇନ୍ ରେଜିଷ୍ଟ୍ରେସନ କରିବାକୁ ପଡ଼ିବ। ଏହାପରେ ବ୍ୟାଟେରୀ ଗାଡ଼ିରେ ବୁଲି ଦର୍ଶକମାନେ ନନ୍ଦନକାନନର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାଗ ନେଇପାରିବେ। ▶▶ପୃଷ୍ଠା ୭

## ବିହାରର ଗୟାରୁ ତିନିକୋଟିର ସୁନା ଜବତ କଲା ଡିଆରଆଇ ଟିମ୍

ପାଟନା/ଗୟା, ୧୦/୩ (ନି.ପ୍ର): ଡାଇରେକ୍ଟରେଟ ଅଫ ରେଭେନ୍ୟୁ ଇଂଟେଲିଜେନ୍ସ (ଡିଆରଆଇ) ରବିବାର ବିହାରର ଗୟା ଜିଲ୍ଲାର ଶେରଘାଟିର ସବକଲା ଟୋଲ ପ୍ଲାଜା ନିକଟରେ ତସ୍କରଙ୍କ ଦ୍ୱାରା ଏକ କାର୍ ରେ ନିଆଯାଉଥିବା ପ୍ରାୟ ୩ କୋଟି ମୂଲ୍ୟର ସୁନା ଜବତ ହୋଇଛି । ଘଟଣାରେ ତିନି ଜଣଙ୍କୁ ଗିରଫ କରାଯିବା ସହ ବ୍ୟବହୃତ କାର୍ କୁ ଜବତ କରାଯାଇଛି । ବାଙ୍ଗଲାଦେଶରୁ ଏହି ସୁନାକୁ ଭାରତ ଅଣାଯାଇଥିଲା । ଏହାପରେ ତାକୁ ଗ୍ୱାଲିୟର୍ ନିଆଯିବାର ଥିଲା । ହେଲେ ଏହା ପୂର୍ବରୁ ଡିଆରଆଇ ଟିମ୍ ସୁନା ତସ୍କରଙ୍କୁ ଧରିବାରେ ସଫଳ ହୋଇଛି । ଡିଆରଆଇ ମୁମ୍ବାଇ ଜୋନ୍ କୁ ସୁନା ତସ୍କରୀ ନେଇ ଗୁପ୍ତ ସୂଚନା ମିଳିଥିଲା । ଏହି ସୂଚନାକୁ ମୁମ୍ବାଇ ଡିଆରଆଇ ପାଟଣାରେ ନିଜ ଟିମ୍ କୁ ସେୟାର କରିଥିଲା । ଏହାପରେ ପାଟଣାରୁ ଡିଆରଆଇ ଟିମ୍ ଗୟାରେ ପହଂଚିଥିଲା । ଏବଂ ସେଠାରୁ ଏମାନଙ୍କୁ ଗିରଫ କରିଥିଲା ।

## ଛତ୍ରଭଙ୍ଗ ଦେଲେ ନକ୍ସଲ



କନ୍ଧମାଳ, ୧୦/୩ (ନି.ପ୍ର): କନ୍ଧମାଳ ଜିଲ୍ଲା କୋଟଗଡ଼ ଓ ବେଲଘର ଥାନା ଦୁର୍ଗାପଙ୍ଗା ସଂରକ୍ଷିତ ଜଙ୍ଗଲରେ ଏସ୍ଓଜି ଯବାନମାନେ କମ୍ବିଂ ଅପେରସନ କରୁଥିବା ବେଳେ ଶନିବାର ଦିନ ପ୍ରାୟ ସାଢ଼େ ୧୧ଟା ବେଳେ ନକ୍ସଲଙ୍କ ସହିତ ସେମାନଙ୍କର ମୁହାଁମୁହିଁ ହୋଇଥିଲା। ୧୫ରୁ ୨୦ ମିନିଟ୍ ଧରି ସେମାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏହା ପରେ ଘଞ୍ଚ ଜଙ୍ଗଲର ସୁଯୋଗ ନେଇ ନକ୍ସଲମାନେ ସେହି ସ୍ଥାନ ଛାଡ଼ି ଚାଲି ଯାଇଥିଲେ। ଗୁଳି ବିନିମୟ ବନ୍ଦ ହେବା ପରେ ଏସ୍ଓଜି ଯବାନମାନେ ଜଙ୍ଗଲରେ ସର୍ଚ୍ଚ ଅପେରସନ କରିଥିଲେ। ସର୍ଚ୍ଚ ଅପେରସନ ବେଳେ ସେଠାରେ ଏକ ନକ୍ସଲ କ୍ୟାମ୍ପ ଠାବ ହୋଇଥିଲା। କ୍ୟାମ୍ପରୁ ୭ଟି ଉନ୍ନତ ମାନର ଗ୍ରେନେଡ, ୩ଟି ଜିଲୋଟିନ, ବିଦ୍ୟୁତ ତାର, ଉନ୍ନତ ଧରଣର ବ୍ଲାଷ୍ଟିଂ ମେସିନ ଓ ସୋଲାର ପ୍ୟାନେଲ ସହିତ ଅନ୍ୟାନ୍ୟ ବହୁ ସାମଗ୍ରୀ ଜବତ କରାଯାଇଛି। ସେଠାରେ ବଂଶଧାରା-ଘୁମସର-ନାଗାବଳୀ ନକ୍ସଲ ସଂଗଠନର କ୍ୟାମ୍ପ ଚାଲିଥିଲା ଓ ପ୍ରାୟ ୧୫ ଜଣ ହାର୍ଡକୋର ନକ୍ସଲ ଥିଲେ ବୋଲି କନ୍ଧମାଳ ଏସ୍ପି ଶୁଭେନ୍ଦୁ କୁମାର ପାତ୍ର ସୂଚନା ଦେଇଛନ୍ତି। ନକ୍ସଲମାନେ ଦୁର୍ଗାପଙ୍ଗା ସଂରକ୍ଷିତ ଜଙ୍ଗଲରେ ଥିବା ନେଇ ବିଶେଷ ସୂତ୍ରରୁ ସୂଚନା ପାଇବା ପରେ ଏସ୍ଓଜି ଯବାନମାନେ ଗତ ୬ ତାରିଖରୁ କମ୍ବିଂ ଅପରେସନ ଆରମ୍ଭ କରିଥିଲେ।

## ୧୫ ସୁଦ୍ଧା ୨ ନୂଆ ନିର୍ବାଚନ କମିଶନର !




ନୂଆଦିଲ୍ଲୀ, ୧୦/୩ : ଖୁବଶୀଘ୍ର ଘୋଷଣା ହୋଇପାରେ ୨ ନୂଆ ନିର୍ବାଚନ କମିଶନରଙ୍କ ନାଁ। ୨ ଜଣ କମିଶନରଙ୍କ ନାଁ ଚୟନ ପାଇଁ ମାର୍ଚ୍ଚ ୧୩ କିମ୍ବା ୧୪ରେ ବସିବ ସର୍ଚ୍ଚ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ। ଏହାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିବ ଆଉ ଏକ ବୈଠକ। ଉକ୍ତ ବୈଠକରେ ୨ ନିର୍ବାଚନ କମିଶନଙ୍କ ନାଁ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ମାର୍ଚ୍ଚ ୧୫ରେ ବସିବାକୁ ଥିବା ବୈଠକ ପରେ ଦେଶକୁ ୨ ନୂଆ ନିର୍ବାଚନ କମିଶନର ମିଳିଯିବେ। ଚଳିତ ବର୍ଷ ଫେବୃଆରୀ ୧୪ରେ ନିର୍ବାଚନ କମିଶନର ଭାବେ କାର୍ଯ୍ୟ କରୁଥିବା ଅନୁପ ଚନ୍ଦ୍ର ପାଣ୍ଡେଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। ଏହାପରେ ଶନିବାର ଅଚାନକ ଅରୁଣ ଗୋଏଲ ଅଚାନକ ଇସି ପଦରୁ ଇସ୍ତଫା ଦେଇଥିଲେ। ଫଳରେ ୨ଟି ଯାକ ନିର୍ବାଚନ କମିଶନର ପଦ ଏବେ ଖାଲି ପଡ଼ିଛି। ଏହି ପ୍ୟାନେଲରେ କେବଳ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଅଛନ୍ତି। ପୂର୍ବରୁ ବରିଷ୍ଠତା ଭିତ୍ତିରେ ରାଷ୍ଟ୍ରପତି ନିର୍ବାଚନ କମିଶନର ନିଯୁକ୍ତ କରୁଥିବା ବେଳେ ନିକଟରେ ଏହି ଆଇନରେ ସଂଶୋଧନ ହୋଇଛି। ନୂଆ ଆଇନ ଅନୁସାରେ, ପ୍ରଥମେ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କ ଅଧ୍ୟକ୍ଷତାରେ ଏକ ସର୍ଚ୍ଚ କମିଟି ଗଠିତ ହେବ। ଏଥିରେ ଗୃହ ସଚିବ ଓ ପର୍ସନେଲ୍ ଆଣ୍ଡ୍ ଟ୍ରେନିଂ ବିଭାଗ ସଚିବ ରହିବେ। ଏହି ସର୍ଚ୍ଚ କମିଟି ୨ଟି ଖାଲି ପଦବୀ ପାଇଁ ପାଞ୍ଚଟି ନାଁକୁ ନେଇ ୨ଟି ଭିନ୍ନ ଭିନ୍ନ ତାଲିକା ପ୍ରସ୍ତୁତ କରିବେ। ସେଥିରୁ ୨ଟି ନାଁ ଚୂଡ଼ାନ୍ତ କରାଯିବ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ଜଣେ କେନ୍ଦ୍ରମନ୍ତ୍ରୀ ଓ ଲୋକସଭାରେ କଂଗ୍ରେସ ଦଳର ନେତା ଅଧୀର ରଞ୍ଜନ ଚୌଧୁରୀ ରହିଛନ୍ତି। ଏହି କମିଟି ସୁପାରିସ କରିବାକୁ ଥିବା ନାଁ ଉପରେ ରାଷ୍ଟ୍ରପତି ମୋହର ମାରିବେ। ▶▶ପୃଷ୍ଠା ୭

## ପ୍ରାର୍ଥୀ ଘୋଷଣା କଲା ଟିଏମ୍‌ସି: ଆସନସୋଲରୁ ଶତ୍ରୁଘ୍ନ ଓ କୃଷ୍ଣନଗରୁ ମହୁଆ



କୋଲକାତା, ୧୦/୩ (ନି.ପ୍ର): ଆଗାମୀ ଲୋକସଭା ନିର୍ବଚନ ପାଇଁ ପ୍ରାର୍ଥୀ ଘୋଷଣା କଲା ତ୍ରୁଣମୂଳ କଂଗ୍ରେସ। ଟିଏମ୍‌ସି ସୁପ୍ରିମୋ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ସମସ୍ତ ୪୨ଟି ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ଏଥର ପୁଣି ଥରେ ଦଳ ବଲିଉଡର ବର୍ଷିଆନ୍ ଅଭିନେତା ତଥା ଶଟ୍‌ଗନ ଶତ୍ରୁଘ୍ନ ସିହ୍ନାଙ୍କୁ ଆସନସୋଲରୁ ଟିକେଟ୍ ଦେଇଛି। ସେ ପୁଣି ଥରେ ଏହି ଆସନରୁ ନିର୍ବାଚନ ଲଢ଼ିବେ। ସେହିରପି ଲାଞ୍ଚ ନେଇ ସଂସଦରେ ପ୍ରଶ୍ନ ପଚାରିବା ମାମଲାରେ ଛନ୍ଦି ହୋଇଥିବା ଟିଏମ୍‌ସି ନେତ୍ରୀ ମହୁଆ ମୋଇତ୍ରାଙ୍କୁ ମଧ୍ୟ ଦଳ ଟିକେଟ୍ ଦେଇଛି। କୃଷ୍ଣନଗର ଆସନରୁ ଟିଏମ୍‌ସି ତାଙ୍କୁ ପୁଣି ଥରେ ତାଙ୍କୁ ମୈଦାନକୁ ଓହ୍ଲାଇଛି। ସେହିପରି ଡାଇମଣ୍ଡ ହାର୍ବର ରୋଡ୍‌ରୁ ଦଳ ଅଭିଷେକ ବାନାର୍ଜୀଙ୍କୁ ପ୍ରାର୍ଥୀ କରିଛି। ଟିଏମସି ପଶ୍ଚିମବଙ୍ଗରେ ଏକାକୀ ନିର୍ବାଚନ ଲଢିବା ନେଇ ଘୋଷଣା କରିବା ପରେ ଆଜି ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଏକ ମେଗା ରାଲି କରି ଦିଦି ପରେଡ୍ ଗ୍ରାଉଣ୍ଡରୁ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛନ୍ତି। ରାଲି ପୂର୍ବରୁ ମମତା ବାନାର୍ଜୀ ସୋଶାଲ ମିଡିଆ ପ୍ଲାଟଫର୍ମ ଉରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ଏହି ଭିଡିଓ ଜରିଆରେ ସେ ଲୋକଙ୍କୁ ଏହି ରାଲିରେ ସାମିଲ ହେବାକୁ ଅନୁରୋଧ କରିଛନ୍ତି।

## ବିଜେପିକୁ ବଡ଼ ଝଟ୍‌କା: ପଦ୍ମ ଛାଡି ସଙ୍ଗେ ସଙ୍ଗେ ହାତ ଧରିଲେ ସାଂସଦ

ନୂଆଦିଲ୍ଲୀ, ୧୦/୩ :ଲୋକସଭା ନିର୍ବାଚନ ପୂର୍ବରୁ ବିଜେପି ଲାଗିଛି ବଡ଼ ଝଟ୍‌କା। ହରିୟାଣା ବିଜେପିର ସାଂସଦ ବିଜେନ୍ଦ୍ର ସିଂହ ଦଳରୁ ଇସ୍ତଫା ଦେଇଛନ୍ତି। ହିସାର ଲୋକସଭା ଆସନରୁ ବିଜେପି ସାଂସଦ ଥିବା ବ୍ରିଜେନ୍ଦ୍ର ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଏନେଇ ସେ ଖୋଦ୍ ସୋଶାଲ ମିଡିଆରେ ପୋଷ୍ଟ ସେୟାର କରି ସୂଚନା ଦେଇଛନ୍ତି। ମାଇକ୍ରୋ ବ୍ଲଗିଂ ସାଇଟ୍ 'ଢ'ରେ ଟୁଇଟ୍ କରି ବ୍ରିଜେନ୍ଦ୍ର ଲେଖିଛନ୍ତି ଯେ, ରାଜନୈତିକ କାରଣ ହେତୁ ସେ ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଉଛନ୍ତି। ସାଂସଦ ଭାବେ ସେବା କରିବାର ଅବସର ଦେଇଥିବାରୁ ପାର୍ଟି ଅଧ୍ୟକ୍ଷ ଜେପି ନଡ୍ଡା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ତେବେ ବିଜେପିରୁ ଇସ୍ତଫା ଦେବାର କିଛି ସମୟ ପରେ ହିଁ କଂଗ୍ରେସରେ ସାମିଲ ହୋଇଛନ୍ତି ବିଜେନ୍ଦ୍ର। ସେ ନିଜ ବାପା ଓ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିରେନ୍ଦ୍ର ସିଂହଙ୍କ ▶▶ପୃଷ୍ଠା ୭

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନିର୍ବାଚନ ମୁହାଁ ନ୍ୟାୟଧୀଶ...

ସବୁ କଥା ଅଳ୍ପ କେତୋଟି ଦିନ ଭିତରେ ଘଟିଗଲା: କୋଲକାତା ହାଇକୋର୍ଟର ଜଣେ ବିଚାରପତି ଅଭିଜିତ୍ ଗଙ୍ଗୋପାଧ୍ୟାୟ ଘୋଷଣା କଲେ ଯେ ସେ ଦୁଇ ଦିନ ପରେ ନିଜ ପଦବୀରୁ ଇସ୍ତଫା ଦେବାକୁ ଯାଉଛନ୍ତି, ଆଉ ତା' ପର ଦିନ କୋର୍ଟକୁ ଗଲେ ନିଜର ବକେୟା କାମତକ ସାରିବାକୁ ଏବଂ ପରେ ପରେ ନିଜର ଇସ୍ତଫା ଘୋଷଣା କଲେ । କେବଳ ଏତିକି ନୁହେଁ, ନିଜର ଇସ୍ତଫା ସହିତ ସେ ଏକଥା ବି ଘୋଷଣା କଲେ ଯେ ସେ ସେହି ରାଜ୍ୟରୁ କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ଦଳର ଅର୍ଥାତ୍ ବିଜେପିର ଜଣେ ପ୍ରାର୍ଥୀ ଭାବରେ ଲୋକସଭା ନିର୍ବାଚନ ଲଢ଼ିବେ। ଏମିତି କଥା କେବଳ ଭାରତରେ ହିଁ ଘଟିପାରେ, ପୁଣି ଆଜିକା ସମୟରେ ହିଁ ଘଟିପାରେ। ନିକଟ ଅତୀତରେ ଏଇ ବିଚାରପତି ଜଣକ ରାଜ୍ୟ ସରକାରଙ୍କୁ ଅସୁବିଧାରେ ପକାଇବା ଭଳି ବେଶ୍ କେତେକ ଆଦେଶ ପ୍ରଦାନ କରିଛନ୍ତି, ଯାହାର ପରିଣାମ ହୁଏତ କ୍ୱଚିତ୍ କିଛି ଗୁରୁତ୍ୱ ବହନ କରିପାରେ ; ସାମ୍ବିଧାନିକ ଗଣତନ୍ତ୍ର ଏବଂ ନ୍ୟାୟାଳୟର ନିରପେକ୍ଷତା ଉପରେ କିନ୍ତୁ ଯେଉଁ ଲୋକମାନେ ଆସ୍ଥା ରଖନ୍ତି, ଯାହାକି ଏକ ଗଣତାନ୍ତ୍ରିକ ସମ୍ବିଧାନର ଅବିଚ୍ଛେଦ୍ୟ ଅଙ୍ଗ, ତାହା ଅବଶ୍ୟ ସେମାନଙ୍କୁ ଆତ୍ମସମୀକ୍ଷା କରିବାକୁ ବାଧ କରିବ ଯେ ନ୍ୟାୟପାଳିକାର ସଦସ୍ୟମାନେ ସତରେ କ'ଣ ରାଜନୀତିକ ଦଳମାନଙ୍କଠାରୁ ଏବଂ ସେମାନେ ଅଗ୍ରୀମ ଭାବରେ ପ୍ରଦାନ କରୁଥିବା ସମ୍ଭାବନାଗୁଡ଼ିକଠାରୁ ଦୂରତା ବଜାୟ ରଖନ୍ତି । ଭାରତର ସମ୍ବିଧାନ ସାମ୍ବିଧାନିକ କୋର୍ଟ- ହାଇକୋର୍ଟ ଏବଂ ସୁପ୍ରିମ୍‌କୋର୍ଟ-ମାନଙ୍କ ଉପରେ ପ୍ରଭୁତ କ୍ଷମତା ଅର୍ପଣ କରିଛି । ଏଇ କ୍ଷମତାଗୁଡ଼ିକ ମଧ୍ୟରେ ଏମିତିକି ଖୋଦ୍ ସମ୍ବିଧାନର ମଧ୍ୟ ତର୍ଜମା କରିବା କ୍ଷମତା ସାମିଲ ଅଛି। ସମ୍ବିଧାନର ଧାରା ୨୨୬ ଅଧୀନରେ ହାଇକୋର୍ଟଗୁଡ଼ିକ ନାଗରିକମାନଙ୍କ ମୌଳିକ ଅଧିକାରଗୁଡ଼ିକର ରକ୍ଷାକର୍ତ୍ତା ଏବଂ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ଆଦେଶ ପ୍ରଦାନ କରିବା ନିମନ୍ତେ କ୍ଷମତାପ୍ରାପ୍ତ । ବସ୍ତୁତଃ, ମୌଳିକ ଅଧିକାରଗୁଡ଼ିକର ନିଶ୍ଚିତତା, ଯେଉଁଗୁଡ଼ିକ ରାଷ୍ଟ୍ର ବିପକ୍ଷରେ ନାଗରିକମାନଙ୍କ ଢାଲ ସଦୃଶ, ସେଗୁଡ଼ିକ ହାଇକୋର୍ଟ ଏବଂ ସୁପ୍ରିମ୍‌କୋର୍ଟଙ୍କ ଦୟା ଉପରେ ନିର୍ଭର କରିଥାଏ; ଏକ ସର୍ବଶକ୍ତିମାନ ରାଷ୍ଟ୍ରଠାରୁ ନିଜକୁ ରକ୍ଷା କରିବା ନିମନ୍ତେ ଏହି କୋର୍ଟମାନଙ୍କୁ ହିଁ ନାଗରିକମାନେ ଧାଇଁ ଯାଇଥାନ୍ତି ଆଗ୍ରହ ହୋଇ। କୋର୍ଟଗୁଡ଼ିକ ମଧ ବ୍ୟକ୍ତି-ବ୍ୟକ୍ତି, ସଂଗଠନ, ଅନୁଷ୍ଠାନ ଏବଂ ସରକାରମାନଙ୍କ ମଧ୍ୟରେ- ସେହିସବୁ ସଂସ୍ଥା, ଯେଉଁମାନଙ୍କର ଆଇନଗତ ବୈଧତା ରହିଛି- ଉପୁଜୁଥିବା ବିବାଦର ସମାଧାନ କରିବା ନିମନ୍ତେ ଆବଶ୍ୟକ ହୋଇଥାନ୍ତି । ଆମ ସମୟ ଭଳି ଏକ ଅତ୍ୟଧିକ ପରିମାଣରେ ଧ୍ରୁବୀକୃତ ବିଶ୍ୱରେ ଏବଂ ବର୍ତ୍ତମାନ ଭଳି ଢେର୍ ଅଧିକ ପରିମାଣରେ ଉତ୍କ୍ଷିପ୍ତ ସମୟ ଖଣ୍ଡରେ ଯେ କୌଣସି ବ୍ୟକ୍ତିଙ୍କ ପାଇଁ ତାଙ୍କ ଚାରିପାଖରେ ଯାହା କିଛି ଘଟୁଛି, ସେସବୁ ପ୍ରତି ଉଦାସୀନ ରହିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ- ବିଶେଷକରି ଯେତେବେଳେ ପ୍ରତ୍ୟେକଟି ଗଣତାନ୍ତ୍ରିକ ଅନୁଷ୍ଠାନ ଉପରେ ବାରମ୍ବାର ଆକ୍ରମଣ ହୋଇ ଚାଲିଛି ଏବଂ ବିଧିବଦ୍ଧ ଭାବରେ ସେଗୁଡ଼ିକୁ ଦୁର୍ବଳ କରି ଦିଆଯାଉଛି, ସେଭଳି ଏକ ସମୟରେ। ଏଇ ସମୟରେ ନ୍ୟାୟପାଳିକାର ସଦସ୍ୟମାନେ ନିଜକୁ ଏସବୁର ଊର୍ଦ୍ଧ୍ୱରେ ରହିଥିବା ଏବଂ ସମାଜ ସେମାନଙ୍କ ଉପରେ ନ୍ୟସ୍ତ କରିଥିବା ନ୍ୟାୟ ପ୍ରଦାନ ଭଳି ଗୁରୁ ଦାୟିତ୍ୱକୁ ନିରପେକ୍ଷ ଭାବରେ ନିର୍ବାହ କରୁଥିବାକୁ ପ୍ରମାଣିତ କରିବାର ଆବଶ୍ୟକତା ରହିଛି। କେବଳ ସେଇମାନଙ୍କ ପାଇଁ ହିଁ ପ୍ରଦର୍ଶିତ କରିବାର ଆବଶ୍ୟକତା ରହିଛି ଯେ ବିବାଦଗୁଡ଼ିକର ସମାଧାନ କରିବା ନିମନ୍ତେ ସେମାନେ ଯଥେଷ୍ଟ ଯୋଗ୍ୟ; ସେମାନେ କୌଣସି ପରିସ୍ଥିତିରେ ବି କାହା ଦ୍ୱାରା ଆକ୍ରାନ୍ତ କି ପ୍ରଭାବିତ ହୋଇ ନାହାନ୍ତି ଏବଂ ଆଦେଶ ପ୍ରଦାନରେ ସେମାନଙ୍କର କିଛି ସ୍ୱାର୍ଥ ନିହିତ ନାହିଁ । ଏକ ରାଷ୍ଟ୍ର ଭାବରେ ଭାରତ ଏ ପର୍ଯ୍ୟନ୍ତ ସୁଦ୍ଧା ରାଜନୀତିକ ଦୃଷ୍ଟିକୋଣରୁ ବିଚାର କରି ବିଚାରପତିମାନଙ୍କୁ ରାଜନୀତିର ଆକର୍ଷଣରୁ ରକ୍ଷା କରିବାରେ ସକ୍ଷମ ହୋଇପାରି ନାହିଁ । ଏହା ମଧ କରାଯିବାର ଆବଶ୍ୟକତା ନାହିଁ । ସୈଦ୍ଧାନ୍ତିକ ପଦବୀରେ ଅଧିଷ୍ଠିତ ହେବାକୁ ବାଦ୍ ଦେଲେ ବି ସମୟ ଉପଗତ ହୋଇଛି, ଆମର ଆଇନ ନିର୍ମାତାମାନେ ସେହିସବୁ ବ୍ୟବସ୍ଥାଗୁଡ଼ିକ ସମ୍ପର୍କରେ ଚିନ୍ତା କରିବା ଉଚିତ ଯାହା ଉଚ୍ଚତମ ନ୍ୟାୟାଳୟଗୁଡ଼ିକର ସଦସ୍ୟମାନଙ୍କୁ ରାଜନୀତି ଜଗତର ଶିକାରୀ ଆଖୁଗୁଡ଼ିକଠାରୁ ସୁରକ୍ଷିତ ରଖି ପାରିବ । ଅମଲାତନ୍ତ୍ରରେ କେତେକ ସ୍ତରରେ ରହିଥିବା ବ୍ୟକ୍ତିମାନଙ୍କ ନିମନ୍ତେ ସରକାରୀ ଚାକିରିରୁ ଅବସର ନେବା ପରେ ଅନ୍ୟ କୌଣସି ସ୍ଥାନରେ ସେମାନେ କିଛି ପଦ ପଦବୀରେ ଅଧିଷ୍ଠିତ ହେବା ପାଇଁ, ବିଶେଷକରି ସେହିସବୁ ପଦ ପଦବୀରେ, ଯେଉଁଠାରେ ସେମାନଙ୍କ ନିଷ୍ପତ୍ତିଗୁଡ଼ିକ ସମ୍ଭାବ୍ୟ ନିଯୁକ୍ତିଦାତାମାନଙ୍କ ନିଷ୍ପତ୍ତିକୁ ପ୍ରଭାବିତ କରିଥାଇପାରେ, ସେସବୁରେ ରହିବାକୁ ସ୍ଥିର କରିବା ପୂର୍ବରୁ ସେମାନଙ୍କୁ ସ୍ୱଚ୍ଛନ୍ଦରେ ଅତିବାହିତ କରିବା ନିମନ୍ତେ କିଛି ଅବଧିର ସମୟ ବାଧ୍ୟତାମୂଳକ କରାଯିବା ଉଚିତ। ଭାରତର ଜଣେ ପୂର୍ବତନ କେନ୍ଦ୍ର ଆଇନ ମନ୍ତ୍ରୀ ଏକଦା କହିଥିବାର ନଜିର ରହିଛି, 'ଅବସର-ପରବର୍ତ୍ତୀ ନିଯୁକ୍ତିଗୁଡ଼ିକ ଦ୍ୱାରା ଅବସର ପୂର୍ବର ବିଚାରଗୁଡ଼ିକ ପ୍ରଭାବିତ ହୋଇଥାଏ।' ଆମେ ଭାରତବାସୀ ଏମିତି ଏକ ସମୟରେ ପହଞ୍ଚି ଯାଇଛେ, ଯେତେବେଳେ କି ବିଚାରପତିମାନେ ଆଉ ଅବସର ନେବାର ବୟସରେ ପହଞ୍ଚିବା ପର୍ଯ୍ୟନ୍ତ ଅପେକ୍ଷା କରୁ ନାହାନ୍ତି । ଏଣୁ ସମୟ ଉପଗତ ହୋଇଛି, ଆମକୁ ବାସ୍ତବତାକୁ ମାନି ନେବାକୁ ପଡ଼ିବ, ମନରେ ଏଇ ଆଶା ପୋଷଣ କରି ଯେ ନ୍ୟାୟାଳୟରୁ ହୁଏତ କେବେ ନା କେବେ ନ୍ୟାୟ ମିଳିବ।

## କଟକର ରୂପା ତାରକସିକୁ ଜିଆଇ ମାନ୍ୟତା



### ବିପିନ ବିହାରୀ ରାଉତ

ଉତ୍କର୍ଷର କଳାର ରାଜ୍ୟ ଭାବେ ପରିଚିତ ଉତ୍କଳ ତାର ସାଂସ୍କୃତିକ, ସମ୍ପଦ ଓ ବିଭବକୁ ନେଇ ଦେଶ ବିଦେଶରେ କଳିଙ୍ଗ, ଉତ୍କଳ ଓ ଓଡ଼ିଶା ଭାବେ ପରିଚିତ ଉତ୍କୃଷ୍ଟ ଭାସ୍କର୍ଯ୍ୟଶିଳ୍ପ ବିମଣ୍ଡିତ ମନ୍ଦିର, କୋଣାର୍କର ସୂର୍ଯ୍ୟ ମନ୍ଦିର, ଶ୍ରୀକ୍ଷେତ୍ର, ଏକାମ୍ର କ୍ଷେତ୍ର, ବିରଜା କ୍ଷେତ୍ର ପରି ଅସଂଖ୍ୟ ମନ୍ଦିର ଓ ଅନ୍ୟାନ୍ୟ ଭାସ୍କର୍ଯ୍ୟକୀର୍ତ୍ତି ଏବେ ବି ମହାନ ସଂସ୍କୃତିର ଇତିହାସରେ ପରିଚୟ ବହନ କରେ। ସେହିପରି ସମଗ୍ର ଓଡ଼ିଶାର ଉତ୍କୃଷ୍ଟ ବୟନ ଶିଳ୍ପର ଅତୁଳନୀୟ ନମୁନା ଯୁଗ ଯୁଗ ଧରି ଆଜି ପର୍ଯ୍ୟନ୍ତ ଜୀବିତ ରହି ଆସିଛି। ନୂଆପାଟଣାର ଖଣ୍ଡୁଆ ପାଟ ଓ ଗୀତ ଗୋବିନ୍ଦ ଶାଢ଼ୀ, ବରହମପୁର ପାଟ, ବୋମକେଇ ଶାଢ଼ୀ, କୋଟପାଡ଼ର ପ୍ରାଚୀନ ଜୈବିକ ପଦ୍ଧତି ଅନୁସୃତ ବୟନଶିଳ୍ପ, ସୋନପୁରୀ ଓ ସମ୍ବଲପୁରୀ ବାନ୍ଧକଳା ସହ ହଜାର ବର୍ଷର ସହର ଭାବେ ପରିଚିତ କଟକର ସୁନା-ରୂପା ତାରକସି କାରିଗର, ଗଜପତି ଜିଲ୍ଲାର ସିଂହ ନିର୍ମିତ କଳାକୃତି, ପୁରୀ ଓ ଗଞ୍ଜାମ ଜିଲ୍ଲାର ପଟ୍ଟଚିତ୍ର ଓ ଗଞ୍ଜପା, ପିପିଲର ଚାନ୍ଦୁଆ ଏମିତି ଗଣି ବସିଲେ ଓଡ଼ିଶା ଭୂଇଁରେ କେତେ ଜାତିର ଚାରୁ ଶିଳ୍ପ କଳା କେଉଁ ପ୍ରାଚୀନ ସମୟରୁ ଜୀବନ ଜୀବିକା ସହ ତାଳ ମେଳାଇ ବିଶ୍ୱ ବଜାରରେ ଉତ୍କଳୀୟ କଳା ନୈପୁଣ୍ୟକୁ ଉଦଜୀବିତ କରି ରଖିବସାରେ ସମର୍ଥ ହୋଇଛନ୍ତି।

ନିକଟରେ କଟକର ରୂପା ତାରକସି କାମକୁ ଭାରତ ସରକାର ଜିଆଇ ଟ୍ୟାକ ମାନ୍ୟତା ବା ଭୌଳିକ ସୂଚକ ଚିହ୍ନରେ ପଞ୍ଜୀକୃତ କରି ସମଗ୍ର ଓଡ଼ିଆ ଜାତିର ଲୋକଙ୍କ ସହ କଟକିଆଙ୍କ ମନରେ ଅପାର ଆନନ୍ଦ ସୃଷ୍ଟି କରିଛନ୍ତି। ଉତ୍କଳର ଗୌରବାମହ ଅତୀତରେ ଆମ ରାଜ୍ୟର ସାଧବମାନେ ବୋଇତ ଧରି ହସ୍ତକଳା, ଚାରୁଶିଳ୍ପ ଆଦି ଉଚ୍ଚମାନର ପଣ୍ୟଦ୍ରବ୍ୟ ନେଇ ସୁଦୂର ଜାଭା ସୁମାତ୍ରା, ବାର୍ଲି, ଶାମ ଦେଶ, କାମ୍ବୋଜ ଓ ସଂହଳ ଆଦି ବିସ୍ତୀର୍ଣ୍ଣ ଅଞ୍ଚଳରେ ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ଯେଉଁକଳା ପ୍ରାଚୀନ କାଳରୁ ଦେଶ ବିଦେଶରୁ ପ୍ରଶଂସିତ ହୋଇ ଆସୁଥିଲା, ସେହି ଚାନ୍ଦି ତାରକସି କାମକୁ ବହୁ ଦିନର ଦାବୀ ପୂରଣ କରି ଭାରତ ସରକାର ଯେଉଁ ଭୌଗୋଳିକ ସୂଚକ ମାନ୍ୟତା ପ୍ରଦାନ କରିଛନ୍ତି ସେଥିପାଇଁ ପ୍ରତ୍ୟେକ ଓଡ଼ିଆ ଉତ୍‌ଫୁଲ୍ଲିତ ଓ ଗର୍ବିତ। ଏହି ଅତୁଳନୀୟ କଳା କୌଶଳରେ ନିର୍ମିତ କୋଣାର୍କ ଚକ୍ର, ମୁକ୍ତେଶ୍ୱର ତୋରଣ, ଶ୍ରୀଜଗନ୍ନାଥ ଚତୁର୍ଦ୍ଧାମୂରତି, ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ପ୍ରତିକୃତି, ରଥାରୁଢ଼ ଶ୍ରୀକୃଷ୍ଣ ଅର୍ଜ୍ଜୁନ ସମ୍ବାଦର ରୂପାୟନ ଆଦି ସାରା ଦେଶ ତଥା ବିଶ୍ୱର କୋଣେ ଅନୁକୋଣେ ଓଡ଼ିଆ ପୁଅର କଳାକୃତିର କାହାଣୀ ବଖାଣୁଛି। ତେଣୁ ଓଡ଼ିଶାର ପୁରାତନ ରାଜଧାନୀ କଳା ନୈପୁଣ୍ୟର କୁହୁକ ନଗରୀ କଟକ ଆଜି ପୁଣି ରାଷ୍ଟ୍ରୀୟ ସମ୍ମାନରେ ସୁଶୋଭିତ।

ଏଠାରେ ସୂଚନା ଥାଉକି ସ୍ୱାଧୀନ ଭାରତରେ ଦେଶର ବିଭିନ୍ନ ସ୍ଥାନରେ ଅନନ୍ୟ କଳା, ଭାସ୍କର୍ଯ୍ୟ ବିଭବର ମାନକୀକରଣ ଓ ସମ୍ମାନ ବର୍ଦ୍ଧନର ପ୍ରକ୍ରିୟା ଆରମ୍ଭ ହୋଇଥିଲା ୧୯୯୯ ମସିହାରେ। ଯାହାଦ୍ୱାରା ବିଭିନ୍ନ ସ୍ଥାନର ଉତ୍କୃଷ୍ଟ କ୍ଷେତ୍ରର ଖାଦ୍ୟ ପଦାର୍ଥ, ହସ୍ତଶିଳ୍ପ, କଳା ଆଦି ଦୃଶ୍ୟମାନ ଓ ଅସ୍ପର୍ଶନୀୟର ଐତିହ୍ୟକୁ ଚିହ୍ନଟ କରି ଏହାର ସଂରକ୍ଷଣ ଓ ସମ୍ପ୍ରସାରଣ ନିମନ୍ତେ ଆବଶ୍ୟକୀୟ ସରକାରୀ ପ୍ରୋତ୍ସାହନର ବ୍ୟବସ୍ଥା ରଖାଗଲା। କେନ୍ଦ୍ର ସରକାର ୧୯୯୯ ମସିହାରେ ଏ ସଂକ୍ରାନ୍ତରେ ଆଇନ ଆଣିବା ପରେ ୨୦୦୩ ସେପ୍ଟେମ୍ବରରେ ଏହା କାର୍ଯ୍ୟକାରୀ ଦିଗରେ ଆଗେଇଥିଲା। ଭୌଗୋଳିକ ସୂଚକ ଚିହ୍ନିତ କଳା ଓ ହସ୍ତଶିଳ୍ପ ସାମଗ୍ରୀ ଆଦିର ଆଇନ ଅନୁସାରେ ପଞ୍ଜୀକରଣ କରାଗଲା। ଚେନ୍ନାଇ ଠାରେ କେନ୍ଦ୍ର ସରକାରଙ୍କ ଅଧୀନରେ ଏକ ପଞ୍ଜୀକରଣ କାର୍ଯ୍ୟକ୍ରମ ଜାରି ରହିଲା। ଅନେକ ହୁଏତ ଜାଣି ନଥିବେ ପ୍ରଥମ ଉତ୍ପାଦ ଭାବେ ୨୦୦୪ ମସିହାରେ ଦାର୍ଜିଲିଂ ଚା କୁ ଜିଆଇ ମାନ୍ୟତା ଦିଆଗଲା। ଏଯାବତ୍ ଭାରତର ବିଭିନ୍ନ ଅଞ୍ଚଳର ୫୦୦ ଉତ୍ପାଦ ଜିଆର ତାଲିକାରେ ଅନ୍ତର୍ଭୁକ୍ତ ହେବା ସହ ସେଥିରୁ ଓଡ଼ିଶାର ୨୬ଟି ଉତ୍ପାଦ ରହିଛି।

କଟକର ପ୍ରସିଦ୍ଧ ରୂପା ତାରକସି ଶିଳ୍ପକୁ ଏହି ଗୌରବ ଓ ସମ୍ମାନ ମିଳିବା ସମୟରେ ଏହାର ପଛରେ ମନେ ପଡ଼ନ୍ତି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ମହାର୍ଘ ସାଧନା, ତ୍ୟାଗ ଓ ସେବା। ଏହି ଶିଳ୍ପକୁ ପୁନରୁଦ୍ଧାର ଓ ସମ୍ପ୍ରସାରଣ କରିବା ପାଇଁ ତାଙ୍କ ଦୃଢ଼ ସଂକଳ୍ପ ଓ ଆବେଗ ରହିଥିଲା। ୧୮୯୭ ମସିହାରେ କଟକ ଓ ସ୍ଥାନୀୟ ଅଞ୍ଚଳର ପାଖାପାଖି ୧୫୦ଜଣ ହସ୍ତକାରିଗରୀ ତାରକସି ଶିଳ୍ପୀଙ୍କୁ କଟକସ୍ଥିତ ନିଜ ବାସଭବନରେ ଓଡ଼ିଆ ଆର୍ଟ ୱେୟାରସ୍ ନାମକ କର୍ମଶାଳା ଆୟୋଜନ କରି ସେମାନଙ୍କୁ ସେଥିରେ ସାମିଲ କରିବା ସହ ସେମାନଙ୍କ ଦ୍ୱାରା ସୁନା, ରୂପା ତାରକସିର ବିଭିନ୍ନ ଆକର୍ଷଣୀୟ ହସ୍ତ ପ୍ରସ୍ତୁତ ଉତ୍ପାଦମାନ ତିଆରି କରୁଥିଲେ। କେବଳ ସେତିକି ନୁହେଁ ଏହି ଶିଳ୍ପମାନଙ୍କୁ ଉତ୍ସାହ, ପ୍ରୋତ୍ସାହନ, ପୃଷ୍ଠପୋଷକତା ସହ ସେମାନେ ଆର୍ଥିକ କ୍ଷେତ୍ରରେ କିପରି ଲାଭବାନ ହୋଇ ସଶକ୍ତ ହୋଇପାରିବେ ଓ ଦେଶ ବିଦେଶରେ ବିଭିନ୍ନ ହସ୍ତଶିଳ୍ପ ପ୍ରଦର୍ଶନୀରେ ସାମିଲ ହୋଇ ଓଡ଼ିଶାର ନାମକୁ ବଢ଼ାଇ ପାରିବେ ସେହି କାର୍ଯ୍ୟ କରୁଥିଲେ। ସେ ସମୟରେ ତତ୍କାଳୀନ ଇଂରେଜ ସରକାର ଓ ଭାରତର ବିଭିନ୍ନ ସ୍ଥାନରେ ଥିବା ଉଚ୍ଚ ନେତୃତ୍ୱ ସମ୍ପନ୍ନ ତଥା ଧର୍ଣ୍ଣାଢ଼୍ୟ ବ୍ୟକ୍ତିମାନଙ୍କୁ ଏହି ସୁନା, ଚାନ୍ଦୀ, ତାରକସିର ଅଦ୍ଭୂତ ଆକର୍ଷଣୀୟ ପ୍ରତିକୃତି ପ୍ରଦାନ କରି ଓଡ଼ିଶାର ଏହି ଅମୂଲ୍ୟ ହସ୍ତଶିଳ୍ପକୁ ବିଶ୍ୱ ଦରବାରରେ ପହଞ୍ଚାଇବାର ଆପ୍ରାଣ ଉଦ୍ୟମ କରିଥିଲେ। କଟକ ସହର ବାଉନ ବଜାର ତେପନ ଗଳିକୁ ନେଇ ବେଶ ସମୃଦ୍ଧ ଓ ଗୌରବାନ୍ୱିତ। ଆଜି ବି ଅନେକ ତାରକସି ଶିଳ୍ପ କାରିଗରମାନେ ନିଜ କଳାକୃତିକୁ ବଢ଼ାଇବା ସହ ଆର୍ଥିକ ଭାବରେ ମଜଭୁତ ହୋଇପାରିଛନ୍ତି। ଏ କ୍ଷେତ୍ରରେ ରାଜ୍ୟ ସରକାର ସେମାନଙ୍କୁ ନିୟମିତ ଭାବେ ବିଭିନ୍ନ ପ୍ରୋତ୍ସାହନ ଓ ସହାୟତା ମଧ ପ୍ରଦାନ କରୁଛନ୍ତି। ଉତ୍କଳୀୟ ହସ୍ତଶିଳ୍ପର ପ୍ରାଚୀନ ଐତିହ୍ୟ ତଥା ଏଯାବତ୍ ଜୀବନ୍ତ ପରମ୍ପରାକୁ ସମ୍ମାନ ଦେଇ ଏଭଳି ଏକ ଉଦ୍ୟମ କରାଗଲେ ଆମ ରାଜ୍ୟର ସୁଦକ୍ଷ କାରିଗରଙ୍କ କଳା ନୈପୁଣ୍ୟକୁ ସମ୍ପୂର୍ଣ୍ଣ ମାନ୍ୟତା ମିଳିବା ସହ କର୍ମ ସଂସ୍ଥାନ ସୃଷ୍ଟି ହେବ ଏବଂ ଓଡ଼ିଶାର ହଜାର ବର୍ଷର ସହର କଟକର ଭିନ୍ନ ଏକ ହସ୍ତକଳା ନୈପୁଣ୍ୟ ବିଶ୍ୱ ଦରବାରରେ ପହଞ୍ଚିବାରେ ସମର୍ଥ ମଧ ହୋଇପାରିବ।


ଶ୍ରୀବିହାର କଲୋନୀ, କଟକ
ମୋ: ୯୪୩୭୬୬୬୪୫୩


## ଇସ୍ରାଏଲର ବର୍ବରତା



### ସୌଭାଗ୍ୟ ରଂଜନ ମହାନ୍ତି

ଗଲା ସପ୍ତାହରେ ପାଲେଷ୍ଟାଇନର ଗାଜା'ରେ ରିଲିଫ ଖାଦ୍ୟ ପାଇଁ ଭୋକିଲା ଲୋକମାନେ ଅଗ୍ରସର ହେଉଥିବା ବେଳେ ଇସ୍ରାଏଲ ସେନା ସେମାନଙ୍କ ଉପରେ ଆଖିବୁଜା ଗୁଳିଚାଳନା କରିବା ସମସ୍ତ ନୃଶଂସତାକୁ ବଳଯାଇଛି ବୋଲି ନିସନ୍ଦେହରେ କୁହାଯାଇପାରିବ। ସେନା ବାହିନୀର ଗୁଳିରେ ଅତିକମ୍‌ରେ ୧୧୪ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୭୦୦ରୁ ଉର୍ଦ୍ଧ୍ୱ ଆହତ ହୋଇଛି। ଆହତଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ମୃତକଙ୍କ ସଂଖ୍ୟା ଆହୁରି ବଢ଼ିବା ଆଶଙ୍କା କରାଯାଏ। ପାଲେଷ୍ଟାଇନର ନିରସ୍ତ୍ର ଭୋକିଲା ଲୋକଙ୍କ ଉପରେ ନୃଶଂସ ଭାବେ ଗୁଳିଚାଳନା ଘଟଣା ଇସ୍ରାଏଲର ପ୍ରତିଶୋଧାତ୍ମକ ଯୁଦ୍ଧ ଯେ, ଭୁଲ ମାର୍ଗରେ ଗତି କରୁଛି, ଏହି ସଂକେତ ପ୍ରଦାନ କରୁଛି। ଉଲ୍ଲେଖଯୋଗ୍ୟ ଯୁଦ୍ଧ କ୍ଷତିଗ୍ରସ୍ତ ଗାଜା'ର ଭୋକିଲା ଲୋକଙ୍କ ପାଇଁ ମାନବିକ ସହାୟତା ଭାବେ ଆମେରିକା ରିଲିଫ ସାମଗ୍ରୀ ପଠାଇଥିଲା। ଏହି ରିଲିଫ ସାମଗ୍ରୀ ଧରି ପୂର୍ବ ସ୍ଥିରିକୃତ ସ୍ଥାନରେ ଟ୍ରକଗୁଡ଼ିକ ପହଁଥିବା ପରେ ଭୋକିଲା ଲୋକମାନେ ଖାଦ୍ୟ ପାଇଁ ଅଗ୍ରସର ହେଉଥିବାବେଳେ ଆକ୍ରମଣର ଆଶଙ୍କା କରି ଇସ୍ରାଏଲ ଯବାନମାନେ ଗୁଳି ଚଳାଇଥିଲେ। ଫଳରେ ଘଟଣାସ୍ଥଳରେ ୧୧୪ଜଣ ଟଳି ପଡ଼ିଥିଲେ, ଯେଉଁମାନଙ୍କ ମଧ ବହୁ ମହିଳା ଓ ଶିଶୁ ଅନ୍ତର୍ଭୁକ୍ତ ଥିଲେ ବୋଲି କୁହାଯାଇଛି । ଏହି ଘଟଣାରେ ଇସ୍ରାଏଲ ଯବାନଙ୍କ ବର୍ବରତା ନେଇ ବିଶ୍ୱବ୍ୟାପି ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଆନ୍ତର୍ଜାତିକ ତଦନ୍ତ ପାଇଁ ଦାବି ଯୋର ଧରିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ବର୍ଷ ଅକ୍ଟୋବର ମାସ ୭ ତାରିଖ ଠାରୁ ଇସ୍ରାଏଲ-ହମାସ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ଏବେ ୬ମାସ ଅତିକ୍ରାନ୍ତ କରିଥିବାବେଳେ ବୈଶ୍ୱିକ ଚାପ ସତ୍ତ୍ୱେ ଥମିବାର କୌଣସି ଲକ୍ଷଣ ଦେଖାଯାଉନାହିଁ। ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ୩୦ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିବାବେଳେ ୭୦ ହଜାର ଅଧିକ ଆହତ ହୋଇଥିବା କୁହାଯାଏ । ଅନ୍ୟପକ୍ଷରେ ଗାଜାଷ୍ଟ୍ରିପ ଭଗ୍ନ ଇଟା, ପଥର ସ୍ତୁପରେ ପରିଣତ ହୋଇଛି। ଯୁଦ୍ଧ ପିଡିତ ଗାଜା'ର ୯୦ ପ୍ରତିଶତ ଅଂଚରୁ ୨.୪ ମିଲିଅନ ଲୋକ ବାସଚ୍ୟୁତ ହୋଇଛନ୍ତି। ଲକ୍ଷ ଲକ୍ଷ ଲୋପ ପଡୋଶୀ ଦେଶଗୁଡିକରେ ଶରଣାର୍ଥୀ ଭାବେ ଆଶ୍ରୟ ନେଇଛନ୍ତି। ଜାତିସଂଘ ବିଶ୍ୱ ଖାଦ୍ୟ ପ୍ରୋଗ୍ରାମ ରିପୋର୍ଟରେ ଯାହା ରିପୋର୍ଟରେ କୁହାଯାଇଛି ଯେ, ଗାଜା ଏବେ ବିଶ୍ୱରେ ସବୁଠାରୁ ଶିଶୁ ଅପପୁଷ୍ଟିର ସମ୍ମୁଖୀନ ହୋଇଥିବାବେଳେ ସାଂଘାତିକ ଦୁର୍ଭିକ୍ଷ ମୁହାଁ ହୋଇଛି। ଗାଜା'ର ଜନବହୁଳ ଅଂଚଳରେ ଶରଣାର୍ଥୀ ଶିବିରଗୁଡିକରେ ବିପନ୍ନ ଲୋକାମନଙ୍କୁ ଦ୍ୱାରା ଭରପୁର ହୋଇଯାଇଥିବାବେଳେ ସେମାନଙ୍କର କ୍ୱଚିତ ଖାଦ୍ୟ ସାମଗ୍ରୀ ଦିଆଯାଉଛି। ଶରଣାର୍ଥୀ ଶିବିରଗୁଡିକରେ ଅନ୍ତେବାସୀଙ୍କୁ ଖାଦ୍ୟ, ପାନୀୟ ଯୋଗାଣ ତଥା ଆତିଥେୟତା ସମ୍ପୂର୍ଣ୍ଣ ଭୁଶୁଡି ପଡିଥିବା କୁହାଯାଏ। ଅନ୍ୟପକ୍ଷରେ ବିଶ୍ୱର ଶକ୍ତିଶାଳୀ କୁହାଯାଉଥିବା ରାଷ୍ଟ୍ରଗୁଡିକ କେବଳ ନୀରବଦ୍ରଷ୍ଟା ସାଜିଛନ୍ତି। ଗାଜା'ରେ ଏବେ ଯେଉଁଭଳି ଦୟନୀୟ ପରିସ୍ଥିତି ସୃଷ୍ଟି ହୋଇଛି, ତାହା ଏକବିଂଶତମ ଶତାବ୍ଦୀରେ ସବୁଠାରୁ ବଡ ଏବଂ ଭୟଙ୍କର ମାନବକୃତ ବିପର୍ଯ୍ୟାୟ ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ। ଏହା ନିସନ୍ଦେହ ଯେ, ଇସ୍ରାଏଲର ବର୍ବର ଆକ୍ରମଣ, ବୋମା, କ୍ଷେପଣାସ୍ତ୍ର ମାଡ ଗାଜା ଷ୍ଟ୍ରପକୁ ମୃତ୍ୟୁ, ଦୁର୍ଦ୍ଦଶା, ଯନ୍ତଣା ଏବଂ କ୍ଷୁଧା ଜର୍ଜରିତ ଭୂଖଣ୍ଡରେ ପରିଣତ ହୋଇଛି। ଏହା ସତ୍ତ୍ୱେ ଗାଜାକୁ ଇସ୍ରାଏଲ ତାର ଶପଥ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ଗାଜା'କୁ ହମାସ ଆତଙ୍କବାଦୀ ମୁକ୍ତ ଅଂଚଳ କରିପାରିନାହିଁ କି ପଣବନ୍ଦୀମାନଙ୍କୁ ମୁକ୍ତ କରିପାରିନାହିଁ। ଗଲା ଅକ୍ଟୋବର ୭ତାରିଖ ଦିନ ହମାସ ଆତଙ୍କବାଦୀ ଗୋଷ୍ଠୀ ଅଚାନକ ୫୦୦୦ରୁ ଉର୍ଦ୍ଧ୍ୱ କ୍ଷେପଣାସ୍ତ୍ର ମାଡ ପରେ ବିଶ୍ୱ ଜନମତ ଇସ୍ରାଏଲ ସପକ୍ଷରେ ଯାଇଥିଲା। କିନ୍ତୁ ଏବେ ଏହାର ଯୁଦ୍ଧ ଶୈଳୀ ତଥା ବର୍ବର ଆକ୍ରମଣ ଇସ୍ରାଏଲ ବିରୁଦ୍ଧରେ ବିଶ୍ୱ ଜନମତ, କ୍ରୋଧ ବଢିବାରେ ଲାଗିଛି। ଇସ୍ରାଏଲ ବିରୁଦ୍ଧରେ ଦକ୍ଷିଣ ଆଫ୍ରିକା ବିଶ୍ୱ ଅଦାଲତରେ ଦ୍ୱାରସ୍ତ ହେବା ସହ ବର୍ଣ୍ଣ ବିଦ୍ୱେଷ ତଥା ଭେଦଭାବ ନୀତି ଅଭିଯୋଗ ଦାୟର କରିଛି। ସେହିପରି ବ୍ରାଜିଲର ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲଭା ଇସ୍ରାଏଲ ଗଣହତ୍ୟା ଚଳାଇଥିବା ଅଭିଯୋଗ କରିଛନ୍ତି। ବହୁ ପାଶ୍ଚାତ ସହରରେ ଇସ୍ରାଏଲ ବିରୁଦ୍ଧରେ ପ୍ରତିବାଦ ସଭା, ବିକ୍ଷୋଭ ଜାରି ରହିଛି। ଏହା ସତ୍ତ୍ୱେ ସେମାନଙ୍କର ସରକାର ଏବେ ବି ନୀରବ ଦ୍ରଷ୍ଟା ସାଜିଛି। ଆନ୍ତର୍ଜାତିକ କ୍ରୋଧ, ଚାପ ଏବଂ ଜାତିସଂଘର ଯୁଦ୍ଧ ବିରତି ପ୍ରସ୍ତାବ ସତ୍ତ୍ୱେ ଆମେରିକା ଓ କେତେକ ପାଶ୍ଚାତ୍ୟ ରାଷ୍ଟ୍ରର ସମର୍ଥନରେ ଇସ୍ରାଏଲ ଆକ୍ରମଣକୁ ତେଜିୟାନ କରିବା ସହ ପାଲେଷ୍ଟାନୀୟମାନଙ୍କୁ ସେମାନଙ୍କୁ ବହିଷ୍କାର କରୁଥିବାବେଳେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ଏବଂ କ୍ୟାବିନେଟର ସହଯୋଗୀମାନେ ଉତ୍ତେଜନାମୂଳକ ମନ୍ତବ୍ୟ ଦେବାରେ ଲାଗିରହିଛି। ଯାହାକି ବର୍ବର, ନୃଶଂସ ଆକ୍ରମଣକୁ ଯୋରଦାର କରିବାରେ ଯବାନମାନଙ୍କୁ ଉତ୍ସାହିତ କରୁଛି, ଏଥିରେ ସନ୍ଦେହ ନାହିଁ। ଗାଜାରେ ଯୁଦ୍ଧ ବିରତି ପାଇଁ ଜାତିସଂଘର ପ୍ରସ୍ତାବ ଉପରେ ଆମେରିକା ବାରମ୍ବାର ଭିଟୋ ପ୍ରୟୋଗ କରିବା ସହ ଅସ୍ତ୍ରଶସ୍ତ୍ର ଯୋଗାଣ ଜାରି ରଖିବ ବୋଲି ଘୋଷଣା କରିଛି। ମାନବିକ ଦୃଷ୍ଟିକୋଣରୁ ଇସ୍ରାଏଲ ଉପରେ ଏହାର ମିତ୍ର ରାଷ୍ଟ୍ରଗୁଡିକ ଯୁଦ୍ଧ ବନ୍ଦ ପାଇଁ ତୁରନ୍ତ ଚାପ ପ୍ରୟୋଗ କରିବା ଜରୁରୀ। ଗାଜାର ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ଯୁଦ୍ଧ ତୁରନ୍ତ ବନ୍ଦ କରିବ ସହ ବିଭୁକ୍ଷୁ ଯୁଦ୍ଧ ବନ୍ଦ କରିବା ପାଇଁ ସହ ବିଭୁକ୍ଷୁ ଜନତାଙ୍କ ପାଇଁ ବିନା ଭୟ ଓ ପ୍ରତିବନ୍ଧକରେ ସହାୟତା ପହଁଚାଇବା ଦରକାର। ଅନ୍ୟଥା ବର୍ବର ଯୁଦ୍ଧ ପାଇଁ ଇସ୍ରାଏଲ ଯେତିକି ଦାୟୀ, ଏହାର ସହଯୋଗୀ ଓ ମିତ୍ର ରାଷ୍ଟ୍ରଗୁଡିକ ମଧ ସେତିକି ପରିମାଣରେ ଦାୟୀକୁ ଏଡାଇ ପାରିବେ ନାହିଁ।


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋ:୯୪୩୭୯୯୪୩୭୯


## ସରକାରୀ କଳ ବନାମ ନିର୍ବାଚନ କମିଶନର



### ସୁବ୍ରତ କର

ରାଜ୍ୟରେ ଖାଲି ମଦ ୬.୩୬ଲକ୍ଷ ଲିଟର ମଦ ଜବତ କରା ହୋଇଛି ବିଭିନ୍ନ ବିଭାଗ ଦ୍ୱାରା । ସରକାର ଚାହିଁ ଥିଲେ ହେଉ ନ ଥାଆନ୍ତା କାରଣ ଏହି ଧଡ଼ପଗଡ଼ ସବୁ ଟଙ୍କା ମାଧ୍ୟମରେ ସମାଧାନ ହୋଇଯାଆନ୍ତା । ନିର୍ବାଚନ କମିଶନର ମୁଣ୍ଡ ଖେଳଉଛନ୍ତି ବୋଲି ଏହା ସମ୍ଭବ ହେଲା ଏବଂ ହଜାର ହଜାର ଘର ଉଜଡ଼ା ହୋଇ ଯାଆନ୍ତା ଏବଂ ସେହି ସହିତ ଜୀବନ ମଧ । ଏହି କାମଟି ଯଦି ନିର୍ବାଚନ କମିଶନର (ସେ ମଧ ଜଣେ ସରକାରଙ୍କ ତରଫରୁ ପଠା ହୋଇ ଥିବା ଜଣେ ଆଇ.ଏ.ଏସ ଅଫିସର) କରି ପାରିଲେ ସରକାରଙ୍କ ତରଫରୁ କାହିଁକି ହୋଇପାରୁ ନାହିଁ ? ଇଚ୍ଛାଶକ୍ତିର ଅଭାବ ନା ସରକାରୀ କର୍ମଚାରୀଙ୍କୁ ରୋଜଗାର ବାଟ କରା ହେବାର ବ୍ୟବସ୍ଥା କରାହୁଏ । ଉପରୋକ୍ତ ଲିଟର ମଦ ମାତ୍ର ୨ ମାସ ମଧ୍ୟରେ ଜବତ୍ କରାହୋଇପାରିଛି ଏବଂ ଏହି ମଦର ମୂଲ୍ୟ ପ୍ରାୟ ୧୩.୭୩ କୋଟି ଟଙ୍କା । ଏହାଛଡ଼ା ୨୯୦୭୮ କେ.ଜି ମାଦକ ଦ୍ରବ୍ୟ ମଧ ଜବତ୍ ହୋଇପାରିଛି ଯାହାର ମୂଲ୍ୟ ଆନୁମାନିକ ୩୩.୪ କୋଟି ଟଙ୍କା । ଏହାଛଡ଼ା ରାଜ୍ୟ ପୋଲିସ ବିଭାଗ ଦ୍ୱାରା ମଧ ୨୨୪୩୯୬.୩୦ ଲିଟର ମଦ ଜବତ ହୋଇ ପାରିଛି । ଏହି ପରିମାଣ ମଦର ମୂଲ୍ୟ ପ୍ରାୟ ୫.୧୮ କୋଟି ଟଙ୍କା ହେବ । ଏହାଛଡ଼ା ୨୪୮୨୫ କେ.ଜିର ମାଦକ ଦ୍ରବ୍ୟ ଯାହାର ମୂଲ୍ୟ ୧୫.୧୭ କୋଟି ଟଙ୍କା ହେବ । ରେଳବାଇ ସୁରକ୍ଷା ଦଳ ପକ୍ଷରୁ ୮୯୧୫ ଲିଟର ମଦ ୪୪୬.୫୫ କେଜିର ମାଦକ ଦ୍ରବ୍ୟ ହୋଇ ପାରିଛି । ଯାହାର ଆନୁମାନିକ ମୂଲ୍ୟ ୦.୪୧ କୋଟି ଟଙ୍କା । ମଦର ମୂଳ ବିଭାଗ ସରକାରଙ୍କ ଅବକାରୀ ବିଭାଗ ଦ୍ୱାରା ସମସ୍ତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ନଗଦ ୨ ଲକ୍ଷ ଟଙ୍କା ଏବଂ ୪୧୨୪୦୮.୬୬ ଲିଟର ମଦ ଯାହାର ମୂଲ୍ୟ ୮.୫୪ କୋଟି ଟଙ୍କା ହେବ ଏବଂ ୩୭୩୩.୫୦ କି.ଗ୍ରାର ମାଦକ ଦ୍ରବ୍ୟ ମଧ ଜବତ୍ କରାହୋଇଛି, ଯାହାର ମୂଲ୍ୟ ୭.୫୪ କୋଟି ଟଙ୍କା । ଏହି ସବୁ ଜବତ୍ ମାତ୍ର ଦୁଇମାସ ମଧ୍ୟରେ ହୋଇ ପାରିଛି । (ଜାନୁଆରୀ ପହିଲାଠାରୁ ଫେବୃଆରୀ ୨୯ ତାରିଖ ମଧ୍ୟରେ) । ତେବେ ଆମେ ଚିନ୍ତା କରିବା ସାରା ବର୍ଷ ମଧ୍ୟରେ କଣ ହେଉଥିବ । ଭଲ ହୁଅନ୍ତା ରାଜ୍ୟର ଶାସନ କାଳ ଯଦି ବରାବର ନିର୍ବାଚନ କମିଶନରଙ୍କ ହାତରେ ଥିଲେ କେତେ ଭଲ ହୁଅନ୍ତା । ଏଇଠି ପ୍ରଶ୍ନ ଉଠୁଛି ଯଦି ନିର୍ବାଚନ କମିଶନର କରି ପାରିଲେ ତେବେ ସରକାର ତାଙ୍କଠାରୁ ଉପରିସ୍ଥ ଅଫିସର (ଡି.ଜି ପୋଲିସ, ଅବକାରୀ ମନ୍ତ୍ରୀ ଏବଂ ଅବକାରୀ ସେକ୍ରେଟାରୀମାନେ କଣ କରୁଛନ୍ତି ? ସେମାନେ କଣ ଚାହାନ୍ତି ରାଜ୍ୟରେ ସବୁ ଲୋକ ମଦ ପିଅନ୍ତୁ ଏବଂ ସମସ୍ତେ ମାଦକ ଦ୍ରବ୍ୟ ବ୍ୟବହାର କରନ୍ତୁ । ବଦଳରେ କିଛି କୋଟି ଟଙ୍କା ସରକାରଙ୍କ ତହବିଲକୁ ଆସିବ । ଇଏ କି ଭଳି ସରକାରଙ୍କ ଦ୍ୱାରା ଆମ ରାଜ୍ୟ ଚାଲିଛି ଏବଂ କେତେଦିନ ?




### ସାମାଜିକ ସ୍ଥିତି

**ଭାସ୍କର ରାଉତ**

ଚିତା କାଟେନେତା ମନ୍ତ୍ରୀ କାଟେ
ଫିତା
ତଣ୍ଟି କାଟଇ ଡାକ୍ତର
ଯନ୍ତ୍ରୀ କାଟେ ଅଣ୍ଟି ଚୋରନିଏ ଲୁଟି
ଲାଞ୍ଚୁଆଟା ଅଫିସର।
ପୋଲିସି ସାଜେ ବଟିଆ,
ବାହାପିଆ ବକ୍ତା ଚାହାପିଆ ଶ୍ରୋତା
କିରାଣୀ ସାଜେ ପେଞ୍ଚୁଆ ।
ପ୍ରଶାସକ ଯେହି ସାଉଁଟଇ ରହି
ବାଟ ବଣା ଯୋଜନା ଟା
କଳ କାରଖାନା ସେ ଚାଲି ପାରେନା
ଢିଲା ତା ଅଖ ଚକ ଟା।
ସଂସ୍ଥା ଯେତେ ଦେବାଳିଆ,
ଋଣରେ ବୁଡ଼ାଇ ମାଗଣା ବାଣ୍ଟଇ
ଜନତା ସାଜେ ଭକୁଆ ।
ଚୁଟି କଟା ଝିଅ ଖୋଲି ଦେଇ ଦେହ
ରାଜରାସ୍ତାରେ ବୁଲନ୍ତି
ସଂସ୍କାର ସଂସ୍କୃତି ଭୁଲି ଯାଇଛନ୍ତି
ଦେଖାନ୍ତି ନାରୀ ଶକତି।
ଧର୍ଷିତା ହୋଇ ମରନ୍ତି,
ବୃଥା ଅକାରଣ ନାରୀ ଜାଗରଣ
ନାମେ ଡିଣ୍ଡିମ ପିଟନ୍ତି ।
କା ଆଗେ କହିବି ନପାରୁଛି ଭାବି
ନିୟନ୍ତ୍ରଣ ନାହିଁ କାର
ନିଜ ନିଜ ହାତେ ଚୌଦ ପା'ସମସ୍ତେ
ଆଖି ନାହିଁ ଆଇନର।
ଅଣ୍ଡାଳି ବୁଲୁଛି ସେହି,
ଯେତେ ସବୁ ଦାଗୀ ସାଜି ବଇରାଗୀ
ଶାସନ କରନ୍ତି ରହି ।


ଦେବମାୟା ଭବନ
ଶେରଗଡ଼,ଗଞ୍ଜାମ
ମୋ:୯୭୭୬୪୮୬୬୨୮


### ମିଳନ ଗୀତି

**ରୋହିତ ସେଠୀ**



ଯାହାକୁ କହୁଛ ଫେରନା ଫେରନା
ସେ ନିଶ୍ଚେ ଫେରିବ ଦିନେ
ଫଗୁଣର ଫଗୁ, ଶ୍ରାବଣର ଛିଟା
ଛାଟି ଦେଇଯିବ ମନେ ।

ନୀଳ ଲଫାପାରେ ରକ୍ତ ଗୋଲାପର
ସ୍ମୃତି ଅନୁଭୂତି ନେଇ
ଫେରିବ ସେ ନିଶ୍ଚେ ପ୍ରେମର ଋତୁରେ
ମିଳନର ଗୀତି ଗାଇ ।

ପ୍ରୀତି ପୁଷ୍ପଗୁଚ୍ଛ ହାତେ ଧରି ସିଏ
ତୁମ ଆଗେ ହେବ ଉଭା
ଅତି ସରାଗରେ ସଜେଇ ଦେବ ହେ
ସତେଜ ଫୁଲରେ ଗଭା ।

ଆଶାର କିରଣ ବିଚ୍ଛୁରିତ କରି
ଦେବ ମିଠା ଆଶ୍ୱାସନା
ଆନନ୍ଦର ଅଶ୍ରୁ ଝରିବ ସେଦିନ
ମନ ହେବ ଆନମନା ।

ବିରହର ବହ୍ନି ପ୍ରଶମିତ ହେବ
ମନର ଗହନ ବନେ
ଯାହାକୁ କହୁଛ ଫେରନା ଫେରନା
ସେ ନିଶ୍ଚେ ଫେରିବ ଦିନେ ।


ଖଜୁରୀପଡ଼ା,କନ୍ଧମାଳ
ମୋ:-୭୭୩୫୨୧୪୩୭୯


### କଲ୍ୟାଣୀ

**କାର୍ତ୍ତିକ ସେଠୀ**



ତୋ ଦୁଇ ଭୁଜରେ
କେତେ ବୋଝ ତୁ ଉଠାଇପାରୁ,
ଦଶଭୁଜା ନୋହୁଁ ତୁ,
ସହସ୍ରଭୁଜା କହିବି ।

ଜୀବନ ସଙ୍ଘର୍ଷ-ବିପିନେ
ସିଂହୀଟିଏ ସାଜୁ,
ଯୁଝିବାକୁ ଯାବତ ବୈଷମ୍ୟ
ପାଣି କରିଦେଉ ଲହୁକୁ,
ସାହସ ତୋ' ଅଦମ୍ୟ ।

କେବେ କଣ୍ଟକିତ ପଥେ,
ଚାଲିବାକୁ ହୁଏ
ସୁଦୂର-ଅଦୂର
ଏକାକାର ହୁଏ ଲହୁ ଆଉ ଲୁହ
ଏକ ବିଜୟ ପାର୍ବଣ ପାଇଁ ।
ଲଜ୍ଜା ସବୁ ଲାଜେଇ ଯାଆନ୍ତି
ବିଦ୍ରୂପର 'ହୁଉ-ଉ'ରେ
ଅସୁରର ଔଦ୍ଧତ୍ୟ ନାଶନେ
ସାଜିଥାଉ ରକ୍ତମୁଖା କାଳୀ ।

ସାହସ-ଅଦ୍ରି ତୋ
ଅଲଙ୍ଘ୍ୟ, ଅପରିମେୟ
ଦମ୍ଭ ତୋର ଅଜେୟ,
ଧୈର୍ଯ୍ୟରେ ଧରିତ୍ରୀ ତୁ ।
ସ୍ପର୍ଶରେ ଭରିଦେଇ
ସ୍ନେହ ଓ ମାତୃତ୍ୱ
ବାନ୍ଧିରଖୁ ବଦ୍ଧଜୀବେ,
ସଂକୀର୍ତ୍ତନ ପାଇଁ ।

ଛନ୍ଦା ଚରଣରେ ଜୀବ
ବନ୍ଧା ହେବା ପାଇଁ,
ପରୋକ୍ଷ ପ୍ରତ୍ୟକ୍ଷ ନିଧି,
ନିଗମାନନ୍ଦଙ୍କ ସୁଧାଂଶୁବାଳା ତୁ
ରାମକୃଷ୍ଣଙ୍କ ସାରଦା ଦେବୀ ।

ମମତାର ପଥେ
ସମତାର ରଥେ
ଆଗକୁ ଯାଆ ତୁ ମାଡ଼ି
ନୀଚ ମଣିବାର
ଉଚ୍ଚ ଭାବିବାର
ଛିଣ୍ଡାଇବୁ ଦ୍ୱନ୍ଦ୍ୱ ବେଡ଼ି,
ସମର୍ଥ ସାରଥୀକୁ ସତ୍ୟଭାମା ବୀରା
ନାରୀ ଓ ପୁରୁଷ ଯୋଡ଼ି ।

ଅରି ନୁହେଁ ତୁ ପରୀଟିଏ ପରା
ହରିନେଉ ଜନମନ
ଜଗତ କଲ୍ୟାଣେ
କଲ୍ୟାଣୀ ତୁ ଅଟୁ
ପ୍ରଣମ୍ୟ ଚିରଦିନ ।

# ବରଗଛର ହସ



## ଲଳିତ ମୋହନ ମିଶ୍ର

ବହୁତ ବଡ଼ ହୋଇଛି ଗଛଟି । ମୂଳ ତାର ଆହୁରି ଶକ୍ତିଶାଳୀ । ଗଛଟି ଦୂରଦୂରାନ୍ତ ପର୍ଯ୍ୟନ୍ତ ବିସ୍ତାରିତ । ପୂର୍ବରୁ କହୁଥିଲି, ' କାଟି ଦିଅ, ନଚେତ୍ ସେ ଆହୁରି ଶକ୍ତିଶାଳୀ ହେବ । ଏବେ ଏହାର ଚେର ଘର ପର୍ଯ୍ୟନ୍ତ ପଳାଇ ଆସିଛି । ଏହାକୁ ଏବେ କାଟିବାକୁ ପଡ଼ିବ । ଘରେ ଥିବା ସମସ୍ତ ଲୋକଙ୍କ ବୈଠକ । ସମସ୍ତଙ୍କର କଠୋର ନିଷ୍ପତ୍ତି ଯେନତେନ ପ୍ରକାରେଣ ତାକୁ କାଟିବାକୁ ପଡିବ । ଶୀତଦିନେ ଏ ଗଛଟି ଥିବା ହେତୁ ସୂର୍ଯ୍ୟକିରଣ ଟିକେ ଠିକ୍‌ରେ ପଡୁଛି ନା ବର୍ଷା ଦିନରେ ପାଣି, ସବୁବେଳେ ଉପରୁ ପତ୍ର । ପକ୍ଷୀମାନଙ୍କର ପର ଗୁଡିକ ପଡି ମଇଳା । ପ୍ରତିଦିନ କେତେ ସଫା କରିବୁ । ସବୁଠାରୁ ବଡ କଥା ହେଉଛି, ସମସ୍ତ ଲୋକ ଏହି ଗଛର ଶୀତଳ ଛାଇ ତଳେ ବସି ଗାଁର ଘରର ସମସ୍ୟା ସମାଧାନ କରୁଥିଲେ ।

ବରଗଛ ଆମକୁ ପ୍ରଚୁର ପରିମାଣରେ ଅକ୍ସିଜେନ ଦିଏ , ଏବେ ଶୀତଳ ଛାଇ ଦେଉଛି ତତ୍ ସଙ୍ଗେ ସଙ୍ଗେ ଆମକୁ ସୁରକ୍ଷା ଦେଉଛି । ସେହି ସମୟରେ ଏହାକୁ କାଟି ଦେବାପାଇଁ ଯୋଜନା ଚାଲିଛି । ଏତେ ବର୍ଷ ପର୍ଯ୍ୟନ୍ତ ଆମ ଜୀବନର ଏକ ଅଂଶ ଥିଲା ଏହି ଗଛଟି । ଏହି ଗଛର ଫଳ ଉପଯୋଗୀ ନୁହେଁ କି ଫୁଲ ପୂଜା ଉପଯୋଗୀ ନୁହେଁ କିନ୍ତୁ ଗ୍ରୀଷ୍ମଦିନେ ଶୀତଳ ଛାଇ ଆମପାଇଁ କେତେ ଉପକାରୀ । ଘର ସୁରକ୍ଷିତ ରଖିବ ବୋଲି ପ୍ରତିଶ୍ରୁତି ଦେଇଥିଲା, ତାର ଚେର । ବିଶ୍ରାମ ନିଅନ୍ତି ଜେଜେବାପା ନିଜର ଖଟିଆଟିରେ ଏହି ବରଗଛ ତଳେ । ଗୀତା ଭାଗବତ ପଠନ କରନ୍ତି ସକଳ ସଂଧ୍ୟା ଜେଜେବାପା ସେହି ସ୍ଥାନରେ । ଛୋଟଛୋଟ ଛୁଆମାନେ ଦୋଳି ଖେଳନ୍ତି ବରଗଛର ଡାଳରେ । ଗଛ ମୂଳରେ କବାଡି ଲୁଡୁ କ୍ୟାରାମ୍ ଖେଳିବାକୁ ଭଲ ପାଆନ୍ତି ଥଣ୍ଡା ପବନରେ । ବଡ ବଡ ପିଲାମାନେ ବର ଓହଳରେ ଝୁଲନ୍ତି । ତାକୁ ଦେଖି ଅନ୍ୟ ପିଲାମାନେ ହସନ୍ତି କୋଳାହଳ କରନ୍ତି । ଏହି ପରିବେଶର ଶବ୍ଦ ସମଗ୍ର ଅଞ୍ଚଳରେ ଏକ ନୂତନ ଲହରୀ ସୃଷ୍ଟି କରେ । ପୂରା ଅଞ୍ଚଳ ଖୁସିରେ ଭରି ଯାଏ ।ଏହି ଗଛ ତଳେ ପ୍ରତ୍ୟେକ ପର୍ବ ପାଳନ । ମହିଳାମାନେ ସନ୍ଧ୍ୟା ସକାଳେ ଏହି ଗଛ ତଳେ ନିର୍ମିତ ଚଉରା ମୂଳରେ ଏକାଠି ହୋଇ ପୂଜାର୍ଚ୍ଚନା କରନ୍ତି । ମଙ୍ଗଳ ଗୀତ ଗାଆନ୍ତି । ଗଛ ଚାରିପଟେ ନାଲି ସୂତା ବାନ୍ଧି ସମଗ୍ର ଅଞ୍ଚଳକୁ ଏକତା ସୂତ୍ରରେ ବାନ୍ଧନ୍ତି । ପ୍ରତ୍ୟେକ ଧର୍ମ ପ୍ରତ୍ୟେକ ସମ୍ପ୍ରଦାୟର ଲୋକମାନେ ଏକତ୍ର ହୋଇ ଏହି ବୃକ୍ଷମୂଳରେ ଭବିଷ୍ୟତର ପନ୍ଥା ନିର୍ଦ୍ଧାରଣ କରନ୍ତି । ଅବସର ସମୟରେ ଲୋକମାନେ ଦିନସାରା ଏହି ଗଛମୂଳେ ବସି ତାସ୍ , କ୍ୟାରମ୍ ଖେଳନ୍ତି । ଗୁଲି ଗପ କରନ୍ତି । ପ୍ରତ୍ୟେକ ମଜା ମଜଲିସର ଦୃଶ୍ୟ, ଏହି ବରଗଛ । ଜାଣି ନାହୁଁ ଏହି ଠାରୁ କେତେ ଝିଅ ବୋହୂ ଡୋଲିରେ ଯାଇଛନ୍ତି ଓ ଓହ୍ଲାଇଛନ୍ତି । ଏ ବରଗଛ ସବୁ ଦେଖିଛି । ଝିଅ, ବୋହୂ, ଶାଶୂ, ଶ୍ୱଶୁର, ପିଲା, ଯୁବକ, ଯୁବତୀ, ବାପା, ଜେଜେବାପା, ଜେଜେମା' ସମସ୍ତଙ୍କ ଜୀବନର ରଙ୍ଗରେ ରଙ୍ଗାୟିତ ଏହି ସବୁଜିମା ବରଗଛ । ପତ୍ର ଗୁଡ଼ିକ ବିଚ୍ଛିନ୍ନ ହୋଇ ମାଟିରେ ପଡ଼ି ସକାଳ ସନ୍ଧ୍ୟାର ଆଲୋକରେ ଏକ ରଙ୍ଗୀନ ପତଙ୍ଗ ଭଳି ଦ୍ରବୀଭୂତ ହେଉଥିଲା । ଏହି ବରଗଛ ଦେଖିଛି କେତେ ଡୋଲି ଆଉ କେତେ ଟୋକେଇ । ଆଜି ପାରିବାରିକ ବୈଠକରେ ଏହି ଗଛଟି ହଠାତ୍ ହୋଇପଡିଛି ବ୍ୟର୍ଥ, ଅଦରକାରୀ ।

ଏସବୁ ଜାଣି ପାରିଛନ୍ତି ସତୁରୀ ବର୍ଷୀୟ ଜେଜେବାପା । ସେ ଅନୁଭବ କରୁଛନ୍ତି ଦିନେ ଏହି ବରଗଛ ଛାଇରେ ବସି ଗୀତ ଗାଉଥିଲେ । ତାଙ୍କ ଜୀବନର ଏହା ପ୍ରିୟ ସ୍ଥାନ । ଜେଜେମା' ଥିବା ବେଳେ ଦୁହେଁ ଦିନରାତି ସେଠାରେ ବସନ୍ତି । ଶୀତଦିନେ ମଟର ଜୟନ୍ତୀ ଡାଳ ଛେଳିଙ୍କୁ ଦେଉଥିଲା ବେଳେ, ଖରାଦିନେ ତରଭୁଜ ଓ ଆମ୍ବ କାଟି ଖାଉଥିଲେ । ସେଠାରେ ବୁଢାବୁଢୀ ଦୁହେଁ କଥାବାର୍ତ୍ତା ହେଉଥିଲେ, ମଜାକରୁଥିଲେ, କେତେବେଳେ କେତେବେଳେ ମଧ୍ୟ ଝଗଡ଼ା ହେଉଥିଲେ । ତାଙ୍କ ଜୀବନର ଏହି ବରଗଛଟି ଏକ ଅଭୁଲା ସ୍ମୃତି । ଯଦି ଘରକୁ ବନ୍ଧୁ ବାନ୍ଧବ ଆସନ୍ତି, ଜେଜେବାପାଙ୍କ ଖଟିଆଟି ଓ ଦୁଇ ଚାରୋଟି ଚେୟାର ନେଇ କଥାବାର୍ତ୍ତା ସୁଖଦୁଃଖ ବାଣ୍ଟନ୍ତି । କୁହାଯାଏ ଭଗବାନ ସଂସାରର ପ୍ରତ୍ୟେକ ଜୀବକୁ ସୃଷ୍ଟି କରିଛନ୍ତି । ଯଦି ପ୍ରତ୍ୟେକ ଜୀବ ନଦୀର ପାଣି ପିଅନ୍ତି, ତେବେ କ୍ଷେତକୁ ମଧ୍ୟ ପାଣି ମିଳେ, ଏହି ଜଳଦ୍ୱାରା ଖାଦ୍ୟ ଉତ୍ପାଦନ କରାଯାଏ, ଆମେ ସମସ୍ତେ ସେଥିରୁ ପୁଣି ବଞ୍ଚିଥାଉ । ବିଜ୍ଞାନ ଯେତେ ବିକଶିତ ହେଲେ ଭଗବାନଙ୍କ ସୃଷ୍ଟିରେ ସବୁକିଛି ସ୍ଥିର ହୋଇଛି । ଏକ ଛୋଟ ବୀଜ ମଧ୍ୟ ପାଣି ମିଳିବା ମାତ୍ରେ ମାଟିକୁ ଫାଟି ଉଠୁରି ଆସୁଛି ଆଲୋକକୁ । ଦୁଇଟି ପତ୍ରରୁ, ଚାରୋଟି ପତ୍ର, ପରେ ଦଶ, ତା'ପରେ ଶହ ଶହ ଏବଂ ଲକ୍ଷ ଲକ୍ଷ ପତ୍ର, ଫଳ, ମଞ୍ଜି ଏବଂ ନୂତନ ଗଛ । ପକ୍ଷୀ ଏବଂ ପବନଦ୍ୱାରା ମଞ୍ଜିକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇଯାଏ । ମାଟି ତାକୁ କୋଳରେ ଧରିଥାଏ, ଗଛ ବଢିଥାଏ । କିନ୍ତୁ ଏହି ବରଗଛର ସିଧାସଳଖ ସମ୍ପର୍କ ଜେଜେବାପାଙ୍କ ସହ । ପିଲାଦିନେ ସେ ଗୋଟିଏ ଚାରାକୁ ଉଠାଇ ଆଣି ଘର ପାଖରେ ପୋତି ଦେଇଥିଲେ । ସେ କିଛି ଦିନ ପାଇଁ ପାଣି ଦେଇଥିଲେ ଏବଂ ତା'ପରେ ପ୍ରକୃତି ନିଜ ହାତକୁ ନେଇଥିଲା । ଏହି ଛୋଟ ଗଛ ଟି ଆଜି ଏକ ବିଶାଳକାୟ ବୃକ୍ଷରେ ପରିଣତ । ପଚାଶ ବର୍ଷର ଏହି ପୁରୁଣା ବୃକ୍ଷ ସଂରକ୍ଷଣର ପ୍ରତୀକ । ଏହି ଗଛଟି ଆଜି ଅନାବଶ୍ୟକ, ଅଦରକାରୀ, ଅନୁପଯୋଗୀ ଯେମିତି ପରିବାର ପାଇଁ ଜେଜେବାପା । ଏହାକୁ କାଟି ଏହାର ଅସ୍ତିତ୍ୱକୁ ଶେଷ କରିବାକୁ ଚାହୁଁଛନ୍ତି । ଘରେ ଏମିତି ଏକ ଗୁରୁତ୍ୱପୂର୍ଣ୍ଣ ବିତର୍କ । କିନ୍ତୁ ଏସବୁ ଜାଣିନପାରି ନାହାଁନ୍ତି ଜେଜେବାପା । ନିଜ ଖଟିଆଟିରେ ଗଛ ତଳେ ବସିଛନ୍ତି ସେ । ଏବଂ ମନ ଉଲ୍ଲାସରେ ଗୀତ ଗାଉଛନ୍ତି । ମୁଁ ଜାଣେ ନାହିଁ, କ'ଣ ହେବାକୁ ଯାଉଛି । ସେମାନେ ବିପର୍ଯ୍ୟୟକୁ ଭୟ କରୁଛନ୍ତି । ଘରେ ସବୁ କିଛି ସ୍ଥିର ହୋଇଥାଏ, କେଉଁ ଦିନ ଗଛ କଟାଯିବ । ଜେଜେବାପା ଅସନ୍ତୁଷ୍ଟ , କିନ୍ତୁ ଅସହାୟର କଥା କେଇ ବୁଝିବା ପାଇଁ ପ୍ରସ୍ତୁତ ନୁହଁନ୍ତି । ସେମାନେ ଅଶାନ୍ତ । ରାତିରେ ସମସ୍ତେ ଏକାଠି ବସିଥିବା ବେଳେ, ଜେଜେବାପା କହିଲେ - ମୋତେ ଆପଣମାନଙ୍କ ସହ କଥା ହେବାକୁ ପଡ଼ିବ, ମୁଁ ଶୁଣିଛି ଆପଣମାନେ ଏହି ବରଗଛଟିକୁ କାଟିବାକୁ ଯାଉଛନ୍ତି, ଏହା ବହୁତ କଷ୍ଟଦାୟକ ।'

ସମସ୍ତେ ଚୁପ୍, କ'ଣ କହିବେ କିଛି ବୁଝିପାରୁନାହାଁନ୍ତି । 'ମୁଁ ନିଜେ ଛୋଟ ବେଳେ ଏହି ଗଛଟି ଆଣିଥିଲି । ଏହା ମୋ ସହିତ ବଢିଛି, ଫୁଲ, ପତ୍ର ଦେଇଛି । ଏହା ସହିତ ମୋର ସମ୍ପର୍କ ନିବିଡ଼ , ମୋ ଜୀବନ ସହିତ ଜଡିତ । ମୁଁ ପ୍ରାର୍ଥନା କରୁଛି ଏହାକୁ କାଟିବେ ନାହିଁ, ତୁମ ମା' ଏହାକୁ ପୂଜା କରୁଥିଲେ । ତୁମେ ତୁମର ପିଲାଦିନ ଏହାର ଛାୟାରେ ବିତାଇଛ । ତୁମ ମା' ଚାଲିଯିବା ପରଠାରୁ ଏହା ମୋର ସାଥୀ, ଗ୍ରୀଷ୍ମଋତୁରେ ଏହା ଆମକୁ ଛାଇ ଦେଉଛି । ବର୍ଷାରେ ମୋ ସହିତ ମଜା କରୁଛି । ଶୋଇବା ସମୟରେ ମୋ ଉପରେ ବର୍ଷା ହୋଇଛି । ଯେତେବେଳେ ତୁମ ମା' ଏହାର ଚାରିପାଖରେ ରଙ୍ଗୀନ ସୂତା ବାନ୍ଧୁଥିଲେ , ତାଙ୍କର ବିଶ୍ୱାସ ସବୁକିଛି ସୁରକ୍ଷିତ । ସମସ୍ତେ ଚୁପ୍ ରହିଲେ, କେହି କିଛି କହିଲେ ନାହିଁ । ଜେଜେବାପା ଆହୁରି କହିଲେ, ସେ ମୋ ଭଳି ଘରର ଜଣେ ବୟସ୍କା, ଏହି ଘରେ ଛାଇ, ନିରାପତ୍ତା ଅଛି ତାର ଲାଗି ଅଛି । ତୁମେ ଏହାକୁ ନଷ୍ଟ କରିବାକୁ ଚାହୁଁଛ, ତୁମେ ଏହାକୁ କାଟିବାକୁ ଚାହୁଁଛ ? 'ବାପା ! ଏହି ଗଛ କାଟି କିଛି ଘର ନିର୍ମାଣ କରାଯିବ, ଆମ ପରିବାର ବଢୁଛି, ଜାଗା କମିବାରେ ଲାଗିଛି । କ'ଣ କରିବାକୁ ହେବ ତାହା ମଧ୍ୟ ଆମକୁ ବତାଅ । ଆମେ କେଉଁଠି ରହିବୁ, ଆମେ ଏହାକୁ କାଟି ଆଉ ଏକ ଗଛ ଲଗାଇବା ଅନ୍ୟଠାରେ । ପୁଣି ଆମକୁ ଯେତିକି ଦରକାର ସେତିକି କାଟିବୁ । '

ଜେଜେବାପା ଚୁପ୍ ରହିଲେ, କିଛି କହିଲେ ନାହିଁ । ଧୀରେ ଧୀରେ ଜେଜେବାପା ଅନୁଭବ କରୁଥିଲେ, ସତ କହିବାକୁ ଗଲେ, ମୋ ପିଲାମାନଙ୍କର ପରିବାର ବଢୁଛନ୍ତି । ସେମାନଙ୍କର ଆବଶ୍ୟକତା ସେମାନଙ୍କୁ ବାଧ୍ୟ କରିଛି । ପୂର୍ବରୁ ସମୟ ଭିନ୍ନ ଥିଲା, ଏବେ ନୂଆ ଯୁଗ, ସବୁ କିଛି ବଦଳୁଛି, ସବୁକିଛି ବଦଳିବାକୁ ପଡ଼ିବ । ପିଲାଙ୍କ ଖୁସିରେ ହିଁ ଆମର ଖୁସି । କିଛି ମାସ ପରେ ବଡ ଘର ତିଆରି ହୋଇଛି । ଚାରୋଟି କୋଠରୀ । ଡ୍ରଇଂ ରୁମ୍, ଅଗଣା । ଘରର ଡିଜାଇନ ଏପରି ତିଆରି କରାଯାଇଛି ଯେ ଘର ମଝିରେ ଆସିଯାଇଛି ବରଗଛଟି । ଅଗଣାରେ ଥିବା ଗଛଟି ନିଜ ହାତ ବିସ୍ତାର କରି ଗର୍ବର ସହ ଠିଆ ହୋଇଛି । ପରିବାର ବଡ଼ ହେବାରେ ଲାଗିଛି, ଆମେ ଚାହୁଁଛୁ କିନ୍ତୁ ବଢୁଥିବା ଜନସଂଖ୍ୟା ଜାଗାକୁ ହ୍ରାସ କରିଛି । ଘର ହେଉ କି ହୃଦୟ, ସବୁକିଛି ସଂକୁଚିତ ହୋଇଯାଇଛି । ଯୁଗ୍ମ ପରିବାରର ଗୁରୁତ୍ୱକୁ ନେଇ ଅନେକ ବିତର୍କ ସତ୍ତ୍ୱେ ସମ୍ପର୍କର ପ୍ରେମ କେବଳ ସୋସିଆଲ ମିଡିଆରେ ରହି ଯାଇଛି । ପରିବର୍ତ୍ତନ, ପ୍ରଗତି ଏବଂ ସହରର ସିମେଣ୍ଟ ଜଙ୍ଗଲରେ ପରିଣତ ହେବା କାରଣରୁ ପ୍ରକୃତିର ସୁରକ୍ଷା ବନ୍ଦ ହୋଇଯାଇଛି । ବଡ଼ ବଡ଼ କୋଠା ସାମ୍ନାରେ ପୂଜା ପାଉଥିବା ବଡ଼ ବଡ଼ ଗଛ, କଲୋନି ତଳେ ରହିଗଲା ଗଛ । ଘରର ଚଟାଣ ଆକାଶ ଛୁଇଁବାକୁ ଲାଗିଲା । ଯଦି ବୋତଲରେ ଅକ୍ସିଜେନ ବିକ୍ରି ଆରମ୍ଭ ହୁଏ, ତେବେ ବାୟୁକୁ କିପରି ସଫା କରିବେ ? କିନ୍ତୁ ଏସବୁ ବ୍ୟତୀତ ଜେଜେବାପା ନିଜ ବଡ଼ ଘରର ବଡ଼ ଅଗଣାରେ ଆରାମରେ ବସି ବରଗଛକୁ ଦେଖୁଛନ୍ତି । ଭାବି କହି ହେଉଛନ୍ତି, 'ଏଥର ଜୀବନ ବଞ୍ଚିଯାଇଛି, ମୁଁ ତୁମକୁ କେତେ ଦିନ ବଞ୍ଚାଇବି, ଦେଖ ଯଦି ନକଲି ଗଛ ଅମ୍ଳଜାନ ଦେବା ଆରମ୍ଭ କରେ, ତେବେ ତୁମେ କାହାର ନୁହଁ । ଏବେ ସମସ୍ତେ ଅନୁଭବ କରୁଛନ୍ତି ମହାକାଶର ଅଭାବ, ପୃଥିବୀ ଛୋଟ ହେବାକୁ ଯାଉଛି, କୁଆଡ଼େ ଯିବେ । ସବୁ ଗଛ, ଜଙ୍ଗଲ ସବୁ କାଟି ଦିଆଯିବ । ଆମକୁ ଅନେକ କୋଠରୀ, ଲକ୍ଷ ଲକ୍ଷ ଘର ନିର୍ମାଣ କରିବାକୁ ପଡିବ । ଫେରି ଯାଅ... ତୁମ ସମସ୍ତଙ୍କୁ କେହି ବଞ୍ଚାଇବେ ନାହିଁ...ଚାଲି ଯାଅ,...ଯଦି ତୁମେ କୌଣସି କାମରେ ଆସୁନାହଁ ... ତେବେ ତୁମର କୌଣସି ସ୍ଥାନ ନାହିଁ । ଖୁବ୍ ଶୀଘ୍ର ପୃଥିବୀରୁ ସମସ୍ତ ଜଳ, ଫଳ, ଫୁଲ ଓ ଜମି ନଷ୍ଟ ହୋଇଯିବ । ଯାହା ହେବ ତାହା ଦେଖିବାକୁ ମିଳିବ । '

ଜେଜେବାପା ଜାଣନ୍ତି ନାହିଁ, ତେଣୁ ସେ ଏତେ ଜୋରରେ ହସୁଛନ୍ତି । ମୁଁ ଜାଣେ ନାହିଁ କାହିଁକି, କିନ୍ତୁ ସମୟ କାନ୍ଦୁଥିଲି । ସକାଳେ ଜେଜେବାପାଙ୍କ ଆଖି ଖୋଲିଲା ବେଳକୁ ବରଗଛର ନାଲି ନାଲି ଛୋଟ ଛୋଟ ଫୁଲ ଗୁଡ଼ିକ ତାଙ୍କ ଉପରେ ପଡୁଥିଲା । ସେ ଦେଖି ଆଶ୍ଚର୍ଯ୍ୟ ହେଉଥିଲେ । ଯେମିତି ସେମାନେ କହୁଥିଲେ 'ତୁମେ ଭୟ କରୁଛ, ଏପର୍ଯ୍ୟନ୍ତ ତୁମ ଗଛର କୌଣସି ଡାଳ ଭାଙ୍ଗିନାହିଁ । ଆମେ ସମସ୍ତଙ୍କର, ଆମେ ଦେଶ ଜାତି ମାନ ଅପମାନରେ ଭୟଭୀତ ନ ହୋଇ ଏକାଠି ରହୁଛୁ । ଆସନ୍ତୁ ହସିବା ବଢିବା ଏକାଠି ରହିବା । ଜେଜେବାପା କହୁଥିଲେ - ଶୁଣ, ମୁଁ ଆଉ କିଛି ଦିନର ବୁଢ଼ା, କିନ୍ତୁ ମୁଁ ଚାହୁଁଛି ଭଗବାନ ତୁମକୁ ରକ୍ଷା କରନ୍ତୁ । ଆପଣ ହଜାର ହଜାର ବର୍ଷ ବଞ୍ଚିବେ, ଘରକୁ ସୁରକ୍ଷା ଦେବେ, ପିଲାମାନଙ୍କର ଯତ୍ନ ନେବେ । ଜେଜେବାପା କିଛି ସମୟ ଗଛକୁ ଚାହିଁ ରହିଲେ, ତା'ପରେ ଶୋଇଗଲେ । ହଠାତ୍ ତାଙ୍କ ମୁଣ୍ଡ ଉପରେ ଏକ ପତ୍ର ପଡ଼ିଲା, ସେ ବେକ ଉଠାଇ ଦେଖି ହସୁଥିଲେ - ନା ନା କାଟିଦେବେ... ହୁଁ.. ହୁଁ... । ଏବେ ପୂରା ସୃଷ୍ଟି ହସୁଛି....


+ଅରବିନ୍ଦ ନଗର, ନୟାଗଡ଼,
ମୋ: ୯୪୩୭୯୮୫୮୬୬




## ମିନି ଗଳ୍ପ :

# ସକ୍ଷମ

## ସତ୍ୟନାରାୟଣ ପ୍ରଧାନ

ଲୋକମାନଙ୍କର ଲମ୍ୱା ଲାଇନ ଲାଗିଥିଲା ସହରର ସୁପରିଚିତ ଡାକ୍ତର ବାବୁଙ୍କୁ ଦେହ ଦେଖାଇବେ ବୋଲି । ସମସ୍ତେ ନିଜ ନାମକୁ ପଞ୍ଜିକରଣ କରି ଚାତକ ଭଳି ନାଁ ଡାକିବାକୁ ଅପେକ୍ଷା କରିଥିଲେ । ସେ ସମୟରେ ବୃଦ୍ଧ ବ୍ୟକ୍ତି ଜଣେ ଆଶା ବାଡି ଧରି ସେଠାରେ ପହଞ୍ଚି ଯାଇଥିଲେ । ନିଜର ଅବସ୍ଥାକୁ ଦେଖି ବାହାରେ ବସିବାର ସୁବିଧା ନ ପାଇ ଘର ଭିତରେ ପଡ଼ିଥିବା ବେଞ୍ଚରେ ଖାଲି ଟିକେ ବସିବାକୁ ରୋଗୀମାନଙ୍କର ରକ୍ତଚାପ ମାପ ସହ ମୋବାଇଲ୍ ନମ୍ବର୍ ଲେଖି ଭିତରକୁ ଛାଡୁଥିବା ଯୁବକ ଜଣଙ୍କୁ ଆକୁଳ କଣ୍ଠରେ କହିଥିଲେ ।

ସେ ନାଁ ନ ଡାକିଲା ପର୍ଯ୍ୟନ୍ତ ଭିତରକୁ ଛାଡି ପାରିବେ ନାହିଁ ସିଧା ମନା କରି ଦେଇଥିଲେ । ବୃଦ୍ଧ ଜଣଙ୍କ ତାର ପୁଅ ନାମ ପଞ୍ଜିକରଣ କରି ଲାଇନରେ ଅପେକ୍ଷା କରିଛି ହେଲେ ରୋଗା ଦେହ ପାଇଁ ଠିଆ ହେବାରେ କଷ୍ଟ ହେଉଥିବା କଥା ପୁଣି ଥରେ ସେ ଲୋକଟିକୁ କହିଥିଲେ । ଅନ୍ୟମାନେ ମୁହଁ ଖୋଲି ପ୍ରତିବାଦ କଲେ କାଳେ ସେମାନଙ୍କ ମଧ୍ୟରୁ କାହାର ଚିଠା ପଛକୁ ଜାଣିଶୁଣି ରଖିଦେବେ ସେ ଭୟରେ କେହି ପାଟି ଫିଟାଉ ନ ଥିଲେ ।

ବୃଦ୍ଧ ଲୋକଟି ଢେର୍ ସମୟ ଦୁଃଖ କଷ୍ଟରେ ଠିଆ ହେଲା ପରେ ତା ନାମ ଭିତରୁ ଡକା ଯାଇଥିଲା । ଘର ଭିତରକୁ ପଶିବା ବେଳେ ନିଜକୁ ଅନ୍ୟମାନଙ୍କ ଠାରୁ ଦୁର୍ବଳ ଭାବୁ ନ ଥିଲା । ହାତ ଗୋଡ ଠିକ୍ ଠାକ୍ ଥିବା ଲୋକମାନଙ୍କ ଠାରୁ ସେ ନିଜକୁ ସକ୍ଷମ ମନେ କରୁଥିଲା । ଡାକ୍ତର ବାବୁଙ୍କୁ ଦେଖାଇବା ପରେ ବୃଦ୍ଧ ଜଣଙ୍କ ଯୁବକକୁ ଦେଖି ହସି ଦେଇ ସେ ସୁସ୍ଥ ମଣିଷ ପାରନ୍ତି ହେଲେ କାହାର ଭାବନାକୁ ବୁଝିବା ପାଇଁ ସମ୍ପୂର୍ଣ୍ଣ ଅକ୍ଷମ ବୋଲି ଭାବନା ରାଜ୍ୟକୁ ତାଙ୍କର ଚାଲି ଆସୁଥିଲା ।


ମାର୍ଫତ୍/ ଶ୍ରୀଧର ପ୍ରଧାନ
ସା / ପୋ - ଅଣ୍ଟିଆ ,
ଭାୟା / ଥାନା - ଜେନାପୁର ଜିଲ୍ଲା - ଯାଜପୁର- ୭୫୫୦୨୩ ,
ମୋ -୯୧୭୮୩୧୩୬୪୪




# ଖୁସି

## କମଳ ଦାସ

ପାହାନ୍ତିପହରୁ ନିଦ ଭାଙ୍ଗିଗଲା ତା'ର ।

ଗତକାଲି ଲୋଚାକୋଚା ଚର୍ମଧାରୀ ଭୋକିଲା, ଅସହାୟ ଦୁଇ ବୁଢ଼ାବୁଢ଼ୀଙ୍କୁ ପକେଟ୍ ଝାଡ଼ିଝୁଡ଼ି ନିକଟ ଝୁମ୍ପୁଡ଼ି ହୋଟେଲ୍‌ରେ ପେଟପୂରା ଖାଇବାକୁ ଦେଇ ଅପୂର୍ବ ଆତ୍ମସନ୍ତୋଷ ଲାଭ କରିଥିଲା ସେ । ତା'ର ମନହେଉଥିଲା, ସତେଯେମିତି ଜନ୍ମରୁ ଅଦ୍ୟାବଧି ସବୁଠାରୁ ବଡ଼ କାମଟେ କରିଛି । ଫୁର୍ତ୍ତିର ଅଗଣିତ ଢେଉ ମଥା ପିଟୁଥିଲା ତା' ସାରା ଦେହ ଓ ମନରେ । ରାତିରେ ବି ନିଦଟା ଶୀଘ୍ର ଆସିଗଲା ।

ରାତି ପାହିଲା । ତା' ଭିତରେ ଉଜ୍ଜୀବିତ ଥିବା ଗତକାଲିର ସେଇ ଖୁସିଟାକୁ ସାଥୀକରି ସେ ବାହାରିପଡ଼ିଲା ମର୍ଣ୍ଣିଂୱାକ୍‌ରେ । ସହରର ଷ୍ଟ୍ରିଟ୍‌ଲାଇଟ୍ ଲିଭିନି । ଅନେକ ପୁରୁଷ ଓ ମହିଳାମାନେ ନିଜ ନିଜର ଶାରୀରିକ ଓ ମାନିସକ ଫୁର୍ତ୍ତି ପାଇଁ ମର୍ଣ୍ଣିଂୱାକ୍‌ରେ ବ୍ୟସ୍ତ । ଭାବିଲା; ଆଜିର ମଣିଷ ବଡ଼ ହେବାର ନିଶାରେ ପଡ଼ି ଅର୍ଥ ପଛରେ ଧାଇଁଧାଇଁ ନିଜ ଦେହ ଓ ମନକୁ ଅସୁସ୍ଥ କରି ଦେଉଛି । ଏଠି ମଣିଷପଣିଆର ଘୋର୍ ଅଭାବ ଯୋଗୁଁ ନାହିଁ ଆତ୍ମିକ ସୁଖ, କି ଶାନ୍ତି ।

ମୋବାଇଲ୍ ରିଂ ହେଲା । ଛାତି ପକେଟ୍‌ରୁ ମୋବାଇଲ୍‌ଟି କାଢ଼ି ଦେଖିଲା ଏକ ଅଜଣା ନମ୍ବର । ରିସିଭ୍ କଲା; 'ହ୍ୟାଲୋ, ହ୍ୟାଲୋ.... କିଏ କହୁଛନ୍ତି..... ?'

ସାର୍ ଆପଣ ବାଲେଶ୍ୱରର...... ।

'ହଁ...ହଁ.....'

- 'ସାର୍ ମୁଁ କେନ୍ଦ୍ରାପଡ଼ା ରାଜନଗରର ଏକ ନିପଟ ଗାଁରୁ କହୁଛି । ଗତକାଲି ପେପରରେ ଆପଣଙ୍କ ଲେଖାଟିଏ ବାହାରି ଥିଲା । ସେଥିରେ ବି ଆପଣଙ୍କ ଫୋନ୍ ନମ୍ବର ଥିଲା । ତେଣୁ ବହୁ ଆଶା ନେଇ ଆପଣଙ୍କୁ ଫୋନ୍ କରୁଛି.... ।

'କ'ଣ ହୋଇଛି କୁହ ?'

- ସାର୍, ଏଇ କିଛିଦିନ ହେଲା ମୁଁ କଟକ ବଡ଼ ଡାକ୍ତରଖାନାରେ ଅଛି । ମୋ ପୁଅକୁ କ୍ୟାନ୍‌ସର୍ । ତା' ଗୋଡ଼ହାତ ଫୁଲିଗଲାଣି । ପ୍ରାୟ ଶେଷ ଅବସ୍ଥାରେ ପହଞ୍ଚିଗଲାଣି ବୋଲି ଡାକ୍ତର କହୁଛନ୍ତି । ଆଜି ୧୧ଟା ସୁଦ୍ଧା ତାକୁ ଆଉ ଏକ କେମୋ ଦିଆଯିବା ଦରକାର । ଯଦି ଦିଆ ନ ଯାଏ, ତେବେ...., ଛାତିଫଟା କାନ୍ଦଣା ଶୁଣାଗଲା ।

'ଆଚ୍ଛା, କେତେ ଦରକାର ?'

- ଆଠ ହଜାର ଛଅଶହ ଟଙ୍କା ସାର୍....

ପାଦ ଅଟକିଗଲା ତା'ର । ଏତେ ଟଙ୍କା ! ଏଣେ ପୁଣି ଗୋଟେ ପିଲାର ଜୀବନ !! ଅତିବେଶୀରେ ସେ ହଜାରେ ଟଙ୍କା ଦେଇପାରିବ । ଅବଶିଷ୍ଟ.... ? ହଠାତ୍ କାଲିର ଖୁସିଟା ଦେଖୁଦେଖୁ ତା'ଠାରୁ କୁଆଡ଼େ ଯେ ହଜିଗଲା ସେ ଆଉ ଖୋଜିପାଇଲା ନାହିଁ । ନୀରବି ଗଲା । ଟୋପାଟୋପା ଝାଳବିନ୍ଦୁ ଜକେଇ ଉଠିଲା ତା' କପାଳରେ ।

- ହ୍ୟାଲୋ, ହ୍ୟାଲୋ ସାର୍...., ଆପଣ ଏମିତି ଚୁପ୍ ହୋଇଗଲେ ଯେ ?

ନିଜକୁ ପ୍ରକୃତିସ୍ଥ କରି ସେ କହିଲା, 'ଆରେ ନାଇଁ, ନାଇଁ... ସେମିତି କିଛି ନୁହଁ । ମୁଁ ଚେଷ୍ଟାକରୁଛି, ହେଲା..... ।'

- ଆଜ୍ଞା ସାର୍ । ସାର୍, ଆପଣ ଜଣାଇଲେ ମୋ ଜିରୋବାଲାନସ୍‌ର ଏକାଉଣ୍ଟ୍ ନମ୍ବରଟା ଦିଅନ୍ତି.... ।

'ଠିକ୍ ଅଛି, କିଛି ସମୟ ମୋତେ ଛାଡ଼ିଦିଅ.... ।'

ସେତେବେଳକୁ ସହରସାରା ବିଛେଇ ପଡ଼ିଥିଲା ସୂର୍ଯ୍ୟଙ୍କ କଅଁଳ କିରଣ । ଧୀରେ ଧୀରେ ବି ବଢ଼ିଚାଲୁଥିଲା ଗହଳଚହଳ । ଆଉ ଆଗକୁ ପାଦ ନ ଉଠାଇ ସେ ଏଥର ହେଲା ଘରମୁହାଁ । ଘରେ ପହଞ୍ଚାପହଞ୍ଚ ହେବା ବେଳକୁ ପୁଣି ମୋବାଇଲ୍ ରିଂ ହେଲା । ସେ ରିସିଭ୍ କଲା, 'ହ୍ୟାଲୋ... ହ୍ୟାଲୋ..., କିଏ କହୁଛନ୍ତି ?'

- ସାର୍, ମୁଁ...., ମୁଁ କହୁଛି..., କିଛି ବ୍ୟବସ୍ଥା କଲେ.... ?

'ଆରେ ଟିକେ ରୁହ । ମୋ ବନ୍ଧୁମାନଙ୍କ ସହ ଯୋଗାଯୋଗ କରୁଛି, ଦେଖୁଛି କ'ଣ ହେଇପାରିବ; ହେଲା.... ।'

ଓଜନିଆ ବୋଝଟା ଛାତି ଉପରେ ଲଦିଗଲା ପରି ଅନୁଭବ କଲା ସେ । ଦୀର୍ଘ ନିଶ୍ୱାସଟେ ଛାଡ଼ି ଲଥ୍‌କରି ଘରେ ପଡ଼ିଥିବା ଭଙ୍ଗା ପ୍ଲାଷ୍ଟିକ୍ ଚେୟାରରେ ବସିପଡ଼ିଲା । ମୋବାଇଲ୍ ଧରି କିଛି ଖାସ୍ ବନ୍ଧୁଙ୍କୁ ଫୋନ୍ କଲା । ସେମାନଙ୍କୁ ସବୁକଥା ଜଣାଇଲା । ସମସ୍ତେ କିନ୍ତୁ ନିରାଶ କଲେ । ଅଧିକନ୍ତୁ ଥଟ୍ଟାକରି ଏକା କଥା କହିଲେ, 'ଆମେ ଦିନରାତି ଏକ କରି ଟଙ୍କା ରୋଜଗାର କରୁଛୁ କ'ଣ ଆଉ କାହା ପାଇଁ ? ଯିଏ ମରୁଚି ମରୁ, ଆମର ସେଥିରେ ଯାଏ ଆସେ କେତେ । ଏଠି ନିଜେ ବଂଚିଲେ ବାପର ନାଁ । ବୁଝିଲୁ......, ବଂଚିବା ଶିଖ୍..... ।'

ପୁଣି ମୋବାଇଲ୍ ରିଂ ହେଲା । ସେ ଦେଖିଲା ସେଇ ନମ୍ବରଟି । କ'ଣ କହିବ । ତା' ଅପାରଗତାକୁ କିପରି ପ୍ରକାଶ କରିବ.... କିଛି ଭାବି ନ ପାରି ମୋବାଇଲ୍ ସୁଇଚ୍‌ଅଫ୍ କରିଦେଲା । ଉର୍ଦ୍ଧ୍ୱମୁହାଁ ହୋଇ ପ୍ରଥମଥର ହାତ ଦି'ଟାକୁ ଟେକିଦେଇ କହିଲା, 'ହେ ଭଗବାନ ! ଯଦି ତୁମ ଦୃଷ୍ଟିରେ ମୁଁ କେବେ କିଛି ସତ୍‌କର୍ମ କରିଥାଏ, ତେବେ ତା'ର ପ୍ରତିଦାନରେ ଆଜି ସେଇ ପିଲାଟିକୁ ତୁମେ ସାହାଯ୍ୟ କର ପ୍ରଭୁ... ।'

ଏଥର ମନ ଫେରାଇ ଆଣି ଭାବିଲା ନିଜ ବନ୍ଧୁମାନଙ୍କ କଥା; କେଡ଼େ ହୃଦୟହୀନ ଏମାନେ ସତେ ! ଗୋଟେ ପିଲାକୁ ବଂଚେଇବା ପାଇଁ ସ୍ୱ-ଅର୍ଜିତ ଧନରୁ କିଛି କିଛି ଆର୍ଥିକ ସହାୟତା ଦେବାକୁ ଏତେ କୁଣ୍ଠାବୋଧ କରୁଛନ୍ତି ! ଛି... ! ଛି.... ଏମାନଙ୍କର ଧନ ରୋଜଗାର କରିବାଟା । ଦୀର୍ଘଶ୍ୱାସଟେ ଛାଡ଼ି କୌଣସି ପ୍ରକାରେ କିଛି ବ୍ୟବସ୍ଥା ହୋଇ ନ ପାରିବାର ନାସ୍ତିବାଣୀ ଜଣାଇବା ପାଇଁ ମୋବାଇଲ୍ ଅନ୍ କଲା ସେ ।

ମୋବାଇଲ୍ ଅନ୍ କେଲା ମାତ୍ରେ ରିଂ ହେଲା । ଦେଖିଲା ସେଇ ନମ୍ବରଟି । ବିପଦରେ ପଡ଼ିଥିବା ଜଣେ ମଣିଷକୁ ସାହାଯ୍ୟ କରି ନ ପାରିବାର ଦୋଷ ମୁଣ୍ଡାଇବାର ମନୋଭାବ ନେଇ ସେ ରିସିଭ୍ କଲା । ନିଜ ଆଡୁ କିଛି କହିବା ପୂର୍ବରୁ ଶୁଣିଲା, 'ସାର୍ ଆପଣଙ୍କୁ କୋଟି କୋଟି ପ୍ରଣାମ । ଆପଣ ବ୍ୟବସ୍ଥା କରି ଯେଉଁ ସାର୍‌ଙ୍କୁ ପଠାଇଥିଲେ, ସିଏ ମୋତେ ଦଶହଜାର ଟଙ୍କା ଦେଇ ମୋ ପୁଅ କପାଳରେ ହାତମାରି ଭଲହେବାର କାମନା କରି ଯାଇଛନ୍ତି । ଆପଣ ମହାନ୍ ସାର୍, ଖୁବ୍ ମହାନ୍ । ଆପଣଙ୍କ ଋଣ ମୁଁ ଜୀବନରେ କେବେ ବି ଶୁଝି ପାରିବିନି । ମୋ ପୁଅ ଭଲ ହୋଇଗଲେ ତାକୁ ସାଥୀରେ ନେଇ ନିଶ୍ଚୟ ଆପଣଙ୍କ ପାଖକୁ ଯିବି ଓ ଆପଣଙ୍କ ପାଦଧୂଳି ବାପ-ପୁଅ ଦୁହେଁ ମୁଣ୍ଡରେ ମାରିବୁ । ହଉ ସାର୍, ପରେ ଫୋନ୍ କରିବି । ଏବେ ଡାକ୍ତର ଆସିବାର ସମୟ ହେଇଗଲାଣି । ରହୁଛି ସାର୍..... ।'

ନିର୍ବାକ୍, ନିସ୍ପନ୍ଦ ହୋଇ ସେତେବେଳକୁ ସେ ଆଉଜି ପଡ଼ିଥିଲା ସେଇ ଭଙ୍ଗା ପ୍ଲାଷ୍ଟିକ୍ ଚେୟାର୍ ଉପରେ ।

ହଠାତ୍ ଚମକିଉଠିଲା ସେ, 'ଆରେ, ତେବେ କ'ଣ ମୋ ଡାକ ଶୁଣି ସ୍ୱୟଂ ଭଗବାନ ଲୋକଟାକୁ ସାହାଯ୍ୟ କଲେ ! ହେ ପ୍ରଭୁ....., ହେ ଦୟାମୟ....., ହେ କୃପାସାଗର....., ଧନ୍ୟ ତୁମର ମହିମା ।' ଆଖି ତା'ର ହୋଇ ଉଠିଲା ଛଳଛଳ । ଦୁଇହାତର ପାପୁଲି ଯୋଡ଼ିହୋଇ ଲାଗିଗଲା ତା'ର କପାଳ ଦେଶରେ । ଅନୁଭବ କଲା ସତେଯେମିତ କ୍ରମଶଃ ଦିବ୍ୟ ଆନନ୍ଦରେ ଗଧୋଇ ପଡୁଛି ସେ !


+ପାହାନ୍ତିତାରା,
ଭାସ୍କରଗଂଜ, ବାଲେଶ୍ୱର
ମୋ : ୯୯୩୮୪୦୩୧୯୮




# ଘାଟି ଅଂଚଳରେ ଶନିବାର ହେଲେ ଶିକ୍ଷା ବିଭାଗର ରୁଗ୍ଣ ଚିତ୍ର: ଅଧା ସ୍କୁଲ ଖୋଲୁଛି, ଅଧା ସ୍କୁଲ ରହୁଛି ବନ୍ଦ

ମାଲକାନଗିରି, ୧୦/୩ (ନି.ପ୍ର): ଶନିବାର ହେଲେ ଘାଟି ଅଂଚଳରେ ରହିଥିବା ସ୍କୁଲଗୁଡିକୁ ଯାଉନାହାନ୍ତି ଶିକ୍ଷକ। କେଉଁଠି ଶିକ୍ଷକ ନଆସିବାରୁ ସ୍କୁଲ ବନ୍ଦ ରହୁଥିବା ବେଳେ ଆଉ କେତେକ ସ୍ଥାନରେ ରୋଷେୟା ହିଁ ସ୍କୁଲ ଖୋଲି ପିଲାଙ୍କୁ ଖାଇବାକୁ ଦେଇ ପଠାଇ ଦେଉଥିବା ଦେଖିବାକୁ ମିଳିଛି। ପ୍ରାୟ ଶନିବାର ହେଲେ ଘାଟି ଅଂଚଳରେ ଶିକ୍ଷା ବିଭାଗର ଏଭଳି ଚିତ୍ର ବାବଦରେ ସୂଚନା ପାଇ କାଲିମେଳା ଓ ମାଲକାନଗିରି କିଛି ଗଣମାଧମ ପ୍ରତିନିଧି ଆଜି ମାଲକାନଗିରି ଜିଲ୍ଲା କାଲିମେଳା ଗୋଷ୍ଠୀ ଶିକ୍ଷା ଅନ୍ତର୍ଗତ ତେଲରାଇ, କୁରମାନୁର ଓ ମାନ୍ୟମକୋଣ୍ଡା ପଂଚାୟତର ବିଭିନ୍ନ ଘାଟି ଅଂଚଳ ବୁଲି ସ୍କୁଲ ଗୁଡିକର ପ୍ରକୃତ ଅବସ୍ଥା ପରଖି ଥିଲେ। ସରକାର ଦୁର୍ଗମ ଅଂଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ଶିକ୍ଷା ବିଭାଗର କର୍ମଚାରିଙ୍କ ଉଦାସୀନତା ଲାଗି ବର୍ଷ ବର୍ଷ ଧରି ବିତିଯାଇଥିଲେ ମଧ ଏହି ଅଂଚଳର ପିଲାମାନେ ଶିକ୍ଷା ଗ୍ରହଣ କ୍ଷେତ୍ରରେ ବିପଦ ସୃଷ୍ଟି କରିଛି। ଶନିବାର ସକାଳୁ ସ୍କୁଲ ଯୋଗୁଁ ଏଲକାନୁର ଗ୍ରାମରେ ଶିକ୍ଷକ ଆସି ନଥିବାରୁ ଅସ୍ଥାୟୀ ଭାବେ ଏହି ସ୍କୁଲ ବନ୍ଦ ରହିଥିଲା। ସ୍ଥାନୀୟ ପିଲା ନିକଟସ୍ଥ ଚାଷ ଜମିରେ ଖେଳକୁଦ କରୁଥିବା ବେଳେ ମଧାହ୍ନ ଭୋଜନ ମଧ ଦିଆଯାଇ ନଥିଲା। ସମାନ ଚିତ୍ର ଦୁଲାଗାଣ୍ଡି ପ୍ରାଥମିକ ବିଦ୍ୟାଳୟରେ ମଧ ଦେଖିବାକୁ ମିଳିଥିଲା। ଏଠାରେ ଶିକ୍ଷକ ରୋଷେଇ ପାଇଁ ସାମଗ୍ରୀ ଦେଇ ନଥିବାରୁ ମଧାହ୍ନ ଭୋଜନ ଦିଆଯାଇ ପାରି ନଥିବା ରୋଷେଇଆ କାକାର କାରାମା କହିଛନ୍ତି। ଏରାବାଟି ସ୍କୁଲରେ ମଧ ଶନିବାର ଯୋଗୁଁ ଶିକ୍ଷକ ନଆସିବାରୁ ପାଠପଢା ସହ ମଧାହ୍ନ ଭୋଜନରୁ ବଂଚିତ ହୋଇଥିଲେ କୁନିକୁନି ପିଲା। ତେବେ ସିଲକାନମାମୁଡି ଗ୍ରାମରେ ରହିଥିବା ସ୍କୁଲରେ ଶିକ୍ଷକ ଆସି ନଥିବା ବେଳେ ଛାତ୍ରଛାତ୍ରୀଙ୍କ ମଧାହ୍ନ ଭୋଜନ ଓ ଉପସ୍ଥାନ ପକାଇବା ପାଇଁ ରୋଷେୟାଙ୍କ ହାତରେ ସ୍କୁଲ ଚାବି ଦିଆଯିବା ଚିତ୍ର ଘାଟି ଇଲାକାର ଶିକ୍ଷା ବ୍ୟବସ୍ଥାର ପ୍ରକୃତ ଚିତ୍ରକୁ ପଦାରେ ପକାଉଛି ବୋଲି ସାଧାରଣରେ କୁହାଯାଇଛି। ସେହିପରି ଶିକ୍ଷକ ନଆସିବାରୁ ଘାଟିଗୁଡ଼ା ସ୍କୁଲ ଖୋଲି ନଥିବା ବେଳେ ଚିନ୍ତାଗନାଲ ସ୍କୁଲ ଶିକ୍ଷକ ବିଦ୍ୟାଳୟ ଛୁଟି ସମୟ ନହେଉଣୁ ସ୍କୁଲ ବନ୍ଦ କରି ଚାଲି ଯାଇଥିଲେ। ଏଠାରେ ପ୍ରଶ୍ନ ଉଠୁଛି, ଶିକ୍ଷକଙ୍କ କାର୍ଯ୍ୟ ତଦାରଖ ପାଇଁ ଥିବା ସିଆରସିସି ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧକାରୀ କଣ କରୁଛନ୍ତି।

# କୁଡୁମୁଲୁ ଗୁମ୍ମା ଲ୍ୟାମ୍ପ୍ସ ପରିସରରେ ମୋ ସେବା କେନ୍ଦ୍ର ଉଦ୍‌ଘାଟିତ

ମାଲକାନଗିରି, ୧୦/୩ (ନି.ପ୍ର): କୁଡୁମୁଲୁ ଗୁମ୍ମା ସ୍ଥିତ ବୃହଦାକାର ବହୁମୁଖୀ ସମବାୟ ସମିତି ପରିସରରେ ନୂତନ ଭାବେ ନିର୍ମିତ ହୋଇଥିବା ମୋ ସେବା କେନ୍ଦ୍ରର ଆଜି ଉଦଘାଟନ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବ ରେ ଜୟପୁର କେ. ସି. ସି ବ୍ୟାଙ୍କ ର ସଭାପତି ଇଂ. ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ, ସଂମାନିତ ଅତିଥି ମାନଙ୍କ ମଧରେ ଜୟପୁର ଅଂଚଳର ସୁନାମଧନ୍ୟ ସମାଜସେବୀ ଧର୍ମେନ୍ଦ୍ର ଅଧିକାରୀ, ଖଇରପୁଟ ବ୍ଲକ ଅଧକ୍ଷ ବିଘ୍ନ କୀର୍ଷାନୀ, ସମାଜସେବୀ ରାଜେନ୍ଦ୍ର ପଣ୍ଡା,କେ. ସି. ସି ଡାଇରେକ୍ଟର ଉଦୟନାଥ ମାଦ୍ରୀ,ସମାଜସେବୀ ସତ୍ୟ ପାଣିଗ୍ରାହୀ,କୁଡୁମୁଲୁ ଗୁ ମ୍ମା ଲ୍ୟାମ୍ପ୍ସ ସଭାପତି ଗୋପୀ ପାଙ୍ଗୀ,ବିଧାୟକ ପ୍ରତିନିଧି ସାଧୁ ହନ୍ତାଳ, ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ, ବାଲିମେଳା କେ ସି ସି ଶାଖା ପରିଚାଳକ ସୁଧାଂଶୁ କୁମାର ଖରା , ସମିତିସଭ୍ୟା ମୁନୀ ସଗରିଆ ପ୍ରମୁଖ ଉପସ୍ଥିତ ଥିବାବେଳେ କୁଡୁମୁଲୁ ଗୁମ୍ମା ଲ୍ୟାମ୍ପ୍ସ ର ପରିଚାଳକ ରମେଶ ଚନ୍ଦ୍ର ରାଉତ ବୈଠକ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ସର୍ବ ପ୍ରଥମେ ଜଗତର ନାଥ ଜଗନ୍ନାଥ ଙ୍କ ତୈଳଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ ଓ ଏହାପରେ ନବନିର୍ମିତ ମୋ ସେବା କେନ୍ଦ୍ର କୁ ଶୁଭ ଉଦଘାଟନ କରିଥିଲେ। ବୈଠକ ଆରମ୍ଭରେ ଆମ ଓଡିଶା ରାଜ୍ୟର ଜାତୀୟ ସଂଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା ଓ ଏହାପରେ ସମସ୍ତ ଅତିଥି ମାନଙ୍କୁ ପୁଷ୍ପଗୁଛ, ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଶ୍ରୀ ପାଣିଗ୍ରାହୀ କହିଥିଲେ ଯେ, ନୂତନ ଜନ ସେବା କେନ୍ଦ୍ର ହେବା ଦ୍ୱାରା ଏହି ଅଂଚଳର ହଜାର ହଜାର ଜନ ସାଧାରଣ ଉକ୍ତ ପରିସର ମଧରେ,ସ୍ୱଳ୍ପ ମୂଲ୍ୟରେ ବିଭିନ୍ନ ସେବା ଯଥା :- ବାସିନ୍ଦା ପ୍ରମାଣପତ୍ର, ପ୍ୟାନ କାର୍ଡ, ଜନ୍ମ ମୃତ୍ୟୁ ପଞ୍ଜିକରଣ, ଆଧାର କାର୍ଡ, ପାସପୋର୍ଟ ଫୋଟ, ଜେରକ୍ସ କପି, ଜାତି ପ୍ରମାଣପତ୍ର, ଇଲେକ୍ଟ୍ରି ବିଲ, ବସ ଓ ରେଳ ଟିକଟ, ଗାଡି ଚାଳକ ଲାଇସେନ୍ସ ଭଳି ସେବା ଗୁଡିକ ପାଇଁ ଅନଲାଇନ ଆବେଦନ କରିବା ର ସୁବିଧା ପାଇପାରିବେ। ସେ ଆହୁରି ମଧ କହିଥିଲେ ଯେ ରାଜ୍ୟ ସରକାରଙ୍କ ସମବାୟ ବିଭାଗ, ଚାଷ,ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠି ମହିଳାଙ୍କ ଆର୍ଥିକ ମାନଦଣ୍ଡ କୁ ସୁଦୃଢ କରିବା ପାଇଁ ବିଭିନ୍ନ ଯୋଜନା ମାନ ପ୍ରଣୟନ କରିଛନ୍ତି ଓ ଏହାର ଲାଭ ନେବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ସେ କୁଡୁମୁଲୁ ଗୁମ୍ମା ଲ୍ୟାମ ପରିସରର ସ୍ୱଛତା ଓ ବୈଠକର ଉତ୍ତମ ପରିଚାଳନା ନିମନ୍ତେ, ଲ୍ୟାମ୍ପ୍ସ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଉତଙ୍କ ସମେତ ସମସ୍ତ ଲ୍ୟାମ୍ପ୍ସ କର୍ମଚାରୀ ମାନଙ୍କୁ ଧନ୍ୟବାଦ ଦେଇଥିଲେ। ବର୍ତ୍ତମାନ ଲ୍ୟାମ୍ପ ସ୍ଥାନ ର ସଂକୀର୍ଣ୍ଣତା କୁ ଉପଲବ୍ଧି କରି, ସେ ଆଗାମୀ ଦିନରେ ଏକ ନୂତନ କାର୍ଯ୍ୟାଳୟ ଗୃହ ସ୍ଥାପନ ନିମନ୍ତେ ୩ ୦ ଲକ୍ଷ ର ଉନ୍ନୟନ ପାଣ୍ଠି ଯୋଗାଇଦେବେ ବୋଲି ଦୃଢ଼ ପ୍ରତିଶୃତି ଦେଇଥିଲେ । ଆଜିର ବୈଠକ ରେ ସମବାୟ ସମିତି ର ୧ ୫ ଜଣ ନିର୍ଦ୍ଦେଶକ, ୬ ଗୋଟି ସ୍ୱୟଂ ସହାୟକ ଗୋଷ୍ଠି ର ୬ ୦ ଜଣ ମହିଳା ଓ କୃଷକ ସମାଜ ର ପାଖାପାଖି ୪୦ ରୁ ଉର୍ଦ୍ଧ କୃଷକ ଯୋଗ ଦେଇଥିବା ଜଣାପଡିଛି । ପରିଶେଷରେ ବୈଠକ ର ସଂଚାଳକ ଭଗବାନ ସାହୁ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ବିଷ ପିଇ ଯୁବତୀଙ୍କ ମୃତ୍ୟୁ

କୋରେଇ, ୧୦/୩ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ଗ୍ରାମର ଜୈନିକ ଯୁବତୀ ତାର ବିବାହ ଦିନ ବିଷି ପିଇ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ବରଣ କରିଛି । ଆଜି ଅପରାହ୍ନରେ କଟକ ବଡ ଡାକ୍ତରଖାନାରୁ ଆସି ଶବ ପହଂଚିବା ପରେ ତାର ମରଶରୀରକୁ ଗାଁ ଶଶ୍ମାନରେ ଶେଷକୃତ ସମ୍ପନ୍ନ କରାଯାଇଛି । ପ୍ରକାଶଯେ ପାଣିକୋଇଲି ଗ୍ରାମର ସୁବାସ ପରିଡାଙ୍କ ଝିଅ ସୁଷମା ପରିଡା (୨୪) ଗତ ୩ ତାରିଖ ବିଷ ପିଇଦେଇଥିଲା । ସେହିଦିନକୁ ତାର ବିବାହ ସ୍ଥିର ହୋଇଥିଲା । ବିବାହ ପାଇଁ ସମସ୍ତ ପ୍ରସ୍ତୁତି ମଧ୍ୟ ସରିଥିଲା । ରାତ୍ରୀରେ ପାଣିକୋଇଲି କଲ୍ୟାଣ ମଣ୍ଡପରେ ବିବାହ ହେବାକୁ ଥିବା ବେଳେ ସକାଳୁ ସେ ବିଷ ପିଇଥିଲା । ପରିବାର ପକ୍ଷରୁ ତାକୁ ପ୍ରଥମେ ଯାଜପୁର ଓ ପରେ କଟକ ନେଇ ଚିକତ୍ସା କରାଯାଉଥିଲା । ଆଜି ଚିକିତ୍ସିତ ଅବସ୍ଥାରେ ତାର ମୃତ୍ୟୁ ଘଟିଥିଲା ।

## ଅଜଣା ଗାଡି ଧକ୍କାରେ ଯୁବକ ମୃତ

କୋରେଇ, ୧୦/୩ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ହାଟସାହି ନିକଟସ୍ଥ ମହିନ୍ଦ୍ରା ସୋରୁମ ନିକଟରେ ଶନିବାର ଭୋରୁ ଏକ ଅଜଣା ଗାଡି ଧକ୍କାରେ ଯୁବକର ମୃତ୍ୟୁ ହୋଇଛି । ପ୍ରକାଶଯେ ଯାଜପୁର ସଦର ଥାନା ତଥା ଭୁବନେଶ୍ୱର ପୁର ପଂଚାୟତ ଅନ୍ତର୍ଗତ ବାଙ୍କସାହି ଗ୍ରାମର ରାମଚନ୍ଦ୍ର ସାହୁଙ୍କ ଏକ ମାତ୍ର ପୁତ୍ର ପୁଅ ପଦ୍ମଲୋଚନ (୩୫) ପାଣିକୋଇଲିରୁ ଘରକୁ ଫେରୁଥିବା ସମୟରେ ମହିନ୍ଦ୍ରା ସୋରୁମ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳେ ତାଙ୍କର ମୃତ୍ୟୁ ହୋଇଥିଲା । ପଦ୍ମଲୋଚନ ପାଣିକୋଇଲିରେ ହୋଟେଲ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି । ଦୁର୍ଘଟଣାର ଖବର ପାଇ ପାଣିକୋଇଲି ପୁଲିସ ଘଟଣାସ୍ଥଳେ ପହଂଚି ଆମ୍ବୁଲାନ୍ସ ଯୋଗେ ମୃତ ଶରୀରକୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ପରେ ଏନେଇ ତାର ପରିବାର ପକ୍ଷରୁ ଅଭିଯୋଗ ପରେ ଏକ ମାମଲା ୧୨୬/୨୪ ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି ।

## ଯୁବକର କଟୁରୀ ଚୋଟରେ ବୃଦ୍ଧ ମୃତ

ଧର୍ମଶାଳା, ୧୦/୩ (ନି.ପ୍ର): ଯୁବକର କଟୁରୀ ଚୋଟରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ଯାଜପୁର ସଦର ଥାନା ଅନ୍ତର୍ଗତ ଜମଧର ଗାଁରେ ଘଟିଛି ଏଭଳି ହତ୍ୟାକାଣ୍ଡ। ବୃଦ୍ଧ ଜଣକ ରାସ୍ତାରେ ଯାଉଥିବା ବେଳେ ସମ୍ପୃକ୍ତ ଯୁବକ ତାଙ୍କୁ ଅଟକାଇବା ସହ କଟୁରୀରେ ହାଣିଥିଲା । ଅଭିଯୁକ୍ତ ଯୁବକକୁ ଥାନାରେ ଅଟକ ରଖିବା ସହ ପଚରା ଉଚୁରା ଚଳାଇଛି ପୋଲିସ । ତେବେ ଯୁବକ ଜଣକ ମାନସିକ ବିକାରଗ୍ରସ୍ତ ଥିବା ସୂଚନା ମିଳିଛି । ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି ।

# ରାଷ୍ଟ୍ରୀୟ ଲୋକ ଅଦାଲତରେ ୩୪୨୭ ମାମଲାର ଫଇସଲା

ଜୟପୁର, ୧୦/୩ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ କୋରାପୁଟ ଜିଲ୍ଲା ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ସତ୍ୟ ନାରାୟଣ ମିଶ୍ରଙ୍କ ତତ୍ୱାବଧାନରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଦାଲତରେ ଜିଲ୍ଲା ଜଜ କୋରାପୁଟ ସତ୍ୟ ନାରାୟଣ ମିଶ୍ର, ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ରାଜେଶ ଏକ୍କା, ପରିବାର ଅଦାଲତ ଜଜ ଧନେଶ୍ୱର ମଲ୍ଲିକ, ଅତିରିକ୍ତ ଜିଲ୍ଲା ଜଜ ତଥା ସ୍ୱତନ୍ତ୍ର ପୋକସୋ ବିଚାରପତି ସି.ଏଚ. ବାସୁଦେବ ପାତ୍ର, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକରି ଶାନ୍ତନୁ କୁମାର ଦାସ, ଶ୍ରମ ଅଦାଲତ ବିଚାରପତି ବିଦ୍ୟାଧର ପୃଷ୍ଟି, ବରିଷ୍ଠ ଦେବାନି ବିଚାରପତି ଶ୍ରୀମତୀ ରେଖାରାଣୀ ପଣ୍ଡା, ମହିଳା ଅଦାଲତ ବିଚାରପତି ଶ୍ରୀମତୀ ଅଞ୍ଜଳି ମାଛଖଣ୍ଡ, ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ସୁମନ ଜେନା, ରେଜିଷ୍ଟ୍ରାର ବିଷ୍ଣୁ ପ୍ରସାଦ ଦେବତା, ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକରି ସନ୍ତୋଷ କୁମାର ବାରିକ, ପ୍ରଥମ ଶ୍ରେଣୀ ବିଚାର ବିଭାଗ ଦଣ୍ଡାଧିକାରି ଶ୍ରୀମତୀ ପଲ୍ଲବୀ ପ୍ରିୟଦର୍ଶନୀ ଦାଶ, ଦ୍ୱିତୀୟ ଶ୍ରେଣୀ ବିଚାରବିଭାଗ ଦଣ୍ଡାଧିକାରି ଅନିମେଷ ଜେନା ଏବଂ ସୁଶ୍ରୀ ସୁସ୍ମିତା ମିଶ୍ର ପ୍ରମୁଖ ଜୟପୁର ମୁଖ୍ୟାଳୟର ବିଭିନ୍ନ ବେଂଚରେ ଉପସ୍ଥିତ ରହି ପୃଥକ ପୃଥକ ଭାବେ କୋର୍ଟ କରି ମୋକଦ୍ଦମା ଫୈଇସଲା କରିଥିଲେ । ସେହିପରି କୋରାପୁଟ, କୋଟପାଡ, ଲକ୍ଷ୍ମୀପୁର, ସେମିଳିଗୁଡା, ବୋରିଗୁମ୍ମା, ଦଶମନ୍ତପୁର ଓ ଲମତାପୁଟରେ ରହିଥିବା କୋର୍ଟ ପରିସରରେ ମଧ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଇଥିଲା। ତତ ସଙ୍ଗେ ସଙ୍ଗେ କୋରାପୁଟ ଓ ଜୟପୁର ଉପ ଜିଲ୍ଲା ପାଳ ଓ ଜିଲ୍ଲାର ସମସ୍ତ ତହସିଲଦାର ମାନଙ୍କ ଦ୍ୱାରା ମଧ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ରାଜସ୍ୱ ବିବାଦର ଫଇସଲା କରାଯାଇଥିଲା।

ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ୧୦ ଗୋଟି ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲାର ଫୈଇସଲା କରି ବୀମା କମ୍ପାନୀ ମାନଙ୍କୁ କ୍ଷତି ପୂରଣ ବାବଦରେ ଆଦେଶ ଦେଇ ବାଦି ମାନଙ୍କୁ ୭୯୦୦୦୦୦/- ଟନ୍କା କ୍ଷତିପୂରଣ ଦେବା ପାଇଁ ଧାର୍ଯ୍ୟ କରଯାଇଥିଲା। ସେହିପରି ୧୨ ଗୋଟି ପାରିବାରିକ ଓ ବୈବାହିକ ବିବାଦର ଫଇସଲା କରାଯାଇ ୧୯,୦୭,୦୦୦/- ଟଙ୍କା ଧାର୍ଯ୍ୟ କରାଯାଇଥିଲା। ୮ ଗୋଟି ସାଲିସ ଯୋଗ୍ୟ ଫୌଜଦାରୀ ମାମଲା, ୧୯ ଗୋଟି ଦେବାନୀ ମାମଲାର ଫଇସଲା କରାଯାଇ ୩୫,୭୧୧ ଟଙ୍କା ଧାର୍ଯ୍ୟ ହୋଇଥିଲା, ୯ ଗୋଟି ବ୍ୟାଙ୍କ ରୁଣ ମାମଲାର ଫଇସଲା କରାଯାଇ ୧୬,୯୯,୦୩୨/- ଟଙ୍କା ଧାର୍ଯ୍ୟ କରଯାଇଥିଲା। ସେହିପରି ୩୯ ଗୋଟି ଏନ.ଆଇ. ଆକ୍ଟ ମାମଲାର ଫଇସଲା କରାଯାଇ ୧,୦୪୦,୩୪୫୧/- ଟଙ୍କା ଧାର୍ଯ୍ୟ ହେଇଥିଲା। ସେହିପରି ୭୮ ଗୋଟି ଅନ୍ୟାନ୍ୟ ଫୌଜଦାରି ମାମଲାର ଫଇସଲା ହୋଇଥିଲା। ତତ ସଙ୍ଗେ ସଙ୍ଗେ କୋରାପୁଟ ଓ ଜୟପୁର ଉପ ଜିଲ୍ଲାପାଳ ଓ ଜିଲ୍ଲାର ସମସ୍ତ ତହସିଲଦାର ମାନଙ୍କ ଦ୍ୱାରା ମୋଟ୍ ୩୧୨୨ ରାଜସ୍ୱ ବିବାଦର ଫଇସଲା କରାଯାଇ ୭୫୭୪୫୩/- ଟଙ୍କା ଅଦାୟ କରଯାଇଥିଲା। ଏତତ ବ୍ୟତୀତ ପ୍ରାକ୍ ମୋକଦ୍ଦମା ସ୍ତରରେ ବିଭିନ୍ନ ବ୍ୟାଙ୍କ ଦ୍ୱାରା ୭୧ଟି ବ୍ୟାଙ୍କ ରୁଣ ମାମଲା କରାଯାଇ ୫୩୬୫୭୦୦ ଧାର୍ଯ୍ୟ ହୋଇଥିଲା। ୧୨ ଗୋଟି ଶ୍ରମ ବିବାଦ ମାମଲାର ଫଇସଲା କରାଯାଇ ୩୪୨୩୦୬୫ ଧାର୍ଯ୍ୟ ହୋଇଥିଲା, ୧୧ ଗୋଟି ଲୋକ ଉପଯୋଗୀ ସେବା ବିବାଦ ଓ ୩୬ ଗୋଟି ଅନ୍ୟାନ୍ୟ ଯେପରି ପରିବହନ, ଜମିଜମା, ବୈବାହିକ ଓ ଟେଲିକମ ବିବାଦର ଫଇସଲା କରାଯାଇ ୪୪୨୪୩ ଟଙ୍କା ଧାର୍ଯ୍ୟ କରଯାଇଥିଲା। ଏହିପରି ଭାବେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟ ୩୪୨୭ ମାମଲାର ବିଚାର ହୋଇ ୩୧,୫୩,୫୬୫୫/- ଟଙ୍କା ଧାର୍ଯ୍ୟ ହୋଇଥିଲା।

ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପୃଥକ ପୃଥକ ବେଂଚରେ ବିଚାରପତି ମାନଙ୍କ ସହିତ ଆଇନଜୀବି ଶଶାନନ୍ଦ ମିଶ୍ର, ଆନନ୍ଦ ରଥ, ଗୁପ୍ତା ପ୍ରସାଦ ସାବତ, ପି. ବ୍ରହ୍ମାନନ୍ଦମ, ସୁଧୀର କୁମାର ପାଢୀ, ତ୍ରିନାଥ ସିଂହ ଲାଲ, ସୁଶ୍ରୀ ମନୋଜ ମାଳା ଦୀନବନ୍ଧୁ, ଶୁଭେନ୍ଦୁ ମିଶ୍ର, ଦିବାକର ଗଉଡ, ଚନ୍ଦନ ନାୟକ, ନିର୍ଭୀକ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜୟପୁର ଓକିଲ ସଂଘର ଆଇନଜୀବି ବୃନ୍ଦ, କୋର୍ଟ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ କର୍ମକର୍ତାଙ୍କ ସହଯୋଗରେ ଅଦାଲତ କାର୍ଯ୍ୟ ସୁଫଳ ରୂପେ ନିର୍ବାହ ହୋଇଥିଲା।

# ଭବାନୀପାଟଣାଠାରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ଭବାନୀପାଟଣା, ୧୦/୩ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ଗୁଡିକରେ ଚଳିତ ବର୍ଷ ୨୦୨୪ ର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଦୀପ୍ତି ରଞ୍ଜନ କାନୁନଗୋ ଓ ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଶୁଭ ଗୌତମ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧନରେ ଆୟୋଜିତ ବିଭିନ୍ନ ଅଦାଲତରେ ୨୩ଟି ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବ । ବ ଦ କ ଟ.୧.୫୨.୩୫.୦୦୦/ ଙ୍କା ପ୍ରଦାନ କରାଯାଇଥିଲା। ସେହିପରି ୨୪ଟି ଦେବାନି ମୋକଦ୍ଦମା ଫଇସଲା କରାଯାଇ ଟ.୭୧.୬୮୨/ ଟଙ୍କା ସମାଧାନ କରାଯାଇଥିଲା। ବିଚାର ଯୋଗ୍ୟ ୧୯୨ଟି ଫୌଜଦାରି ମୋକଦ୍ଦମା ଫଇସଲା କରାଯାଇ ଟ.୩.୦୦୦/ ଙ୍କା ଅଦାୟ କରାଯାଇଥିଲା। ଏନ ଆଇ ଆକ୍ଟ କେଶ( ଦଫା -୧୩୮) ୦୨ଟି ଫଇସଲା କରାଯାଇ ଟ.୨୫.୩୮.୨୫୨ / ଙ୍କା ସମାଧାନ କରାଯାଇଥିଲା। ବିବାହ ଜନିତ ମୋକଦ୍ଦମା ୦୬ ଗୋଟି ଫଇସଲା କରାଯାଇଥିଲା। ରାଜସ୍ୱ ମୋକଦ୍ଦମା ୪୬୧ ଟି ଫଇସଲା କରାଯାଇ ଟ. ୨.୦୯.୧୫୪ ଅଦାୟ କରାଯାଇଥିଲା ଓ ୨୬୬ ଟି ପ୍ରାକ ମୋକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ଟ.୩୪.୦୧.୦୭୭ / ଙ୍କା ଅଦାୟ କରାଯାଇଥିଲା।

ଏହି ଲୋକ ଅଦାଲତରେ ପରିବାର ଅଦାଲତ ଜଜ ଲଳିତ କୁମାର ଦାସ, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସ୍ମିତିଲେଖା ବାରିକ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରିଜା ରାୟ, ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଶୁଭ ଗୌତମ ମିଶ୍ର, ସିନିୟର ସିଭିଲ ଜଜ ସମାପିକା ମହାନ୍ତି, ସ୍ମୃତିପ୍ରଜ୍ଞା ଅମୃତାନୟ ପ୍ରଥମ ଶ୍ରେଣୀ ବିଚାର ବିଭାଗିୟ ମାଜିଷ୍ଟ୍ରେଟ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିଲେ। ଏହି ଲୋକ ଅଦାଲତରେ ଯଦୁମଣି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆସନ୍ତା ୨୫ ତାରିଖରେ ବସ୍ ଧର୍ମଘଟ ନିଷ୍ପତି

ଜୟପୁର, ୧୦/୩ (ନି.ପ୍ର): ଜୟପୁର ଘରୋଇ ବସ ମାଲିକ ସଂଘ କାର୍ଯ୍ୟାଳୟରେ ଆଜି ବସ ମାଲିକ ମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଛି । ଲକ୍ଷ୍ମୀ ବସ ଜିଲ୍ଲା ସଦର ମହକୁମାକୁ ଅବୈଧ ଏକତରଫା ଚଳାଚଳକୁ ନେଇ ବିରୋଧ କରାଯାଇଛି । କୋରାପୁଟ, ସେମିଳିଗୁଡା, ନବରଙ୍ଗପୁର, ଉମରକୋଟ ବସ ମାଲିକ ସଂଘର କର୍ମକର୍ତାଙ୍କ ଉପସ୍ଥିତିରେ ଆଜି ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପରିବହନ କମିଶନର, ଘରୋଇ ବସ ମାଲିକ ସଂଘକୁ ଦେଇଥିବା ପ୍ରତିଶ୍ରୁତିକୁ ଲକ୍ଷ୍ମୀ ବସ କର୍ତୃପକ୍ଷ ଅଣଦେଖା କରି ଜିଲ୍ଲା ସଦର ମହକୁମାକୁ ଅବୈଧଭାବେ ବସ ଚଳାଚଳ ଆରମ୍ଭ କରିଥିବାରୁ ଘୋର ଉଦବେଗ ପ୍ରକାଶ ପାଇଥିଲା । ଏଥି ନିମନ୍ତେ ସମସ୍ତ ସଂଘ ମିଳିତଭାବେ ଉଚ୍ଚତମ ନ୍ୟାୟାଳୟଙ୍କ ଶରଣାପନ୍ନ ହେବାସହ ଆସନ୍ତା ୨୫ ତାରିଖରୁ ଜିଲ୍ଲାବ୍ୟାପି ବସ ଚଳାଚଳ ବନ୍ଦ ରଖି ଧର୍ମଘଟ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତି ଗ୍ରହଣ କରାଯାଇଛି ।

# ମାଲକାନଗିରି ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ପ୍ରଥମ ଜାତୀୟସ୍ତରୀୟ ଲୋକ ଅଦାଲତ

ମାଲକାନଗିରି, ୧୦/୩ (ନି.ପ୍ର): ରାଜ୍ୟ ଆଇନ ସେବା ପ୍ରାଧି କରଣ ନିର୍ଦ୍ଦେଶ କ୍ରମେ ଆଜି ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧି କରଣ, ତାଲୁକ ଆଇନ ସେବା ପ୍ରାଧି କରଣ ମୋଟୁ ଏବଂଜେ ଏମ ଏଫ ସି , ମାଥି ଲି ଓ ଜେଏମଏଫ ସି କୁଡୁମୁଲୁଗୁମ୍ମା ଗୁମ୍ମା, ଗ୍ରାମ୍ୟକୋର୍ଟ, କୋରୁକୋଣ୍ଡା, ମାଲକାନଗିରି ଦ୍ୱାରା ଜାତୀୟ ସ୍ତରୀୟ ଲୋକ ଅଦାଲତ ମାଲକାନଗିରିର ସମସ୍ତ ବିଚାରଳୟ ତଥା ମାଥି ଲି. ମୋଟୁ, କୁଡୁମୁଲୁଗୁମ୍ମା ଠାରେ ମଧ୍ୟ ଅନୁଷ୍ଠିତ ହୋଇ ଯାଇ ଅଛି । ଏହି ଲୋକ ଅଦାଲତରେ ଅନ୍ୟ ମାନଙ୍କ ମଧ ରେ ମାଲକାନଗିରି ଜିଲ୍ଲା ଜଜ ତଥା ଆଇନ ସେବା ପ୍ରାଧି କରଣ ର ଅଧକ୍ଷ୍ୟ ବିକ୍ରମ ପଟ୍ଟନାୟକ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରି ସତ୍ୟ ପ୍ରିୟ ଦାସ, ବରିଷ୍ଠ ଦେବନି ବିଚାରପତି ଶ୍ରୀ ବିଜୟ କୁମାର ଦାସ, ଜିଲ୍ଲା ଆଇନ ସେବା ପ୍ରାଧି କରଣ ସଚିବ ତଥା ବରିଷ୍ଠ ଦେବନି ବିଚାରପତି ଶ୍ରୀ ରାଜେଶ କୁମାର ମୁଦୁଲି, ବରିଷ୍ଠ ଦେବନି ବିଚାରପତି ମହିଳା କୋର୍ଟ) ଶ୍ରୀମତୀ ବଳିତା ଦାସ, ରେଜିସ୍ଟ୍ରାର ସିଭିଲ କୋର୍ଟ ଅରୂପ ନାୟକ, ଉପଖଣ୍ଡ ଦଣ୍ଡାଧିକାରୀ ରୁଦ୍ର ପ୍ରକାଶ ନାୟକ ଏବଂ କୋ ରୁକୋଣ୍ଡା, ମାଲକାନଗିରି ବେତେନ୍ଦ୍ରନାଥ ବାଘ, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ମାଥି ଲି ପଦ୍ମଲାଭ ମାଝି, ପ୍ରଥମ ଶ୍ରେଣୀ,ଦଣ୍ଡାଧିକାରୀମୋଟୁ ପ୍ରବୀଣ କୁମାର ହୋତା ଓ ପ୍ରଥମ ଶ୍ରେଣୀ ,ଦଣ୍ଡାଧିକାରୀ କୁଡୁମୁଲୁ ଗୁମ୍ମା ସୁମନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାର ମୋକଦମା ର ଫଇସଲା କରିଥିଲେ । ଏହି ଜିଲ୍ଲାସ୍ତରୀୟ ଲୋକ ଅଦାଲତ ରେ ମୋଟ ୪୯୪୨ ଗୋଟି ମକଦ୍ଦମା ର ଫଇସଲା କରାଯାଇ ୧୭,୫୬,୬୩୫/- ଟଙ୍କା ଧାର୍ଯ୍ୟ ଜରିମାନା କରା ଯାଇଥିଲା । ଏହି ଲୋକ ଅଦାଲତ ରେ ଜିଲ୍ଲା କୋର୍ଟ, ସିଜେଏମ କୋର୍ଟ,ସବ୍ ଜଜ କୋର୍ଟ, ସବ୍ ଜଜ କୋର୍ଟ (ମହିଳା ) ଏସଡ଼ିଜେଏମ କୋର୍ଟ,ମୋଟୁ ଜେଏମଏଫସି କୋର୍ଟ, ମାଥୁଲି ଜେଏମଏଫସି କୋର୍ଟ, କୁଡୁମୁଲୁଗୁମ୍ମା ଜେଏମଏଫସି କୋର୍ଟ ଓ ଜିଲ୍ଲା ଆଇନ ସେବା ପ୍ରାଧକରଣ, ମାଲକାନଗିରି ଓ ତା ଲୁକ ଆଇନ ସେବା ସମିତି ମୋଟୁ ର ସମସ୍ତ କର୍ମଚାରୀ ଓ ମାଲକାନଗିରି ଓ ମୋଟୁ ଓକିଲ ସଂଘ ର ସଭ୍ୟ ଗଣ ଉପସ୍ଥିତ ରହି ଅଦାଲ ତ କାର୍ଯ୍ୟ ରେ ସମ୍ପୂର୍ଣ ସହଯୋଗ କରିଥିଲେ ।

# ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ 'ବିୟଣ୍ଡ ହୋରାଇଜନ୍ସ: ବିଶ୍ୱ ସାହିତ୍ୟରେ ବିଶ୍ୱର ଅନୁସନ୍ଧାନ' ସମ୍ମିଳନୀ ସଫଳତାର ସହ ସମାପନ

ଜୟପୁର, ୧୦/୩ (ନି.ପ୍ର): ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ୨୦୨୪ ମାର୍ଚ୍ଚ ୭ରୁ ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଅନ୍ତର୍ଜାତୀୟ ସମ୍ମିଳନୀ ବିୟଣ୍ଡ ହୋରାଇଜନ୍ସ : ବିଶ୍ୱ ସାହିତ୍ୟରେ ବିଶ୍ୱର ଅନୁସନ୍ଧାନ'ର ସଫଳତାର ସହ ସମାପନ ହୋଇଯାଇଛି । ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଇଂରାଜୀ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀ ସାହିତ୍ୟିକ, ଗବେଷକ, ବିଦ୍ୱାନ ଓ ଉତ୍ସାହୀମାନଙ୍କ ପାଇଁ ବିଶ୍ୱ ସାହିତ୍ୟର ବହୁମୁଖୀ ଓ ଉତ୍କୃଷ୍ଟ କ୍ଷେତ୍ର ଉପରେ ଆଲୋକପାତ କରିବା ପାଇଁ ଏକ ସମାବେଶ ସ୍ଥଳ ଭାବେ କାର୍ଯ୍ୟ କରିଥିଲା।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାପନୀ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଆମେରିକାର ଇଡାହୋ ଷ୍ଟେଟ୍ ୟୁନିଭର୍ସିଟିର ପ୍ରଫେସର ଆଲାନ୍ ଜନସନ, ସିୟୁଓ ସ୍ଥିତ ସ୍କୁଲ୍ ଅଫ୍ ଲାଙ୍ଗୁଏଜ୍ ର ଡିନ୍ ପ୍ରଫେସର ଏନ୍ ସି ପଣ୍ଡା ଓ ସମ୍ମିଳନୀ ଆବାହକ ତଥା ଇଂରାଜୀ ଭାଷା ଓ ସାହିତ୍ୟ ବିଭାଗ ର ମୁଖ୍ୟ ଡ. ନିର୍ଝରିନି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫେସର ତ୍ରିପାଠୀ ତାଙ୍କ ଅଭିଭାଷଣରେ ସାହିତ୍ୟରେ ବର୍ଣ୍ଣିତ ମାନବ ଚରିତ୍ର ଓ ନୈତିକ ନୈତିକତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଷୟିକ ଜ୍ଞାନକୌଶଳ ଓ ବିଜ୍ଞାନର ଦ୍ରୁତ ଅଗ୍ରଗତି କିପରି ମାନବ ଚିନ୍ତାଧାରାକୁ ଯଥେଷ୍ଟ ପ୍ରଭାବିତ କରିଛି, ଯାହା ଧୀରେ ଧୀରେ ସାଥୀ ମାନବ ମାନବଙ୍କ ଉପରେ ବିଶ୍ୱାସ ହ୍ରାସ କରିବା ସହ ମେସିନ୍ ଉପରେ ନିର୍ଭରଶୀଳତା ବୃଦ୍ଧି କରୁଛି ବୋଲି ସେ ଆଲୋକପାତ କରିଥିଲେ। ମାନବିକତାର ସମ୍ଭାବ୍ୟ ବିନାଶକୁ ନେଇ ଉଦବେଗ ପ୍ରକାଶ କରି ସେ କହିଥିଲେ ଯେ, ଏଭଳି ସମୟରେ ସାହିତ୍ୟ ଏକ ଆଶାର କିରଣ ଭାବେ ଠିଆ ହୋଇଛି, ଯାହା ସମାଜ ଓ ବିଶ୍ୱକୁ ବଂଚାଇ ପାରିବାରେ ସକ୍ଷମ। ସାହିତ୍ୟର ପରିବର୍ତନ ଶକ୍ତିକୁ ଉପଯୋଗ କରିବା ପାଇଁ ବିଦ୍ୱାନମାନଙ୍କୁ ଆହ୍ୱାନ ଦେଇ ପ୍ରଫେସର ତ୍ରିପାଠୀ ଏପରି ଏକ ଦୁନିଆର ପରିକଳ୍ପନା କରିଥିଲେ ଯେଉଁଠାରେ ସତ୍ୟ, ଅହିଂସା, ଭାଇଚାରା, ସହଯୋଗ ଏବଂ ପ୍ରେମ ରହିବ ଏବଂ ଏହା ମାନବ କଲ୍ୟାଣ ପାଇଁ ବିଷବକୁ ସୌନ୍ଦର୍ଯ୍ୟ ଓ ଶାନ୍ତି ପ୍ରଦାନ କରିବାରେ ପ୍ରୋତ୍ସାହିତ କରିବ । ଉନ୍ନତ ସଂସ୍କୃତିରେ ଭାଷାର ଭୂମିକା ଉପରେ ଗୁରୁତ୍ୱାରୋପ କରି ସେ ଇଂରାଜୀ ବିଦ୍ୱାନମାନଙ୍କୁ ସେମାନଙ୍କ ଭାଷା ଓ ସଂସ୍କୃତିକୁ ଭଲ ଭାବରେ ବୁଝିବା ପାଇଁ ବିଭିନ୍ନ ଇଂରାଜୀ ଭାଷୀ ରାଷ୍ଟ୍ରରେ ନିଜକୁ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ । ପ୍ରଫେସର ଜନସନ ସାହିତ୍ୟ ଓ ଏହାର ପରିବର୍ତନ କ୍ଷମତା ଉପରେ ଆଲୋଚନାକୁ ପ୍ରୋତ୍ସାହିତ କରିବା ସହ କୋରାପୁଟର ବାସିନ୍ଦା ଓ ମନୋରମ ଦୃଶ୍ୟପଟ୍ଟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ପ୍ରଫେସର ପଣ୍ଡା ବିଶ୍ୱ ସାହିତ୍ୟର ଗତିଶୀଳ କ୍ଷେତ୍ର ଉପରେ ଆଲୋକପାତ କରି ସାଂସ୍କୃତିକ ବିନିମୟ ଓ ପାରସ୍ପରିକ ବୁଝାମଣା ଉପରେ ଏହାର ଗଭୀର ପ୍ରଭାବ ଉପରେ କହିଥିଲେ । ଧନ୍ୟବାଦ ଅର୍ପଣ କରିବା ସହ ବିଭିନ୍ନ ଦୃଷ୍ଟିକୋଣକୁ ଗ୍ରହଣ କରିବାର ମହତ୍ୱ ଉପରେ ସେ ଆଲୋକପାତ କରିଥିଲେ। ସମ୍ମିଳନୀ ଆବାହକ ଭାବେ ଡ. ତ୍ରିପାଠୀ ସ୍ୱାଗତ ଭାଷଣରେ ଆମର ପରସ୍ପର ସହ ଜଡ଼ିତ ବିଶ୍ୱ ସମୁଦାୟରେ ବିଭିନ୍ନ ସ୍ୱର ଓ ବର୍ଣ୍ଣନାକୁ ସ୍ୱାଗତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସମ୍ମିଳନୀରେ ବିଶ୍ୱୀକରଣ, ଅନୁବାଦ ଏବଂ ବିଶ୍ୱ ସାହିତ୍ୟ ସହିତ ସାହିତ୍ୟର ସଂଯୋଗ ଭଳି ବିଷୟବସ୍ତୁ ଉପରେ ଚିନ୍ତାପ୍ରବଣ ପ୍ୟାନେଲ ଆଲୋଚନା ଏବଂ ଉପସ୍ଥାପନା କରାଯାଇଥିଲା । ବିଭିନ୍ନ ପୃଷ୍ଠଭୂମିର ବିଦ୍ୱାନ ଓ ବିଶେଷଜ୍ଞମାନେ ନିୟମକୁ ଚ୍ୟାଲେଞ୍ଜ କରିବା ଏବଂ ପରିବର୍ତନକୁ ପ୍ରେରଣା ଦେବା ପାଇଁ କାହାଣୀର ସାମର୍ଥ୍ୟ ଅନୁସନ୍ଧାନ କରିଥିଲେ । ଏହି ସମ୍ମିଳନୀରେ ଇଂରାଜୀ ସାହିତ୍ୟିକ ଓ ବିଦ୍ୱାନ ମାନଙ୍କ ଦ୍ୱାରା ହୋଇଥିବା ବିଶ୍ୱ ସାହିତ୍ୟରେ ବିଶ୍ୱର ଅନୁସନ୍ଧାନ ଉପରେ ସାରଗର୍ଭକ ଆଲୋଚନାର ପ୍ରଭାବ ସହ ଆଗାମୀ ବର୍ଷଗୁଡ଼ିକରେ ଅନୁସନ୍ଧାନ ଓ ଆଲୋଚନାକୁ ପ୍ରୋତ୍ସାହିତ କରିବ ବୋଲି ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି। ସମ୍ମିଳନୀ ଶେଷ ହେବା ପରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# କେନ୍ଦ୍ରାପଡାରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୧୦/୩ (ନି.ପ୍ର): ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୁଲ୍ୟ ରେ ଜାତୀୟ ଲୋକ ଅଦାଲତ କେନ୍ଦ୍ରାପଡା କୋର୍ଟ ପରିସର ରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧକ୍ଷ ମାନ୍ୟବର ବିଶ୍ୱଜିତ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତ ରେ ମୋଟ୍ ୬୫୭୪ ଟି ମାମଲା ପଞ୍ଜିକରଣ ହୋଇଥିବା ବେଳେ ୩୧୪୯ ଟି ମାମଲା ଫଏସଲା ହୋଇ ମୋଟ୍ ୪ କୋଟି ୫୬ ଲକ୍ଷ ୫୮ ହଜାର ୪୭୮ ଟଙ୍କା ୬୧ ପଇସା ଆଦାୟ ହୋଇଥିବା ଜଣାପଡିଛି । ଏହି ମାମଲା ଗୁଡିକ ମଧରୁ ଟଙ୍କା ପୁନରୁର୍ଦ୍ଧାର ମାମଲାରେ ୧୬ଟି ମାମଲା ଫଏସଲା ହୋଇ ୪୨ ଲକ୍ଷ ୯୦ ହଜାର ୭୧୧ ଟଙ୍କା ୬୧ ପଇସା ଆଦାୟ ହୋଇଛି । ମଟର ଦୁର୍ଘଟଣା ଜନିତ ମାମଲା ୧୫ ଟି ଫଏସଲା ହୋଇ ମୋଟ୍ ୮୭ ଲକ୍ଷ ୫୫ ହଜାର ଟଙ୍କା ପ୍ରଦାନ କରାଯାଇଛି । ବୈବାହିକ ବିବାଦ ମୋଟ ୯ଟି ମାମଲା ଫଏସଲା ହୋଇଛି । ବିଭିନ୍ନ ରାଜସ୍ୱ ଅଧିକାରୀଙ୍କ ନିକଟରେ ୨୦୪୫ ଟି ରାଜସ୍ୱ ମାମଲା ଫଏସଲା ହୋଇ ୫ ଲକ୍ଷ ୧୦ ହଜାର ୩୩୮ ଟଙ୍କା ଆଦାୟ ହୋଇଛି । ୭୮ ଦେୱାନୀ ମାମଲା ଫଏସଲା ହୋଇଛି । ଅନ୍ୟାନ୍ୟ ଫୌଜଦାରୀ ମାମଲା ୨୩୨ ଟି ସମାଧାନ ହୋଇଛି । ବ୍ୟାଙ୍କ ଋଣ ବିବାଦ ମାମଲା ୬୯୪ ଟି ଫଏସଲା ହୋଇ ୩ କୋଟି ୨୧ ଲକ୍ଷ ୨ ହଜାର ୪୨୯ ଟଙ୍କା ଆଦାୟ ହୋଇଛି । ଏହି ଜାତୀୟ ଲୋକ ଆଦାଲତ କୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ ପରିଚାଳନା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଅଜୟ କୁମାର ପ୍ରଧାନ, ପରିବାର ଅଦାଲତ ବିଚାରପତି ରମାଦେବୀ ସୋରେନ, ସିଜେଏମ୍ ପୂଜା ଷଡଙ୍ଗୀ, ଜେ.ଏମ୍.ଏଫ୍.ସି ଅମିତ କୁମାର ବେହେରାଙ୍କ ସମେତ ଅନ୍ୟ ବିଚାରପତି ମାନେ ଉପସ୍ଥିତ ଥିଲେ ।

# ଚମ୍ପୁଆରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ଚମ୍ପୁଆ, ୧୦/୩ (ନି.ପ୍ର): ଚମ୍ପୁଆ କୋର୍ଟ ପରିସରରେ ତାଲୁକ୍ ଆଇନ୍ ସେବା କମିଟି ପକ୍ଷରୁ ୨୦୨୪ ମସିହାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତାଲୁକ୍ ଆଇନ୍ ସେବା କମିଟିର ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସରୋଜ କୁମାର ଦାସ୍ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ସବଜଜ୍ ପ୍ରୀତିସ୍ କୁମାର ରାଉତ ରାଏ, ଏସ୍.ଡି.ଜେ.ଏମ୍ ଦୀପକ କୁମାର ସାଠୁଆ, ଜେ.ଏମ୍.ଏଫ୍. ସି ଶୁଶ୍ରୀ ସାଇପ୍ରୀୟା ତ୍ରିପାଠୀ, ବରିଷ୍ଠ ଆଇନଜୀବି ସଞ୍ଜୟ କୁମାର ପ୍ରଧାନ, ପ୍ରଭାସ୍ ନଳିନୀ ମହାପାତ୍ର, ବିଷ୍ଣୁ ଚରଣ ରାଠୋର, ଯୋଗେଶ୍ୱର ମହାନ୍ତି ଏବଂ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଅବଦୁଲ ସୁରଜ୍ ଖାନ୍ ପରିଚାଳନା କରିଥିଲେ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତ କାର୍ଯ୍ୟକ୍ରମରେ କୋର୍ଟରେ ବିଚାରଧୀନ ଥିବା ୨ ଗୋଟି ଏନଆଇ ଆକ୍ଟ କେସରୁ ୧ ଲକ୍ଷ ୬୮ ହଜାର ଟଙ୍କା, ୬ ଗୋଟି ବ୍ୟାଙ୍କ୍ କେସରୁ ୧୩ ଲକ୍ଷ ୫୭ ହଜାର ୮ ଶହ ୩୩ ଟଙ୍କା ୬୧ ପଇସା, ୩ ଗୋଟି ଏମଏସିଟି କେସରୁ ୧୫ ଲକ୍ଷ ୫୦ ହଜାର ଟଙ୍କା ପକ୍ଷ ମାନଙ୍କୁ ଆୱାର୍ଡ କରା ଯାଇଥିବା ବେଳେ ୧ ଗୋଟି ସିଏମସି କେସ୍ ବାବଦକୁ ୧୨ ହଜାର ଟଙ୍କା ରେ ଫଏସଲା କରାଯାଇଥିଲା । ସର୍ବମୋଟ ୧୦୫ ଗୋଟି ମାମଲାରୁ ୧୫ ଗୋଟି ମାମଲା ର ଫଏସଲା କରାଯାଇ ୩୧ ଲକ୍ଷ ୭ ହଜାର ୮ ଶହ ୩୩ ଟଙ୍କା ୬୧ ପଇସା ଆଦାୟ କରାଯାଇ ଥିବା ଜଣାପଡିଛି ।

# ସାହାରା ଇଣ୍ଡିଆ ଜମାକାରୀଙ୍କ ସମାବେଶ ଆସନ୍ତା ୨୦ରେ




ବାଲେଶ୍ୱର, ୧୦/୩ (ନି.ପ୍ର): ଆସନ୍ତା ୨୦ତାରିଖ ବୁଧବାର ଦିନ ବାଲେଶ୍ୱର ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ସାହାରା ଇଣ୍ଡିଆର ଜମାକାରୀ ଓ କାର୍ଯ୍ୟକର୍ତ୍ତାମାନଙ୍କ ମିଳିତ ମଞ୍ଚ ପକ୍ଷରୁ ସହସ୍ରାଧିକ ନରନାରୀ ସମାବେଶ ଓ ବିକ୍ଷୋଭ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ରବିବାର ଦିନ ଅପରାହ୍ନରେ ପଢୁଆଁପଦାସ୍ଥିତ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାହାରା ଇଣ୍ଡିଆ ଜମାକାରୀ ଓ କାର୍ଯ୍ୟକର୍ତ୍ତା ମିଳିତ ମଞ୍ଚର ସଂପାଦକ କାର୍ତ୍ତିକ ଚାନ୍ଦ ଉପସ୍ଥିତମାନଙ୍କୁ ସଂଗ୍ରାମୀ ଅଭିନନ୍ଦନ ଜଣାଇ ଦୀର୍ଘବର୍ଷ ଧରି ସାହାରା ଇଣ୍ଡିଆ ସଂସ୍ଥାରେ ଅର୍ଥ ଜମା କରିଆସୁଥିବା ଜମାକାରୀ ଓ ଏଜେଣ୍ଟମାନଙ୍କ ସମସ୍ୟା ସଂପର୍କରେ ଆଲୋକପାତ କରିଥିଲେ। ଗତ ୨୦୧୨ ମସିହାରେ କେନ୍ଦ୍ର ସରକାରଙ୍କ ପରିଚାଳିତ ସଂସ୍ଥା 'ସେବି', ସାହାରା ଇଣ୍ଡିଆ ଉପରେ କେତେକ ମୋକଦ୍ଦମା କରିବାଦ୍ୱାରା ଅଦାଲତମାନଙ୍କ ଅଙ୍କୁଶ ଫଳରେ ଜମାକାରୀମାନେ ଜମାଟଙ୍କା ଫେରିପାଇବାରେ ଓ ସଂସ୍ଥାର ଏଜେଣ୍ଟମାନେ ସେମାନଙ୍କ ପ୍ରାପ୍ୟ ପାଇବାରେ ବ୍ୟାପକ ଅବ୍ୟବସ୍ଥା ଆରମ୍ଭ ହୋଇଥିଲା। ଫଳରେ ଜମାକାରୀଙ୍କ ଅସନ୍ତୋଷ ବଢ଼ିଥିଲା। ଗତବର୍ଷ ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶମତେ ସେବି ପାଖରେ ଜମାଥିବା ସାହାରା ଇଣ୍ଡିଆର ଟଙ୍କାରୁ କେନ୍ଦ୍ରୀୟ ସମବାୟ ରେଜିଷ୍ଟରଙ୍କୁ ୫ ହଜାର କୋଟି ଟଙ୍କା କ୍ଷୁଦ୍ର ଜମାକାରୀଙ୍କୁ ଫେରସ୍ତ ପାଇଁ ପ୍ରଦାନ କରାଯାଇଥିଲା। କିନ୍ତୁ ଅନ୍‌ଲାଇନ୍‌ରେ ଆବେଦନ କରିବାର ଜଟିଳ ବ୍ୟବସ୍ଥା କାରଣରୁ ଗତ ବାରମାସ ମଧ୍ୟରେ ମାତ୍ର ୨୫୦ କୋଟି ଟଙ୍କା ଫେରସ୍ତ କରାଯାଇଛି। ଆବେଦନ ପ୍ରକ୍ରିୟା ସରଳୀକରଣ କରାଗଲେ ବହୁ କ୍ଷୁଦ୍ର ଜମାକାରୀ ଏହି ଟଙ୍କାରୁ ଜମାଟଙ୍କା ଫେରସ୍ତ ପାଇପାରନ୍ତେ ବୋଲି ସଂପାଦକ ଶ୍ରୀ ଦେ ପ୍ରକାଶ କରିଥିଲେ। ସାହାରା ଇଣ୍ଡିଆ ଜମାକାରୀଙ୍କ ଠାରୁ ସଂଗ୍ରହ କରିଥିବା ପୁଞ୍ଜିର ପରିମାଣରୁ ଯଥେଷ୍ଟ ଅଧିକ ପୁଞ୍ଜି କଂପାନୀ କର୍ତ୍ତୃପକ୍ଷଙ୍କ ନିକଟରେ ଗଚ୍ଛିତ ଅଛି ଓ କେନ୍ଦ୍ର ସରକାର ଏବଂ ସଂପୃକ୍ତ ସରକାରୀ ସଂସ୍ଥାମାନଙ୍କ ଆନ୍ତରିକତା ଅଭାବରୁ ଏହି କମ୍ପାନୀର ଜମାକାରୀ ଓ ଏଜେଣ୍ଟମାନେ ଏକ ଅନିଶ୍ଚିତତା ମଧ୍ୟରେ ଜୀବନ ଅତିବାହିତ କରୁଛନ୍ତି। ସର୍ବଶ୍ରୀ ଗୌତମ ଚନ୍ଦ୍ର ମହାରଣା, ମନୋରଂଜନ ମଲ୍ଲିକ, ମନୋଜ ବେହେରା, କ୍ଷିତିଶ ରାଉତ, ତପନ କୁମାର ବିଶ୍ୱାଳ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଗତ ୧୯୭୮ ମସିହାରେ ପ୍ରତିଷ୍ଠିତ ସାହାରା ଇଣ୍ଡିଆ ଭଳି ଏକ ପୁରାତନ କଂପାନୀକୁ ଭରସା କରିଥିବା ପରିବାରମାନଙ୍କ ଦୁର୍ଦ୍ଦଶା ସଂପର୍କରେ ବର୍ଣ୍ଣନା କରିଥିଲେ। ସିଭିଲ୍ ସୋସାଇଟିର ସଂପାଦକ ତଥା ଓକିଲ ସଂଘର ସଭାପତି ମନୋଜ ନାୟକ, ବରିଷ୍ଠ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ଶରତ ଚନ୍ଦ୍ର ଦଳାଇ ଓ ଶ୍ୟାମସୁନ୍ଦର ଜେନା ପ୍ରମୁଖ ସାହାରା ଇଣ୍ଡିଆ କଂପାନୀ ଓ ସରକାରୀ କଟକଣାର ଅପରିଣାମଦର୍ଶୀ ନିଷ୍ପତ୍ତି ଯୋଗୁଁ ଦେଶର କୋଟିକୋଟି ଜମାକାରୀଙ୍କ ପରିବାର କଷ୍ଟାର୍ଜିତ ଧନ ଫେରିପାଇବାରେ ଏପରି ଦୁରାବସ୍ଥା ସୃଷ୍ଟି ହୋଇଛି ବୋଲି ମତ ଦେଇଥିଲେ। ଦୀର୍ଘ ଆଲୋଚନା ପରେ ଆସନ୍ତା ୨୦ ତାରିଖ ବୁଧବାର ଦିନ ବାଲେଶ୍ୱର ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ବିକ୍ଷୋଭ ସମାବେଶ ସହ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଶୁକ୍ରବାର ୧୦ଟାରେ ବାଲେଶ୍ୱର ରେଳଷ୍ଟେସନରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ ଫାଟକ ନିକଟରେ ପହଞ୍ଚିବ। ସାହାରା ଇଣ୍ଡିଆର ସମସ୍ତ ଜମାକାରୀ ଓ କାର୍ଯ୍ୟକର୍ତ୍ତାମାନେ ଏହି ସମାବେଶରେ ଯୋଗଦେବାକୁ ଆହ୍ୱାନ ଦିଆଯାଇଛି। ବାଲେଶ୍ୱର ସିଭିଲ୍ ସୋସାଇଟି ଏହି ଜମାକାରୀଙ୍କ ଯଥାର୍ଥ ଦାବି ଓ ପ୍ରସ୍ତାବିତ ଆନ୍ଦୋଳନକୁ ଦୃଢ଼ ସମର୍ଥନ ଜଣାଇଛି। ଶେଷରେ ଅନନ୍ତ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ନନ୍ଦନକାନନରେ...

ନନ୍ଦନକାନନ ପକ୍ଷରୁ କୁହାଯାଇଛି ଯେ ଅନ୍ୟ ଶିକ୍ଷା ଭିତ୍ତିକ କାର୍ଯ୍ୟକ୍ରମ ଭଳି ଏଠାରେ ମଧ୍ୟ ଏକ ନୂଆ ବନ୍ୟପ୍ରାଣୀ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାର ନାଁ 'ନାଇଟ୍ ଆଉଟ ଆଟ୍ ଜୁ' ରଖାଯାଛି। ଏହା ସଂପୂର୍ଣ୍ଣ ଭାବେ ଗୋଟିଏ ଶିକ୍ଷା ଭିତ୍ତିକ କାର୍ଯ୍ୟକ୍ରମ। କେବଳ ରବିବାର ଏହା ଆୟୋଜନ ହେବ। ରାତି ସମୟରେ ଚିଡ଼ିଆଖାନାର ସ୍ୱତନ୍ତ୍ରତା ଯେମିତି କ୍ଷୁଣ୍ଣ ନ ହେବ, ତା'କୁ ଦୃଷ୍ଟି ରଖି ପୂରା କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏଥିପାଇଁ ଧାର୍ଯ୍ୟ ଦର୍ଶକଙ୍କ ସଂଖ୍ୟା ଠାରୁ ଅଧିକ ଲୋକଙ୍କୁ ପ୍ରବେଶ ପାଇଁ ଅନୁମତି ମିଳିବ ନାହିଁ। କାର୍ଯ୍ୟକ୍ରମ ବେଳେ ଫଟୋ କିମ୍ବା ଭିଡିଓ ରେକର୍ଡିଂ ପାଇଁ ମଧ୍ୟ ଅନୁମତି ଦିଆଯିବ ନାହିଁ। ତେଣୁ ମିଡିଆ ବନ୍ଧୁମାନେ ମଧ୍ୟ କାର୍ଯ୍ୟକ୍ରମ ଆୟୋଜନ ବେଳେ ପ୍ରବେଶ କରିପାରିବେ ନାହିଁ। ଏହା ଏକ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ହୋଇଥିବାରୁ ସମସ୍ତଙ୍କ ଅବଗତି ନିମନ୍ତେ ଚିଡ଼ିଆଖାନା ପକ୍ଷରୁ ବିବୃତି ଜାରି କରାଯାଇଛି।

### ଘରୁ ମିଳିଲା ...

ଏହା ଦେଖି ପାଖ ପଡ଼ୋଶୀମାନେ ସନ୍ଦେହ କରିଥିଲେ। କବାଟ ବାଡ଼େଇବା ସତ୍ତ୍ୱେ କେହି ଖୋଲି ନଥିଲେ। ପରେ ଲୋକେ ଘର ପଛପାଖ କବାଟ ଖୋଲାଥିବା ଦେଖିବାକୁ ପାଇଥିଲେ। ଭିତରକୁ ଯାଇ ଦେଖିବାରୁ ସେମାନେ ମରି ପଡ଼ିଥିଲେ। ଏହା ପରେ ପୁଲିସକୁ ଖବର ଦିଆଯାଇଥିଲା। ମାଣିଆବନ୍ଧ ଥାନା ଅଧିକାରୀ କାଦମ୍ବିନୀ ପରିଡ଼ା କହିଛନ୍ତି, ଏହି ଘଟଣା ନେଇ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଶବ ଦୁଇଟିକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସେମାନଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ତା' ସହିତ ଏବେ ତଦନ୍ତ ଜାରି ରହିଛି।

### ୧୫ ସୁଦ୍ଧା ୨ ନୂଆ....

ଏହାପରେ ଦୁଇ ଜଣ ନିର୍ବାଚନ କମିଶନର ଭାବେ ନିଯୁକ୍ତି ପାଇବେ। ସୂଚନା ଅନୁସାରେ ସିଲେକ୍ସନ କମିଟି ବୈଠକ ମାର୍ଚ୍ଚ ୧୩ କିମ୍ବା ୧୪ରେ ବସିବ। ସେହିପରି ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଧ୍ୟକ୍ଷତାରେ ବୈଠକ ୧୫ ତାରିଖରେ ଅନୁଷ୍ଠିତ ହେବ। ଏହାପରେ ନିର୍ବାଚନ କମିଶନରେ ଖାଲି ପଡ଼ିଥିବା କମିଶନର ପଦ ପୂରଣ ହେବ।

### ଜୀବନ ଯୁଦ୍ଧରେ ହାରିଗଲେ....

ଜଳ ବୋର୍ଡ ଭିତରକୁ ଚୋରି କରିବା ଉଦ୍ଦେଶ୍ୟରେ ଆସି ଖସି ପଡିଥିବା କୁହାଯାଉଛି। କେଶବପୁରରେ ଜଳ ବୋର୍ଡ ଭିତରେ ଥିବା ଏକ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରେ ତିଆରି ବୋରୱେଲଟି ଏକ ରୁମ୍ ଭିତରେ ଥିଲା। ଏହି ରୁମ୍‌କୁ ତାଲା ପକାଯାଇଥିଲା। ତେବେ ବ୍ୟକ୍ତି ଜଣକ ଏହି ରୁମ୍ ଭିତରକୁ ପଶି ଆସି ଉକ୍ତ ୪୦ ଫୁଟ ଗଭୀର ବୋରୱେଲରେ ଖସିପଡିଥିଲେ। ଏହପରେ ତାଙ୍କୁ ଉଦ୍ଧାର କରିବା ପାଇଁ ପୁଲିସ, ଅଗ୍ନିଶମ ବାହିନୀ ଓ ଏନ୍‌ଡିଆରଏଫ୍ ଟିମ୍ ଲାଗି ପଡିଥିଲେ।

### ବିଜେପିକୁ ବଡ଼ ଝଟ୍‌କା....

ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନଙ୍କ ଘରକୁ ଯାଇ ତାଙ୍କୁ ଭେଟିଛନ୍ତି। ତାଙ୍କୁ ଭେଟିବା ପରେ ବିଜେନ୍ଦ୍ର ସିଂହ କଂଗ୍ରେସର ସଦସ୍ୟତା ଗ୍ରହଣ କରିଛନ୍ତି। ସେପଟେ ବିଜେନ୍ଦ୍ର ସିଂହଙ୍କ ଏଭଳି କଂଗ୍ରେସରେ ସାମିଲ ହେବା ବିଜେପି ପାଇଁ ବଡ ଝଟ୍‌କା ବୋଲି କୁହାଯାଉଛି। ସୂଚନାଯୋଗ୍ୟ ଯେ, ୨୦୧୯ ସାଧାରଣ ନିର୍ବାଚନରେ ହିସାରରୁ ଲୋକସଭା ନିର୍ବାଚନ ଜିତିଥିବା ସାଂସଦ ବ୍ରିଜେନ୍ଦ୍ର ସିଂହ ବିଜେପିରେ ନିଜର ଭବିଷ୍ୟତକୁ ନେଇ ଆଶଙ୍କାରେ ଥିଲେ। ଦଳ ତାଙ୍କୁ ଏଥର ଟିକେଟ୍ ଦେଇନପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଥିଲା। ତେଣୁ ନିର୍ବାଚନ ତାରିଖ ଘୋଷଣା ହେବା ପୂର୍ବରୁ ହିଁ ସେ କଂଗ୍ରେସରେ ସାମିଲ ହୋଇଛନ୍ତି। ଗତ ସାଧାରଣ ନିର୍ବାଚନରେ ସେ ଜେଜେପିର ଦୁଷ୍ମନ୍ତ ଚୌଟାଲାଙ୍କୁ ହରାଇଥିଲେ। ଆଉ ବିଜେପି ସାଂସଦ ଭାବେ ନିର୍ବାଚିତ ହେଇଥିଲେ।

# ମହାଶିବରାତ୍ରି ଉପଲକ୍ଷେ ଅଯୋଧ୍ୟା 'ସୁଇଯା କ୍ଲବ୍' ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୀଳଗିରି, ୧୦/୩ (ନି.ପ୍ର): ନୀଳଗିରି ଉପଖଣ୍ଡର ସାଂସ୍କୃତିକ ଓ ଐତିହ୍ୟ ସମ୍ପନ୍ନ ଗାଁ ଅଯୋଧ୍ୟା। ବହୁ ପୁରାତନ କୀର୍ତ୍ତିରାଜି ଏଠାରେ ଦେଖିବାକୁ ମିଳିଥିବା ବେଳେ ଅନେକ ସମୟରେ ବହୁ ବୁଦ୍ଧିଜୀବୀ ଓ ଗବେଷକ ଏଠାକୁ ଆସି ଗବେଷଣା କରିଛନ୍ତି। ଏହି ଅଞ୍ଚଳରୁ ବହୁ ପୁରାତନ ମନ୍ଦିର ଓ ମୂର୍ତ୍ତୀର ଭଗ୍ନାବଶେଷ ଉଦ୍ଧାର କରାଯାଇଛି। ଉକ୍ତ ଗ୍ରାମର ଅଧିକାଂଶ ଶିକ୍ଷିତ ଅଧିବାସୀ ସାରା ଭାରତବର୍ଷରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି। ଏଭଳି ଐତିହ୍ୟ ସମ୍ପନ୍ନ ଗାଁରେ ବର୍ଷର ବାର ମାସରେ ବିଭିନ୍ନ ସମୟରେ ସାଂସ୍କୃତିକ ଏବଂ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ମହାଶିବରାତ୍ରି ଉପଲକ୍ଷେ ଗ୍ରାମର ଯୁବ ସଂଗଠନ 'ସୁଇଜା କ୍ଲବ୍' ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏହାର ଦ୍ୱିତୀୟ ସନ୍ଧ୍ୟାରେ ବାଲେଶ୍ୱର ଏସପି ସାଗରିକା ନାଥ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ବିଜୁ ଯୁବଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ ଯୋଗଦେଇ କ୍ଲବର ଏଭଳି ଆୟୋଜନ ଯାହା ଅଞ୍ଚଳବାସୀଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିବା କହିଥିଲେ। ସମ୍ମାନୀତ ଅତିଥି ଭାବେ ପ୍ରଭାକର ବେହେରା, ରବିନାରାୟଣ ପରିଡା, ଭଗବାନ ଦାସ, ସୁଶାନ୍ତ ଖୁଣ୍ଟିଆ ପ୍ରମୁଖ ଯୋଗଦାନ କରିଥିଲେ। ପରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ହଜାର ହଜାର ଦର୍ଶକ ମନୋଭରି ଉପଭୋଗ କରିଥିବା ଦେଖିବାକୁ ମିଳିଥିଲା।

# ପ୍ରଫେସର ଡା. ନୟନ ମହାନ୍ତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



ବାଲେଶ୍ୱର, ୧୦/୩ (ନି.ପ୍ର): ବାଲେଶ୍ୱରର ଜଣେ ବରପୁତ୍ର ଡା. ନୟନ କୁମାର ମହାନ୍ତିଙ୍କ ବିୟୋଗରେ ମେଡିକାଲ୍ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଜି ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ସହରର ଗୋପାଳଗାଁରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ମହାନ୍ତି କଟକ ମେଡିକାଲ କଲେଜରୁ ଡାକ୍ତରୀ ଶିକ୍ଷା ସମାପ୍ତ ପରେ ଦିଲ୍ଲୀ ଏମ୍ସରେ ଜଣେ ୟୁରୋଲୋଜି ପ୍ରଫେସର ଭାବେ କାର୍ଯ୍ୟରତ ଥାଇ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଉପଦେଷ୍ଟାଭାବେ ଦାୟିତ୍ୱ ତୁଲାଇଥିଲେ। ସମଗ୍ର ଦେଶରେ ଡାକ୍ତରଙ୍କ ଅଭାବ ଦୂର କରିବା ପାଇଁ ଫକୀରମୋହନ ମେଡିକାଲ କଲେଜ ସମେତ ଆଜି ଦେଶରେ ନୂତନ ଭାବେ ଯେଉଁ ୬୬ଟି ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେଉଛି ତାହା ଡା. ମହାନ୍ତିଙ୍କ ଅବଦାନ ହୋଇଥିବାରୁ ସେ ଚିରସ୍ମରଣୀୟ ହୋଇରହିବେ। ସେ ସରକାରୀ ଚାକିରିରୁ ଅବସର ନେବାପରେ ଦିଲ୍ଲୀସ୍ଥିତ ନର୍ଥ ଡିଏମ୍‌ସି ମେଡିକାଲ୍ କଲେଜର ଅଧ୍ୟକ୍ଷ ତଥା ଡିନ୍ ଦାୟିତ୍ୱ ତୁଲାଉଥିଲେ। ସ୍ୱର୍ଗତ ମହାନ୍ତି ଡାକ୍ତରୀ ଚିକିତ୍ସାରେ ବହୁ ଗବେଷଣାତ୍ମକ କାର୍ଯ୍ୟ ଓ ପ୍ରବନ୍ଧ ପାଇଁ ସେ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ବହୁବାର ପୁରସ୍କୃତ ଏବଂ ସମ୍ମାନିତ ହୋଇଛନ୍ତି। ଗତ ସାତ ତାରିଖ ମଧ୍ୟରାତ୍ରରେ ମାତ୍ର ୭୬ ବର୍ଷ ବୟସରେ ହୃଦଘାତ କାରଣରୁ ତାଙ୍କର ମୃତ୍ୟୁ ହୋଇଯାଇଛି। ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ କମିଟି ପକ୍ଷରୁ ଡ. ଇଂ. ହୃଷିକେଶ ସାହୁ, ଡ. କେଶବ ଚରଣ ପଣ୍ଡା, ଇଂ. ବନମାଳୀ ନାୟକ, ଆଇନଜୀବୀ ସୁଧାଂଶୁ ଶେଖର ନାୟକ ଓ ଯଶୋଦାନନ୍ଦନ ଆଶ୍, ନିରଞ୍ଜନ ରାଉତ, ଗୌରାଙ୍ଗ ପାଣିଗ୍ରାହୀ, ଶ୍ୟାମସୁନ୍ଦର ଜେନା, ଦୀନବନ୍ଧୁ ଲେଙ୍କା, ସରସ୍ୱତୀ ପଣ୍ଡା, ରମେଶ ଚନ୍ଦ୍ର ଜେନା, ପଦ୍ମଲୋଚନ ଦତ୍ତ, ସଂଯୁକ୍ତା ବେହେରା, ସୀତାରାମ ପ୍ରଧାନ, ଅକ୍ଷୟ ତ୍ରିପାଠୀ, ବନ୍ଦନା ବିଶ୍ୱାସ ଓ ପ୍ରଫୁଲ୍ଲ ଦାସ ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ସହ ବାଲେଶ୍ୱରରେ ସାକ୍ଷାତ ଆଲୋଚନା ଏବଂ ବାଲେଶ୍ୱରରେ ସରକାରୀ ମେଡିକାଲ୍ କଲେଜ ପ୍ରତିଷ୍ଠାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସ୍ମରଣ କରି ବାଲେଶ୍ୱର ଜଣେ ବରପୁତ୍ରଙ୍କୁ ହରାଇଲା ବୋଲି ମତପ୍ରଦାନ କରି ତାଙ୍କ ସ୍ମୃତିପ୍ରତି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଦାମୋଦର ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସାଧାରଣ ସଂପାଦକ ପ୍ରଦୀପ ଦାସ ସଭାରେ ଯୋଗ ଦେଇ ନପାରି ଶୋକବାର୍ତ୍ତା ପଠାଇଥିଲେ।

# ଓଡିଶା ପତ୍ରକାର ସଙ୍ଘ ଓ ଓଡିଶା ଟୁଡେ ପକ୍ଷରୁ ଆଲୋଚନା ଚକ୍ର




ପାରାଦୀପ, ୧୦/୩ (ନି.ପ୍ର): ଓଡିଶା ପତ୍ରକାର ସଙ୍ଘ ଓ ଓଡିଶା ଟୁଡ଼େ ମିଳିତ ସହଯୋଗରେ 'ସମସାମୟିକ ଯୁଗରେ ଖବରକାଗଜ ପଠନ' ଓ ଏହାର ଗୁରୁତ୍ୱ ସମ୍ପର୍କିତ ଏକ ଆଲୋଚନାଚକ୍ର ଆଜି ପାରାଦୀପ ର ମଧୁବନ ସ୍ଥିତ ଆମ୍ବେଦକର ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଶ୍ରୀବଲ୍ଲଭ କର ଯୋଗଦେଇ ଦୈନିକ ଖବରକାଗଜ ପାଠ କରିବା ଦ୍ୱାରା ସାଧାରଣ ଜ୍ଞାନ ବୃଦ୍ଧି ପାଇବା ସହ ଭାଷାଗତ ଉତ୍କର୍ଷତା ବୃଦ୍ଧି ପାଇଥାଏ ବୋଲି କହିଥିଲେ ।ବକ୍ତା ଭାବେ ପାରାଦୀପ ମହାବିଦ୍ୟାଳୟ ର ଇଂରାଜୀ ବିଭାଗ ର ମୁଖ୍ୟ ଗଣେଶ୍ୱର ପାତ୍ର ଯୋଗଦେଇ ସମସାମୟିକ ଯୁଗରେ ଖବରକାଗଜ ପାଠକଙ୍କ ହ୍ରାସର କାରଣକୁ ପୃଥକ କରିବା ପାଇଁ ଏକ ପ୍ରେରଣାଦାୟକ ବାର୍ତ୍ତା ପ୍ରଦାନ କରିଥିଲେ ।ଏହା ସହିତ ସ୍କୁଲ କଲେଜରେ ବିଭିନ୍ନ କାର୍ଯ୍ୟକ୍ରମ ର ଆୟୋଜନ କରିବାକୁ ଆପେକ୍ସ ମିଡିଆ ସଂଗଠନ କିପରି ଖବରକାଗଜ ପଢିବା ପାଇଁ ଯୁବକମାନଙ୍କ ମଧ୍ୟରେ ଏକ ପ୍ରେରଣା ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଥିଲେ । ଖବରକାଗଜ ଦେଉଥିବା ଗଭୀର ଭାବନା ଓ ଶିକ୍ଷଣିୟ ଉପାଦେୟ ସୋସିଆଲ ମିଡିଆରେ କ୍ୱଚିତ ଦେଖିବାକୁ ମିଳେ । ପତ୍ରକାର ସଙ୍ଘର ରାଜ୍ୟ ସଭାପତି ତଥା ଦୈନିକ ଇଂରାଜୀ ଖବରକାଗଜ ଓଡିଶା ଟୁଡ଼େ ର ସମ୍ପାଦକ ଅବିନାଶ ମିଶ୍ର ଏବଂ ରାଜ୍ୟ ଉପ-ସଭାପତି ହରପ୍ରସାଦ ଦାସ ଖବରକାଗଜ ପଠନ ର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଚିତ୍ତରଞ୍ଜନ ସ୍ୱାଇଁ ଯୋଗଦେଇ ପାଠକମାନଙ୍କ ମଧ୍ୟରେ ଖବରକାଗଜ ପଢିବା ଦ୍ୱାରା କିପରି ଆତ୍ମ-ଜ୍ଞାନ ଏବଂ ସୃଜନଶୀଳତା ବିକାଶ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ମିଡ଼ିଆ ଆସୋସିଏଟ ଡ଼ଃ. ଧୃତିଧର ଦାସ ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକ୍ରମ ର ସଫଳତା ପାଇଁ ଓଡିଶା ଟୁଡ଼େ ର ସାମ୍ବାଦିକ ମନୋଜ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ସାମ୍ବାଦିକ ଲକ୍ଷ୍ମୀ ନାରାୟଣ ସାହୁ ଓ ମନୋଜ କୁମାର ଦାସ କ୍ଷଏଥିରେ ପାରାଦୀପ ଅଞ୍ଚଳ ର ବହୁ ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

## ଯୁବକଙ୍କୁ ହତ୍ୟା

ଖୋର୍ଦ୍ଧା, ୧୦/୩ (ନି.ପ୍ର): ପୂର୍ବ ଶତ୍ରୁତାରୁ ଯୁବକଙ୍କ ହତ୍ୟା। ମୃତକ ହେଲେ ଶିବ ନାୟକ। ସେ ଜଣେ କବାଡିଆ ବେପାରୀ । ବୋଲଗଡ ଥାନା ଅନ୍ତର୍ଗତ ମାଣିବନ୍ଧ ନୂଆପଲ୍ଲୀ ଗ୍ରାମରେ ଏହି ହତ୍ୟାକାଣ୍ଡ ଘଟିଛି। ଖବରପାଇ ଏସପି ବି. ଯୁଗଳ କିଶୋର, ସଦର ଏସଡିପିଓ ଦିଲିପ ଦାସ ଙ୍କ ସମେତ ବୋଲଗଡ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଙ୍କୁ ଅଟକ ରଖିଛି ପୋଲିସ। ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି।

# ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ

ବେତନଟୀ, ୧୦/୩ (ନି.ପ୍ର): ବୈଶିଙ୍ଗା ଥାନା ଅଧୀନ ଶାଳଗାଁ ବାତ୍ୟା ଆଶ୍ରୟସ୍ଥଳୀ ଠାରେ ଆଜି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶ ଫୋର୍ଡ ଓ ଶାଳଗାଁ ଗ୍ରାମବାସୀ ଙ୍କ ସହଯୋଗ ରେ ଅନୁଷ୍ଠିତ ହୋଇଯାଇଛି । ବେତନଟୀ ବ୍ଲକ ସମ୍ବାଦିକ ସଂଘ ର ସାଧାରଣ ସମ୍ପାଦକ ଅନୁପ କୁମାର ଦଣ୍ଡପାଟ ଙ୍କ ସହଯୋଗ ରେ ଆୟୋଜିତ ଶିବିର କୁ ସମାଜସେବୀ ଦେବବ୍ରତ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଏହି ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ । ସ୍ୱତନ୍ତ୍ର ଅତିଥି ଭାବରେ ଏହି ଉତ୍ସବ ର ଶିକ୍ଷକ ବିଜୟ ଭାସ୍କର ମହାଳିକ, ସମାଜସେବୀ ମନୋଜ ପଣ୍ଡା, ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବାରିପଦା ରକ୍ତଭଣ୍ଡାରର ଅଧିକାରୀ ନିତେଶ ଦାଶ, ରୁଚିକା ଖୁରାନା, ନିତିଶ କୁମାର ସାମଲ, କରୁଣା କର ଜେନା, ଶକୁନ୍ତଳା ମହାନ୍ତ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଏହି ଶିବିରରୁ ୨୧ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଏହି କାର୍ଯ୍ୟକ୍ରମ କୁ ପ୍ରତିପ୍ରଜ୍ଞା ସାମଲ, ମିଲନ କୁମାର ଖଣ୍ଡା, ରଶ୍ମି ରଞ୍ଜନ ସାହୁ, ଚିତ୍ତରଞ୍ଜନ ମହାନ୍ତି, ଗାନେ ମାରାଣ୍ଡି, ରାନୁଲ ହାଁସଦା, ସତ୍ୟଜିତ ମୁର୍ମୁ, ବିଜୟ ନାଏକ, ଅମିର ସିଂ, ସୁପାଏ ସରେନ, ଗୋପବନ୍ଧୁ ହାଁସଦା, ଅନାଦି ସରେନ ଜାମାଏ ମାରାଣ୍ଡି, ଗାନେ ମାରାଣ୍ଡି ରାନୁଲ ହାଁସଦା, ଫୋର୍ଡ ର କର୍ମକର୍ତ୍ତା ଓ ଶାଳଗାଁ ଗ୍ରାମବାସୀ ପ୍ରମୁଖ ସହଯୋଗ କରିଥିବା ବେଳେ ଥିବା ବେଳେ ସନ୍ତୋଷ କୁମାର ଖଣ୍ଡା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାରି ଦିନିଆ ସିବିଆଇ ହେପାଜତରେ ସନ୍ଦେଶଖାଲି ମାମଲାର ମୁଖ୍ୟ ଅଭିଯୁକ୍ତ ଶେଖ ଶାହଜହାଂ

କୋଲକାତା, ୧୦/୩ : ସନ୍ଦେଶଖାଲି ମାମଲାର ମୁଖ୍ୟ ଅଭିଯୁକ୍ତ ଶେଖ୍ ଶାହଜାହାଂକୁ ଚାରି ଦିନିଆ ସିବିଆଇ ହେପାଜତରେ ପଠାଇ ଦିଆଯାଇଛି । ରବିବାର କେନ୍ଦ୍ରୀୟ ଏଜେନ୍ସୀ ଶେଖ୍ ଶାହଜାହାଂକୁ ବସିରହାଟ ସବଡିଭିଜନାଲ କୋର୍ଟରେ ହାଜର କରିଥିଲା । ଆଜି କୋର୍ଟରେ କେନ୍ଦ୍ରୀୟ ଏଜେନ୍ସୀ କହିଥିଲା ଯେ, ତାକୁ ଆହୁରି ଅଧିକ ପଚରା ଉଚୁରାର ଆବଶ୍ୟକତା ରହିଛି । ଏଥିପାଇଁ ତାକୁ ହେପାଜତରେ ପଠାଯିବା ଆବଶ୍ୟକ। ଶାହଜାହାଂକୁ ଚାରିଦିନିଆ ସିବିଆଇ ହେପାଜତରେ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ତେଲିଆପଦାରେ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ନୀଳଗିରି, ୧୦/୩ (ନି.ପ୍ର): ଔପଦା ବ୍ଲକ ଦକ୍ଷିଣନରସିଂହପୁର ଗ୍ରାମ ପଞ୍ଚାୟତ ଅଧିନ ତେଲିଆପଦା ଗାଁ ମୁଣ୍ଡ ହାଜିପୁର ପଡିଆରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଉକ୍ତ ଅଞ୍ଚଳର ଅଗ୍ରଣୀ ଅନୁଷ୍ଠାନ ଜୟ ବଜରଙ୍ଗି ୟୁଥ କ୍ଲବ ଓ ବିଜୟାଞ୍ଜଳି ଇଞ୍ଜିନିୟର କଲେଜ ଦ୍ୱାରା ଏକ ଦିବସିୟ ଫୁଟବଲ ଟୁର୍ଣ୍ଣ ।ମେଣ୍ଟ ଉଦଯାପିତ ହୋଇଯାଇଛି ।ଉକ୍ତ ଟୁର୍ଣ୍ଣ ।ମେଣ୍ଟରେ ବାଲେଶ୍ୱର ଓ ମୟୁରୁଭଞ୍ଜ ଜିଲ୍ଲାର ୮ଟି ଦଳ ଅଂଶଗ୍ରହଣ କରିଥିଲେ ।ଶେଷରେ ରୁପ୍ସା ଦଳ ଓ ହରିପାଳ ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ କୌଣସି ଦଳ ଗୋଲ ସ୍କୋର ନକରିବାରୁ ଟାଇପ ରେକର୍ଡ ଜରିଆରେ ରୂପସା ଦଳ କୁ ହରିପାଳ ଦଳକୁ ୫-୩ ଗୋଲ ଦେଇ ଚଳିତ ବର୍ଷ ହାଜିପୁର ଟ୍ରଫି ଚମ୍ପିୟାନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଯୋଗଦେଇ ନିଜ ବକ୍ତବ୍ୟରେ ଖେଳାଳି ମାନେ ହାରଜିତ ଭୁଲି ଖେଳୁଆଡ଼ ମନୋଭାବ ରଖଖେଳ ପ୍ରଦର୍ଶନ କଲେ ଭବିଷ୍ୟତରେ ଜଣେ ବଡ ଖେଳାଳି ହୋଇ ପାରିବେ ବୋଲି କହିଥିଲେ ।ପରେ ବିଜୟୀ ଓ ରନର୍ସ ଦଳକୁ ଟ୍ରଫି ସହ ୧୫ହଜାର,୧୦ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରିଥିଲେ ।ସମ୍ମାନିତ ଅତିଥି ଭାବେ ରେମୁଣା ବ୍ଲକ ଚେୟାରମ୍ୟାନ ରାଜେନ୍ଦ୍ର ରାଉତ ,ବିଜୟାଞ୍ଜଳି ଇଂଜିନିୟରିଂ କଲେଜ ର ଡାଇରେକ୍ଟର ଇଂ ବିଦୁବେନ୍ଦ୍ର ପାତ୍ର ପ୍ରମୁଖ ଯୋଗଦାନ କରି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମରେ କ୍ଲବର ସଭାପତି ବୀରେନ୍ଦ୍ର କୁମାର ନାୟକ ଅଧକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ବୃନ୍ଦାବନ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ ।ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ଖେଳାଳି ପୁର୍ଣଚନ୍ଦ୍ର ପଣ୍ଡା, ଗଣେଷ ଚନ୍ଦ୍ର ବାରିକ, ଶିବଚରଣ ପାତ୍ର, ପୂର୍ଣ୍ଣଚନ୍ଦ୍ର ବାରିକ,ଖେଳକୁ ରେଫେରି ରତନ କୁମାର ସ୍ୱାଇଁ, ଦିଲ୍ଲିପ ପ୍ରଧାନ ଓ ସଞ୍ଜୟ ରାଉତ ପରିଚାଳନା କରିଥିବା ବେଳେ କ୍ଲବ ସଦସ୍ୟ ବୀରେନ୍ଦ୍ର ନାୟକ, ବିଜୟ ବାରିକ, ତପନ ମହାନ୍ତି, ପ୍ରଭାକର ନାୟକ, ସୁଜିତ ପୁଟି,କୋଷାଧ୍ୟକ୍ଷ ରମାକାନ୍ତ ନାୟକ, ମ୍ୟାନେଜର ଶରତ ଦାସ, କରୁଣାକର ବାରିକ, କଲ୍ୟାଣି କିରଣ ଦାସ ,ଲକ୍ଷ୍ମୀକାନ୍ତ ପ୍ରଧାନ,ରତିକାନ୍ତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ବିଶ୍ୱେଶ୍ୱର ଶିବମନ୍ଦିରକୁ ବିଧାୟକ ପାଣ୍ଠିରୁ ଦୁଇଲକ୍ଷ ଅନୁଦାନ ମିଳିଲା



ବାଲେଶ୍ୱର, ୧୦/୩ (ନି.ପ୍ର): ବାଲେଶ୍ୱର ମିର୍ଜାପୋଖରୀ ସ୍ଥିତ ମିଶ୍ରସାହି ରେ ଥିବା ଶ୍ରୀ ଶ୍ରୀ ବିଶ୍ୱେଶ୍ୱର ଶିବମନ୍ଦିର ରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଅଛି । ପ୍ରତୁଷ ରୁ ପୂଜାକାର୍ଯ୍ୟ ମନ୍ଦିର ପୁରୋହିତ ପଣ୍ଡିତ ନିତ୍ୟାନନ୍ଦ ହୋତା ଙ୍କ ଦ୍ୱରା ଆରମ୍ଭ ହୋଇଥିଲା । ସନ୍ଧ୍ୟା ରେ ଶିବଗାଥା ପରିବେଷଣ ହୋଇଥିଲା । ମହାଦୀପ ଉଠିଲା ବେଳେ ସମ୍ପୂର୍ଣ୍ଣ ପରିବେଶ ଶିବମୟ ହୋଇଯାଇଥିଲା । ଶେଷରେ ଭକ୍ତ ମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା । ସଦର ବିଧାୟକ ଶ୍ରୀ ଯୁକ୍ତ ସ୍ୱରୂପ କୁମାର ଦାସ କାର୍ଯ୍ୟକ୍ରମ ରେ ଉପସ୍ଥିତ ରହି ପୂଜାଅର୍ଚ୍ଚନା କରିଥିଲେ । ମନ୍ଦିର ର ଉନ୍ନତି ପାଇଁ ବିଧାୟକ ପାଣ୍ଠି ରୁ ଦୁଇଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିବା ରୁ ମନ୍ଦିର କମିଟି ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମନ୍ଦିର କମିଟି ର ଆବାହକ ଶ୍ରୀ ଗୌର ସାଧନ ମିଶ୍ର, ବରିଷ୍ଠ ସଦସ୍ୟ ଶ୍ରୀ ଶଶୀଭୁଷଣ ପାଣିଗ୍ରାହୀ, ଶ୍ରୀ ଗୌରହରି ମିଶ୍ର, ଶ୍ରୀ ଶାନ୍ତି ସ୍ୱରୂପ ମିଶ୍ର, ଶ୍ରୀ ଜଗବନ୍ଧୁ ଦାଶ, ଶ୍ରୀ ଗୌର ସୁନ୍ଦର ମିଶ୍ର ଓ ବହୁ ଭକ୍ତ ଙ୍କ ସାହାଯ୍ୟ ସହଯୋଗ ରେ ଜାଗର ଯାତ୍ରା ସୁରୁଖୁରୁରେ ସମ୍ପନ୍ନ ହୋଇଯାଇଅଛି ।

ସୋମବାର, ମାର୍ଚ୍ଚ ୧୧, ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଟାଟା ପାୱାର କର୍ମଚାରୀମାନଙ୍କର କାର୍ଯ୍ୟବନ୍ଦ ଆନ୍ଦୋଳନ



ବେତନଟୀ , ୧୦/୩ (ନି.ପ୍ର): ଟାଟା ପାୱାରର କର୍ମଚାରୀ ମାନଙ୍କର ଆଜି ବେତନଟୀ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଟାଟା ପାୱାର ପକ୍ଷରୁ ହିନ୍ଦୁସ୍ଥାନ ଏଜେନ୍ସି ବେତନଟୀ ବିଦ୍ୟୁତ କାର୍ଯ୍ୟାଳୟ ର ନିଯୁକ୍ତି ଦେଇ ବିଦ୍ୟୁତ ମରାମତି କାର୍ଯ୍ୟ ରେ ନିଯୁକ୍ତି କରିଛନ୍ତି। ଏହି କର୍ମଚାରୀ ମାନଙ୍କର କେତେକ ସମସ୍ୟା କର୍ତ୍ତୃପକ୍ଷ ପରୁଣ କରୁନଥିବାରୁ ଆଜି କାର୍ଯ୍ୟବନ୍ଦ କରି ଧାରଣା ବସିଛନ୍ତି। ସେମାନଙ୍କ ର ଦାବି ଅନୁସାରେ ଆଠ ଘଣ୍ଟା ରୁ ଅଧିକ ସମୟ କାର୍ଯ୍ୟ ରେ ଲାଗୁଛନ୍ତି, ନିୟମିତ ଭାବରେ ଦରମା ପ୍ରଦାନ କରାଯାଉ ନାହିଁ, ସ୍ୱାସ୍ଥ୍ୟ ଓ ଚିକିତ୍ସା ବାବଦରେ ରହୁଥିବା ସୁବିଧାକୁ ପ୍ରଦାନ କରାଯାଉନାହିଁ। କର୍ମଚାରୀ ମାନଙ୍କର ଏହି ସୁବିଧାକୁ କର୍ତ୍ତୃପକ୍ଷ ପରଣ ନ କରନ୍ତି ଆଗାମୀ ଦିନରେ ବିଦ୍ୟୁତ ଉପଭୋକ୍ତା ମାନେ ବିଦ୍ୟୁତ ସ୍ୱୋରୁ ବଞ୍ଚିତ ହେବେ। କର୍ମଚାରୀ ମାନଙ୍କର ସୁବିଧା ପ୍ରତି ଯତ୍ନବାନ ହେଲେ ସେମାନଙ୍କ ର କାର୍ଯ୍ୟ କରିବା ପାଇଁ ଇଚ୍ଛା ଶକ୍ତି ବୃଦ୍ଧି ସହ ବିଦ୍ୟୁତ ସ୍ୱୋ ସୁଚାରୁରୂପେ ମିଳିପାରିବ ବୋଲି ଉପଭୋକ୍ତା ମହଲରେ ଆଲୋଚନା ହେଉଛି। ଏହି ଆନ୍ଦୋଳନ ଫଳରେ କମ୍ପାନୀ କର୍ତ୍ତୃପକ୍ଷ କର୍ମଚାରୀ ମାନଙ୍କ ଦାବି କୁ ପୂରଣ କରିବା ପାଇଁ ସହମୋତି ଦେଇଛନ୍ତି ଫଳରେ ଆନ୍ଦୋଳନ ସ୍ଥଗିତ ରଖିବାକୁ କର୍ମଚାରୀ ମାନେ ନିଷ୍ପତ୍ତି ନେଇଛନ୍ତି।

## ସାହିତ୍ୟ ପତ୍ରିକା 'ଗୌରୀପ୍ରଭା' ଉନ୍ମୋଚନ ପର୍ବ




ଭଦ୍ରକ, ୧୦/୩ (ନି.ପ୍ର): ଆଜି ପୂର୍ବାହ୍ଣରେ ସ୍ଥାନୀୟ ସଂସ୍କୃତି ଭବନ ଠାରେ କବି ପତିତପାବନ ପାଣିଙ୍କ ସଂପାଦିତ ବିଶୁଦ୍ଧ ସାହିତ୍ୟ ପତ୍ରିକା 'ଗୌରୀପ୍ରଭା'ର ପ୍ରଥମ ବର୍ଷ ପ୍ରଥମ ସଂଖ୍ୟା ଉନ୍ମୋଚିତ ହୋଇଯାଇଛି। 'ପ୍ରେମ ପୃଥିବୀ'ର ସଂପାଦକ କୈଳାସ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱ ଓ କବି କିଶୋର ପାଣିଗ୍ରାହୀଙ୍କ ସଂଚାଳିତ ଏହି ଉନ୍ମୋଚନ ଉତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ କବି ଫନୀ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଓଡିଆ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କୃତ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଏକ ବିଶୁଦ୍ଧ ସାହିତ୍ୟ ପତ୍ରିକା ବଂଚେଇ ରଖିବାର ପ୍ରୟାସ ଲେଖକ, ପାଠକ ଓ ସଂପାଦକଙ୍କ ସମନ୍ୱିତ ଉଦ୍ୟମ ଉପରେ ନିର୍ଭର କରେ ଏବଂ ପତ୍ରିକା ସଂପାଦନା ରସିକ ପଣର ରୂପକଳ୍ପ ବୋଲି ମତ ବ୍ୟକ୍ତ କରିଥିଲେ। ବରେଣ୍ୟ ବକ୍ତା ଭଦ୍ରକର ଉପ-ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଅଂଶୁମାନ ଦ୍ୱିବେଦୀ ପଦପଦବୀ ଜୀବନର ଅବଲମ୍ବନ ବା ଆନୁଷଙ୍ଗିକ ହୋଇପାରେ ମାତ୍ର ଜୀବନର ଉଦ୍ଦେଶ୍ୟ ନୁହଁ ବୋଲି ମତ ରଖିଥିବାବେଳେ ଅନ୍ୟତମ ବରେଣ୍ୟ ବକ୍ତା କବି ଇଂ ସରୋଜ ମହାପାତ୍ର ସଂପ୍ରତି ଓଡିଆ ସାହିତ୍ୟର ଆବୃତି, ସଂକଟ ଓ ସମାଧାନ ଉପରେ ଆଲୋକପାତ କରିଥିଲେ। ସଂପାଦକଙ୍କ ପିତା ଏବଂ କନିଷ୍ଠ ପିତା ଯଥାକ୍ରମେ ଗୌରୀଶ୍ୟାମ ପାଣି, ମାନସ ରଂଜନ ପାଣି ନିଜନିଜର ପ୍ରତିକ୍ରିୟା ସ୍ୱରୂପ ପତ୍ରିକାର ନିରବଚ୍ଛିନ୍ନ ନିରାମୟ ପ୍ରକାଶନ କାମନା କରିଥିଲେ। ଏହି ଅବସରରେ ପ୍ରଖ୍ୟାତ ପ୍ରାଧ୍ୟାପକ, ପ୍ରାବନ୍ଧିକ, ସମାଲୋଚକ, ଅନୁବାଦକ ତଥା ବିଚକ୍ଷଣ ବାଗ୍ମୀ ଡ. ବ୍ରଜମୋହନ ମିଶ୍ରଙ୍କୁ ପ୍ରଥମ 'ଗୌରୀପ୍ରଭା ସାରସ୍ୱତ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସଂବର୍ଦ୍ଧିତ ପ୍ରତିଭା ଡ. ମିଶ୍ର ସାହିତ୍ୟ ଅଭିଜ୍ଞତାକୁ ବ୍ୟାପ୍ତି ଦେବା ସହ ଜୀବନକୁ ଉତ୍କୃଷ୍ଟ କରେ ବୋଲି କହିଥିଲେ। ଏହି ସାରସ୍ୱତ ସଭାରେ 'ନିହାର କନ୍ୟା'ର ସଂପାଦକ କବି ସୁରଂଜନ ପାତ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ। ସର୍ବଶ୍ରୀ ଯୁବକଥାକାର ସଂଗ୍ରାମ କେଶରୀ ସେନାପତି, କବି ବିଚିତ୍ରାନନ୍ଦ ଯେନା, ଦିଗ୍ୱିଜୟ ମଲ୍ଲିକ, ସ୍ରାଜ ବେହେରା, ସୁଜିତ୍ ସାହୁ ଓ ଜ୍ୟୋତ୍ସାରାଣୀ ପାଣି ପ୍ରଭୃତି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଶିଶୁଅନନ୍ତ ପ୍ରେସକ୍ଲବର ପ୍ରଥମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ



ବାଲିପାଟଣା, ୧୦/୩ (ନି.ପ୍ର): ଜୟଦେବ ନିର୍ବାଚନମଣ୍ଡଳୀରେ ନୂତନଭାବେ ଗଢିଉଠିଥିବା 'ଶିଶୁଅନନ୍ତ ପ୍ରେସ କ୍ଲବ'ର ପ୍ରଥମ ପ୍ରତିଷ୍ଠା ଦିବସ ଆଜି ବାଲିପାଟଣା ସ୍ଥିତ ସିଦ୍ଧସାଦ୍ଧକ ଶିଶୁଅନନ୍ତ ପିଠରେ ଅନୁଷ୍ଠିତ ହୋଇଯାଇଛି । କ୍ଲବର ସଭାପତି ବିଦ୍ୟାଭୂଷଣ ଭୋଳ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏଥିରେ ମୁଖ୍ୟଅତିଥିଭାବେ ବାଲିପାଟଣା ପ୍ରେସ କ୍ଲବର ସଭାପତି ଦିଲ୍ଲିପ କୁମାର ଓଝା, ସମ୍ମାନ ଅତିଥିଭାବେ ଶିକ୍ଷାବିତ ବିଧୁଭୂଷଣ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ତନୟା ଶିଶୁ ଗୋସ୍ୱାମୀ, ବାଲିପାଟଣା ଥାନା ଆରକ୍ଷୀ ସହାୟକ ରାକେଶ ସାମଲ, ମାଗୁଣୀ ଚରଣ ସେଠି, ସାରଦା ଶତପଥି, ଶିକ୍ଷାବିତ ନାରାୟଣ ବେହେରା, ପ୍ରକୃତିବନ୍ଧୁ ଦିନବନ୍ଧୁ ଭୋଇ, ଯୁବନେତା ଶିବ ମଲ୍ଲିକ, ରଞ୍ଜନ କୁମାର ମହାପାତ୍ର, ସାମ୍ବାଦିକ ଦ୍ୱିତିକୃଷ୍ଣ ପଟ୍ଟନାୟକ, ସମାଜସେବୀ ନାରାୟଣ ବେହେରା ପ୍ରମୁଖ ଯୋଗଦେଇ ସଂଘର ଉତ୍ତୋରଉତ୍ତର କାମନା କରିବା ସହ ଆଜିର ସମାଜରେ ସାମ୍ପ୍ରତିକ ପରିସ୍ଥିତି ଓ ପରିବେଶରେ ସାମ୍ବାଦିକତା କରିବା ଏକ କଷ୍ଟସାଧ କାମ । ତେଣୁ ଏହିଭଳି ପରିସ୍ଥିତିରେ ଜଣେ ସାମ୍ବାଦିକଟିଏ ଖବର ପ୍ରସାରଣ କରିବାପାଇଁ ହେଲେ ନିଜ ଭିତରେ ଅଦମ୍ୟ ସାହାସ ଓ ଅସୀମ ଧୈର୍ଯ୍ୟ ରହିବା ଆବଶ୍ୟକ । ସାମ୍ବାଦିକ ମାନେ କାହାର ଚାପରେ ଭୟଭୀତ ନ ହୋଇ ନିର୍ଭିକ ଭାବେ ଖବର ପ୍ରସାରଣ କରିବା ସହ ଅଞ୍ଚଳର ସାମୁହିକ ସମସ୍ୟା ଉପରେ ଗୁରୁତ୍ୱ ଦେଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଆବଶ୍ୟକ ବୋଲି ଅତିଥିମାନେ ମତ ରଖିଥିଲେ । ଏହି ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ 'ଶିଶୁ ଅନନ୍ତ ଗୌରବ' ସମ୍ମାନରେ ସମ୍ମାନୀତ କରାଯାଇଥିବା ବେଳେ କ୍ଲବର ଉପଦେଷ୍ଟା ମଣ୍ଡଳୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ କ୍ଲବର ଏକ ଲୋଗୋ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । କ୍ଲବର ଉପସଭାପତି ପ୍ରଳୟ କୁମାର ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ଆଶୁତୋଷ ଚୌଧୁରୀ ଧନ୍ୟବାଦ ଅର୍ପଣ କରିବା ସହ ସଂଘର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ସୁରେଶ କୁମାର ବେହେରା ,ସହ ସଂପାଦକ ସୂର୍ଯ୍ୟକାନ୍ତ ସେନାପତି ,ମିଡ଼ିଆ ସଂଯୋଜକ ବିଜୟ କୁମାର ଭୋଇ , ସହ କୋଷାଧ୍ୟକ୍ଷ ଗୁରୁ ପ୍ରସାଦ ଦାସ , ଯୁଗ୍ମ ସଂପାଦକ ପାର୍ଥ ରବି ନାରାୟଣ ମିଶ୍ର , କାର୍ଯ୍ୟକାରୀଣି କମିଟି ସଦସ୍ୟ ପ୍ରକାଶ ବାରିକ , ରୁଦ୍ର ନାରାୟଣ ମହାପାତ୍ର , ତ୍ରିନାଥ ଚନ୍ଦ୍ର ସାହୁ , ସଦସ୍ୟ ବିଶ୍ୱ ରଞ୍ଜନ ଦାସ , କିଶୋର ଭୋଇ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଡକାୟତି ଯୋଜନା ପଣ୍ଡ: ୪ ଗିରଫ

ଜୟପୁର, ୧୦/୩ (ନି.ପ୍ର): ଡକାୟତି ଯୋଜନା ପଣ୍ଡ କଲା ଜୟପୁର ସଦର ପୋଲିସ । ଏହି ମାମଲାରେ ୪ ଅଭିଯୁକ୍ତ କୁ ଗିରଫ କରିଛି । ପୋଲିସ ସୁଚନା ଅନୁଯାଇ ଜୟପୁର ସଦର ଥାନା ଅନ୍ତର୍ଗତ ଗାଗନାପୁର ଶିବ ମନ୍ଦିର ପଛପଟେ ଏକ ଡକାୟତି କରିବା ପାଇ ଯୋଜନା କରୁଥିଲେ । ଏନେଇ ଜୟପୁର ସଦର ପୋଲିସ ପହଂଚି ଚଢାଉ କରିଥିଲା । ଚଢାଉ କରି ୪ ଅଭିଯୁକ୍ତ କୁ ଗିରଫ କରିଥିଲା । ଗିରଫ ଅଭିଯୁକ୍ତ ମାନେ ହେଲେ ସିଆଡିମାଳ ଗ୍ରାମର ଶିବ ମୁଦୁଲି (୨୪) ସୁନିଲ ହରିଜନ (୩୦) କୈଳଶ ଦଣ୍ଡସେନା(୧୯) ନନ୍ଦଗୁଡାର ସନ୍ତୋଷ ବାଘ (୧୯) । କୁନ୍ଦୁରା ଥାନା ଅଂଚଳର ବାବୁ ଏଲିୟସ ବିନୋଦ ବାରିକ ଫେରାର ଅଛି ।ଏମାନଙ୍କ ଠାରୁ ପିସ୍ତଲ, ଲୁହା ରଡ, ଛୁରି, ୫ଟି କଳା ମାସ୍କ, ୪ଟି ମୋବାଇଲ, ୨ଟି ବାଇକ, ଗୋଟିଏ କାର ଜବତ କରିଛି ।

## ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ: ଆନ୍ଦୋଳନକୁ ଓହ୍ଲାଇବେ ମିନି ଅଙ୍ଗନୱାଡି କେନ୍ଦ୍ରର କର୍ମୀ



ଖଇରା, ୧୦/୩ (ନି.ପ୍ର): ରାଜ୍ୟ ସରକାର ଗୋଟିଏ ପଟେ ମିନି ଅଙ୍ଗନୱାଡି ପଦବୀ କୁ ଉଚ୍ଛେଦ ପାଇଁ ଘୋଷଣା କରିଥିବା ବେଳେ ଅନ୍ୟ ପଟେ ସେମାନଙ୍କ ପାଇଁ ନିକଟରେ କମ ପାରିଶ୍ରମିକ ବୃଦ୍ଧି କରି ସେମାନଙ୍କ ମଧ୍ୟରେ ବୈଷମ୍ୟ ସୃଷ୍ଟି କରିଛନ୍ତି । ଅଙ୍ଗନୱାଡି କର୍ମୀଙ୍କ ଠାରୁ ମିନି କେନ୍ଦ୍ରର କର୍ମୀ ମାନେ ଅଧୀକ କାର୍ଯ୍ୟଭାର ନେଉଥିବା ବେଳେ ସେମାନଙ୍କ ପାଇଁ କମ ପାରିଶ୍ରମିକ ଦେବା ଦୁଃଖର ବିଷୟ । ଯଦି ସରକାର ପୂର୍ବ ଘୋଷଣା ଅନୁଯାୟୀ ମିନି କେନ୍ଦ୍ର ଗୁଡିକୁ ନିୟମିତକେନ୍ଦ୍ରର ମାନ୍ୟତା ଦେଇ ସମାନ କାମ ପାଇଁ ସମାନ ଦରମା ବ୍ୟବସ୍ଥା ନକରନ୍ତି ତେବେ ଖଇରା ବ୍ଲକରେ କାର୍ଯ୍ୟରତ ସମସ୍ତ ମିନିକେନ୍ଦ୍ରର କର୍ମୀ ମାନେ ଆନ୍ଦୋଳନ କୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ରବିବାର ବାଲେଶ୍ୱର ଜିଲା ଖଇରା ବ୍ଲକର କୁପାରୀସ୍ଥିତ ଅମ୍ବିକା ଆଶ୍ରମ ପରିସରରେ ଆୟୋଜିତ ବୈଠକରେ ସର୍ବ ସମ୍ମତି କ୍ରମେ ଏହି ନିଷ୍ପତ୍ତି ଗ୍ରହଣ କରାଯିବା ସହ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଦାବୀ କରିଛନ୍ତି । କର୍ମୀ ମାନଙ୍କ ଅଭିଯୋଗ ଅନୁଯାୟୀ ସରକାର ୨୦୨୩ ମସିହା ଅକ୍ଟୋବର ୧୬ତାରିଖରେ ରାଜ୍ୟର ସମସ୍ତ ୭ହଜାର୫୭୯ ମିନି ଅଙ୍ଗନୱାଡିକୁ ନିୟମିତ କେନ୍ଦ୍ରକୁ ଉନ୍ନିତ କରିଥିଲେ । ଏଥିରେ ମିନି କେନ୍ଦ୍ରର କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ ଉପରେ ଗଭୀର ଆସ୍ଥା ପ୍ରକଟ କରିଥିଲେ । ହେଲେ ଫେବୃଆରୀ ୨୯ତାରିଖରେ ପୁନଶ୍ଚ ନିୟମିତ ଓ ମିନି କେନ୍ଦ୍ର ମଧ୍ୟରେ ବେଷମ୍ୟ ଭାବ ସୃଷ୍ଟି କରାଯାଇ ପାରିଶ୍ରମିକ ବୃଦ୍ଧି କରାଯାଇଛି । ଯେଉଁଥିପାଇଁ ମିନିକେନ୍ଦ୍ର କର୍ମୀଙ୍କ ପ୍ରତି ସରକାରଙ୍କ ବୈମାତୃକ ଭାବକୁ ପଦାରେ ପକାଇଛି ବୋଲି କର୍ମୀ ପଦ୍ମାବତୀ ନାୟକ,ସନ୍ଧ୍ୟାରାଣୀ ସ୍ୱାଇଁ,ବାସନ୍ତୀ ସାହୁ, ଲିଳାବତୀ ସେଠୀ, କଳ୍ପଲତା ସେଠୀ, ଗୀତାରାଣୀ ସାହୁ, ଅନୁସୂୟା ପତି, କବିତା ଜେନା, ମଞ୍ଜୁସ୍ମିତା ସ, କୌଶଲ୍ୟା ଭୁୟାଁ, ଜ୍ୟୋତିରେଖା ରାଉତ, ପ୍ରଭାତୀ ସାହୁ ପ୍ରମୁଖ କହିଛନ୍ତି ।

## ଔପଦା ବ୍ଲକରେ ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ନବୀନ କାର୍ଡ ବଣ୍ଟନ



ନୀଳଗିରି , ୧୦/୩ (ନି.ପ୍ର): ଓଡ଼ିଶାବାସୀଙ୍କ ପ୍ରତି ପରିବାରକୁ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କରି ପ୍ରତି ପରିବାରର ପ୍ରତ୍ୟେକ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି। ମାତ୍ର ଏଥିରେ ଅଧିକାଂଶ ପରିବାର ବଞ୍ଚିତ ହୋଇଥିବାରୁ ନୂତନ ଭାବେ ଗତ ୬ତାରିଖରେ ବିଏସକେୱାଇ ନବୀନ କାର୍ଡର ଶୁଭାରମ୍ଭ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍ଘାଟନ କରାଯାଇଛି। ଏହି ଅବସରରେ ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ତରଫରୁ ବିଡ଼ିଓ ଆଦିକନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରଥମ ପର୍ଯ୍ୟାୟ ନବୀନ କାର୍ଡ ବାଉଁଶବଣିଆ ପଞ୍ଚାୟତ କାର୍ଯ୍ୟଳୟରେ ବଣ୍ଟନ କରାଯାଇଥିଲା। ମୁଖ୍ୟଅତିଥି ଭାବରେ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଯୋଗଦେଇ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। ଏହି ଉପଲକ୍ଷେ ଉତ୍ତର ଔପଦାର ୫ଗୋଟି ପଞ୍ଚାୟତ ଯଥା:-ଇଶ୍ୱରପୁର, କାଣ୍ଡଗରଡି, ଶ୍ୟାମସୁନ୍ଦରପୁର, ବାଉଁଶବଣିଆ, ଦକ୍ଷିଣନରସିଂହପୁର ପଞ୍ଚାୟତର ହିତାଧିକାରୀ ମାନଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା। ମୋଟ ୧୩୦୪ଜଣ ହିତାଧିକାରୀ ପଞ୍ଜିକରଣ କରିଥିବା ବେଳେ ୭୦୫ଟି କାର୍ଡ ମଞ୍ଜୁର ହୋଇଛି। ସେଥିମଧ୍ୟରୁ ୫୯୮କାର୍ଡ ବଣ୍ଟନ ପାଇଁ ଆସିଥିବା ବେଳେ ଆଜି ୪୭୯ଟି କାର୍ଡ ବଣ୍ଟନ କରାଯାଇଛି। ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହିଉତ୍ସବରେ ଔପଦା ବ୍ଲକ୍ ଉପାଧ୍ୟକ୍ଷ ପ୍ରଭାକର ସାହୁ, ଇଶ୍ୱରପୁର ମେଡିକାଲ ଅଫିସର ଡ଼. କୈଳାସ ଚନ୍ଦ୍ର ବେହେରା, ବ୍ଲକ ଇଞ୍ଜିନିୟର ମମତାରାଣୀ ମାହାତ, ଶ୍ୟାସୁନ୍ଦରପୁର ସରପଞ୍ଚ ପୁରସ୍ତମ ସେଠୀ, କାଣ୍ଡଗରଡି ସରପଞ୍ଚ ରାଜେନ୍ଦ୍ର ରାଉତ, ସମିତି ସଭ୍ୟ ଭାଗବତ ଖିଲାର, ଦକ୍ଷିଣନରସିଂହପୁର ସରପଞ୍ଚ ଅଶୋକ ଜେନା, ସମିତି ସଭ୍ୟା ପଦ୍ମଜା କାନୁନଗୋ,ଇଶ୍ୱରପୁର ସରପଞ୍ଚ ସାଧନା ମହାଳିକ, ଔପଦା ଏମ. ଆଇ ରାଜଲକ୍ଷ୍ମୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଏହି ଯୋଜନାରେ ହିତାଧିକାରୀ ମାନେ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଯୋଜନାର ଫାଇଦା ନେବାକୁ ଆହ୍ୱାନ ଦେଇଥିଲେ। ଦକ୍ଷିଣନରସିଂହ ପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁକାନ୍ତ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ ସେଠୀ, ମାୟାଧର ବାହାଲ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଗୁହାଳରେ ନିଆଁ ଲାଗି ଜଳିଗଲେ ୩୦ଛେଳି ଓ ୩ ଗୋରୁ



ବସ୍ତା୧୦ ।୩(ନିପ୍ର)ଗୁହାଳରେ ମସା ଧୁଆଁରୁ ୩୦ ଛେଳି ୩ ଗୋରୁ ଜିବନ୍ତ ଦଗ୍ଧ, ହେବା ସହିତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ, ହୋଇଯାଇଛି ।ସୁଚନା ଅନୁଯାୟୀ ବସ୍ତା ଥାନା ଶ୍ରୀରାମପୁର ପଞ୍ଚାୟତ ବଳବୁଦ୍ଧି ଗ୍ରାମର କୈଳାସ ମଲ୍ଲିକଙ୍କ ଗୁହାଳରେ ବିଳମ୍ବିତ ରାତିରେ ନିଆଁ ଲାଗି ୩୦ ଛେଳି,୩ ଗୋରୁ ସମେତ ଲକ୍ଷାଧିକ ଟଙ୍କାର ଧାନ ଚାଉଳ ସମେତ ଆସଭାବପତ୍ର ପୋଡି ପାଉଁଶ, ହୋଇଯାଇଛି ।ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ, । ଗୁହାଳରେ ହଠାତ ନିଆଁ ଲାଗି ଯାଇଥିଲା ନିଆଁର ପ୍ରକୋପ ଏତେମାତ୍ରାରେ ବଢିଥିଲାଯେ ପାଖରେଥିବା ଘରେ ମଧ ନିଆଁ ଲାଗି ଯାଇଥିଲା, । ପରିବାର ଲୋକେ ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିବା ସହିତ ଅଗ୍ନୀଶ୍ରମ ବାହାନୀକୁ ଖବର ଦେଇଥିଲେ, ।ଘଟଣା ସ୍ଥଳରେ ଅଗ୍ନୀସମ ବାହିନି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ,ନିଆ ଲାଗିବାର କାରଣ ଅସ୍ପଷ୍ଟ,ତେବେ ପୂର୍ବ ଶତୃତାରୁ ପାଖ ପଡୋଶୀ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ଅଭିଯୋଗ କରିଛନ୍ତି ସୁମତୀ ମଲ୍ଲୀକ ।,କୈଲାସ ଛେଳି ଚାଷ କରି ପରିବାର ପ୍ରତିପୋଷଣ କିରନ୍ତି,ମାତ୍ର ଛେଳି ସବୁ ମରିଯିବା ପରେ ପରିବାର ଚଳାଇବା ଚିନ୍ତାରେ ପରିବାର ଲୋକେ, ।ସରକାରୀ ସହାୟତା ଯୋଗାଇ ଦେବାପାଇଁ ନିବେଦନ କରିଛନ୍ତି ଗ୍ରାମବାସୀ।

## ଦିନିକିଆ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ: ନେପୁରାର ସୂର୍ଯ୍ୟଶିଖା ଦଳ ଚାମ୍ପିୟନ

ଲଙ୍ଗଳେଶ୍ୱର ୯/୩ (ନି ପ୍ର) ବାଲିଆପାଳ ବ୍ଲକ ଶ୍ରୀରାମ ପୁର ରୋର୍ଡ ମଈଁଷାମୁଣ୍ଡା ଶଙ୍କର ନାଥ କ୍ଲବ ପକ୍ଷରୁ ମଈଁଷା ମୁଣ୍ଡା ପଡିଆରେ ଦିବା ରାତ୍ର ଏକଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଶନିବାର ସାନ୍ଧ୍ୟରେ ଉଦଯାପିତ ହୋଇଯାଇଛି। ପ୍ରତିଯୋଗିତରେ ମଈଁଷାମୁଣ୍ଡା ଆର୍ମି (ହରିଆନା) , ନେପୁରା ସୂର୍ଯ୍ୟ ଶିଖା, ଓଡ଼ିଶା ଫାୟାର, ବାଲିଆପାଳ ଷ୍ଟୁଡେଣ୍ଟ୍ କ୍ଲବ, ୱେଷ୍ଟ ବେଙ୍ଗଲ ଆଦି ପାଞ୍ଚଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ନେପୁରା ସୂର୍ଯ୍ୟ ଶିଖା ଓ ବାଲିଆପାଳ ଷ୍ଟୁଡେଣ୍ଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା। ଏଥିରେ ନେପୁରା ସୂର୍ଯ୍ୟ ଶିଖା ଦଳ ଚାମ୍ପିୟନ ହୋଇ ଥିବାବେଳେ ବାଲିଆପାଳ ଷ୍ଟୁଡେଣ୍ଟ୍ କ୍ଲବ ଦଳ ରନର୍ସ ଅପ୍ ହୋଇ ଥିଲା। ଉଦଯାପନ ସଭା ରେ ଡଃ ସନ୍ତୋଷ କୁମାର ଦାସ, ହରେକୃଷ୍ଣ ବେହେରା, ହିମାଂଶୁ ରଣା,ଡ଼ଃ ସୁକାନ୍ତ କୁମାର ଗିରି, ଡଃ ଅଜୟ କୁମାର ବେହେରା, ସରପଞ୍ଚ ଦେବ କୁମାର ଦେ, ସନ୍ୟାସୀ ବେହେରା ପ୍ରମୁଖ ଅତିଥି ଭାବରେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ଓ ପରାଜିତ ଦଳକୁ ରନର୍ସ ଅପ୍ ଓ ନଗଦ ଟଙ୍କା ପ୍ରଦାନ କରିଥିଲେ। ଶରତ କୁମାର ଦେ, ଅନନ୍ତ କୁମାର ସାହୁ, ରଞ୍ଜନ କୁମାର ସାହୁ,ସଞ୍ଜୟ କୁମାର ସାହୁ, ଅନୀଲ କୁମାର ସାହୁ, ଜୟ କୃଷ୍ଣ ସାହୁ, ରାଜୀବ ଲୋଚନ ସାହୁ, ଅନାଦି ସାହୁ, ଲମ୍ବୋଦର ମାଣିକ ପ୍ରମୁଖ ଖେଳ ପରି ଚାଳନା କରି ଥିଲେ। ରଞ୍ଜନ କୁମାର ସାହୁ ଓ ବିଭାଶିସ ଦେ ରେଫାରୀ ଥିଲେ। ଏହି ଅବସରରେ ପୂର୍ବତନ ସୈନିକ ଶରତ କୁମାର ଦେ, ରମାକାନ୍ତ ସାହୁ, ବିନୋଦ ସାହୁ, ରତ୍ନାକର ସାହୁ, ବିଶ୍ୱ ନାଥ ସାହୁ, ଶ୍ରୀଧର ସାହୁ, ସମରେନ୍ଦ୍ର ସାହୁ, ତରୁଣ ସାହୁ , ଶ୍ରୀନିବାସ ସାହୁ, ଶୁଭେନ୍ଦୁ ସାହୁ ପ୍ରମୁଖଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଅନନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ସାହିତ୍ୟରେ ଅଧିକ ଗବେଷଣା ପାଇଁ ନେପାଳ ଯିବେ ଏଫ୍. ଏମ ବିଶ୍ୱବିଦ୍ୟାଳୟର ଦୁଇ ପ୍ରଫେସର





ନୀଳଗିରି, ୧୦/୩ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟର ଦୁଇ ଓଡିଆ ପ୍ରଫେସର ଡ଼ କୃଷ୍ଣଚନ୍ଦ୍ର ପ୍ରଧାନ ଓ ପ୍ରଫେସର ଡ଼ ଦେବାଶିଷ ପାତ୍ର ଓଡିଆ ସାହିତ୍ୟର ଆଦ୍ୟ ଆଲେଖ୍ୟ ଚର୍ଯ୍ୟା ସାହିତ୍ୟ ଉପରେ ଅଧିକ ଗବେଷଣାତ୍ମକ ତଥ୍ୟ ପ୍ରାପ୍ତ ଉଦ୍ଦେଶ୍ୟରେ ନେପାଳ ରାଜ ଦରବାର ଯିବେ ବୋଲି ସଦ୍ୟ ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆଲୋଚନାଚକ୍ରରୁ ପ୍ରକାଶ ପାଇଛି । ଏଠାରେ ସୂଚନା ଥାଉକି ସଦ୍ୟ ସମାପ୍ତ ହୋଇଥିବା ଚର୍ଯ୍ୟା ସାହିତ୍ୟ ସମ୍ପର୍କିତ ଆଲୋଚନାଚକ୍ରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରୀପାଠୀ ଉଦ୍ଘାଟକ ଭାବରେ ଯୋଗଦାନକରି ଚର୍ଯ୍ୟା ସମ୍ପର୍କିତ ବହୁ ତଥ୍ୟ ଜ୍ଞାତ ହେବାସହ ଏହାର ବିସ୍ତୃତ ତଥ୍ୟ ପାଇଁ ଦୁଇ ପ୍ରଫେସରଙ୍କୁ ବିଶ୍ୱବିଦ୍ୟାଳୟ ତରଫରୁ ନେପାଳ ପଠାଇବେବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ୧୯୧୬ ମସିହାରେ ବଙ୍ଗଳାର ଡ଼ ହରପ୍ରସାଦ ଶାସ୍ତ୍ରୀ ନେପାଳ ରାଜଦରବାରରୁ ପ୍ରାପ୍ତ ପୋଥିରୁ ଯେଉଁ ଓଡ଼ିଆ ଭାଷାର ସୂଚନା ପ୍ରାପ୍ତି ହୋଇଥିଲେ ତାହା ଉପରେ ଅଧିକ ଗବେଷଣା କରିବାର ତାତ୍ପର୍ଯ୍ୟ ଅଛିବୋଲି ପ୍ରଫେସର ତ୍ରୀପାଠୀ ମତବ୍ୟକ୍ତ କରିଥିଲେ । ଏହି ପରିପ୍ରେକ୍ଷୀରେ ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଏତାଦୃଶ କାର୍ଯକ୍ରମକୁ କୁଳପତି ସାଧୁବାଦ୍ ପ୍ରଦାନ କରିବା ସହ ଆବାହକ ଡ଼ ପ୍ରଦୀପ୍ତ କୁମାର ମିଶ୍ରଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ତେଣୁ ଦୁଇ ପ୍ରଫେସର ନେପାଳ ଯିବାପାଇଁ ପ୍ରସ୍ତୁତ ହେଉଥିବାର ଜଣାଯାଇଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo